RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ◆ISSUE-76 ◆WEDNESDAY ◆9 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୭୬ ◆ବୁଧବାର ◆୯ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ୟୁଏସ୍ ଓପନ୍: କ୍ୱାର୍ଟର୍‌ରେ ରିବାକିନା
▶ପୃଷ୍ଠା ୧୨ ଦେଖନ୍ତୁ...

## ଏସ୍‌ଆଇଆର: ମତଦାତାଙ୍କ ବୟସ ଓ ସଂଖ୍ୟା ମଧ୍ୟରେ ବ୍ୟବଧାନ ବିଶାଳ

# କଟିବେ ୧୫ କୋଟି ଭୋଟର

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ସେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ବା ଏସ୍‌ଆଇଆର୍) କୁ ନେଇ ଏକ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ବିଭିନ୍ନ ରାଜ୍ୟରେ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରୁ ପ୍ରାୟ ୧୩ କୋଟି ୩୭ ଲକ୍ଷ ନାଁ ବାଦ ଦିଆଯାଇଛି। ତେବେ ବିଭିନ୍ନ ଆପତ୍ତି ଅଭିଯୋଗ ଓ ଯୋଗ ବିଯୋଗ ପରେ ସାରା ଦେଶରେ ଏସ୍‌ଆଇଆର୍ ଶେଷ ବେଳକୁ ଅନ୍ୟୂନ ୧୧.୫ କୋଟି ଭୋଟର ବାଦ ପଡ଼ିବା ଆପାତତଃ ନିଶ୍ଚିତ ବୋଲି କୁହାଯାଉଛି। ମାତ୍ର ଏହା ମଧ୍ୟରେ ଆଉ ଯେଉଁ ବଡ଼ ତଥ୍ୟଟି ବାହାରକୁ ଆସିଛି, ତାହା ସବୁଠାରୁ ସଂଘାତିକ ମନେ ହେଉଛି। ଏହି ତଥ୍ୟ ଅନୁସାରେ ବୟସ ଦୃଷ୍ଟିରୁ ଦେଶର ଭୋଟଦାନ ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିବା ମୋଟ ଜନସଂଖ୍ୟାର ପ୍ରାୟ ୧୫% ଅର୍ଥାତ୍ ୧୫ କୋଟି ଲୋକ ଭୋଟର ତାଲିକାରୁ ବାଦ ପଡ଼ିବା ଆପାତତଃ ନିଶ୍ଚିତ ହୋଇ ଯାଇଛି।

ଜାତୀୟ ଗଣମାଧ୍ୟମଗୁଡ଼ିକରେ ପ୍ରକାଶିତ ତଥ୍ୟ ଅନୁସାରେ ୨୦୨୪ ଲୋକସଭା ନିର୍ବାଚନ ସମୟରେ ଦେଶର ମୋଟ ମତଦାତାଙ୍କ ସଂଖ୍ୟା ଥିଲା ପ୍ରାୟ ୯୮ କୋଟି। ମାତ୍ର ସେହି ସମୟରେ

### ଏସ୍‌ଆଇଆର ଡ୍ରାଫ୍ଟ ତାଲିକାରୁ ୧୩.୩୭ କୋଟି ନାଁ ବାଦ

ମତଦାନ ପାଇଁ ଯୋଗ୍ୟ ୧୮ ବର୍ଷରୁ ଊର୍ଦ୍ଧ୍ୱ ନାଗରିକମାନଙ୍କର ମୋଟ ସଂଖ୍ୟା ଥିଲା ୯୯ କୋଟି। ମାତ୍ର ଏସ୍‌ଆଇଆର୍ ପରେ ଦେଶରେ ମତଦାନ ନିମନ୍ତେ ଯୋଗ୍ୟ ଅର୍ଥାତ୍ ୧୮ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ୧୦୩ କୋଟିକୁ ବୃଦ୍ଧି ପାଇଥିବା ସମୟରେ ମୋଟ ଭୋଟର ତାଲିକା ଅନୁସାରେ ମତଦାତାଙ୍କ ସଂଖ୍ୟା ୮୮ କୋଟିକୁ ଖସିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ମତଦାନ ନିମନ୍ତେ ଯୋଗ୍ୟ ଓ ଭୋଟର ତାଲିକାରେ ସୂଚୀଭୁକ୍ତ ମତଦାତାଙ୍କ ସଂଖ୍ୟା ମଧ୍ୟରେ ୧୫ କୋଟିର ବିଶାଳ



ପାର୍ଥକ୍ୟକୁ ନେଇ ଏବେ ସାରା ଦେଶରେ ସନ୍ଦେହ ସୃଷ୍ଟି ହୋଇଛି। ଯାହାକୁ ନେଇ ରାଜନୈତିକ ସମୀକ୍ଷକ, ସୂଚନାଧିକାର କର୍ମୀ ଅଦାଲତର ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟରେ ବିହାରରୁ ୬୫.୧ ଲକ୍ଷ ଭୋଟରଙ୍କ ନାମ କଟିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଛତିଶଗଡ଼, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡ୍ଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରୁ ୬.୫ କୋଟି ଭୋଟରଙ୍କ ନାମ ବାଦ ଦିଆଯାଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶ, ହରିଆଣା, ଝାରଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ, ଓଡ଼ିଶା, ପଞ୍ଜାବ, ତେଲଙ୍ଗାନା, ଉତ୍ତରାଖଣ୍ଡରୁ ୬.୧ କୋଟି ଭୋଟର ବାଦ ପଡ଼ିଛନ୍ତି। ମୃତ ବ୍ୟକ୍ତି, ସ୍ଥାନାନ୍ତରିତ ଭୋଟର, ତ୍ରୁଟିପୂର୍ଣ୍ଣ ନାମ ଯୋଗୁଁ ଅନେକ ମତଦାତାଙ୍କ ନାମ ବାଦ୍ ଦିଆଯିବାରେ କିଛି ଅସ୍ୱାଭାବିକତା ନାହିଁ; ମାତ୍ର ଅନେକ ସମୟରେ ଇଚ୍ଛାକୃତ ଭାବରେ ଅନେକ ଭୋଟରଙ୍କ ନାମକୁ ତାଲିକାରୁ ବାଦ ଦିଆଯାଉଥିବା ଅଭିଯୋଗ ▶ପୃଷ୍ଠା-୭

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଭୟଙ୍କର ତ୍ରୁଟି; ୨ ଗିରଫ

■ ମୁମ୍ବାଇ, ୮।୯ (ଏଜେନ୍ସି): ମୁମ୍ବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ତାଙ୍କର ସୁରକ୍ଷାରେ ଭୟଙ୍କର ତ୍ରୁଟି ଦେଖାଦେଇଛି। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ଯୁବକ ନିଜକୁ ପ୍ରଧାନମନ୍ତ୍ରୀ ଅଫିସର ଅଧିକାରୀ ବୋଲି କହିବା ସହିତ ତା ପାଖରେ ନକଲି ପରିଚୟପତ୍ର ମଧ୍ୟ ଥିଲା। ଅନ୍ୟ ବ୍ୟକ୍ତି ଜଣକ ହେଉଛି, ତାର କଥିତ ବଡିଗାର୍ଡ। ତା ପାଖରୁ ଗୋଟିଏ ପିସ୍ତଲ ଜବତ କରାଯାଇଛି। ଏହି ଘଟଣାକୁ ନେଇ ମୁମ୍ବାଇରେ ଆତଙ୍କ ଖେଳିଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ମୁମ୍ବାଇ କେବିସିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିଲା। ଏହାକୁ ଦୃଷ୍ଟିରେ ରଖି ସେଠାରେ ଗତକିଛି ଦିନ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହାସତ୍ତ୍ୱେ ରୋହନ ପାରେଖ ନାମ ଜଣେ ଯୁବକ ଗତକାଲି ସନ୍ଧ୍ୟାରେ ଜିଓ ୱାର୍ଲଡ ପ୍ଲାଜାରେ ପଶିଯାଇଥିଲା। ତାସହିତ ତାର ଗାର୍ଡ ମଧ୍ୟ ଥିଲା। ତାର ଗତିବିଧିକୁ ନେଇ ସୁରକ୍ଷା କର୍ମୀମାନେ ସନ୍ଦେହ କରିବାରୁ ଯୁବକ



ନକଲି ପିଏମ୍‌ଓ ପରିଚୟପତ୍ର, ପିସ୍ତଲ ଜବତ

ଜଣକ ପିଏମଓ ଅଧିକାରୀ ଭାବେ ନିଜର ପରିଚୟ ଦେବାସହିତ ପରିଚୟପତ୍ର ଦେଖାଇଥିଲା। କିନ୍ତୁ ଏହା ନକଲି ଜଣାପଡ଼ିବା ପରେ ତାକୁ ଏବଂ ତାର ବଡିଗାର୍ଡକୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ସେ କେମିତି ଏବଂ କେଉଁ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ସ୍ଥଳକୁ ଆସିଥିଲା, ତାହାର ଯାଞ୍ଚ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଆଜି ଥିବା ବେଳେ ଗତକାଲି ସନ୍ଧ୍ୟାରେ ତାକୁ ଗିରଫ କରାଯାଇଛି। ଏହି ଘଟଣାରେ ଆଉ ଜଣେ ବ୍ୟକ୍ତି ସଂପୃକ୍ତ ଥିବା ପଚରାଉଚରା ବେଳେ ଜଣାପଡ଼ିଛି।

# ୟୁଏଇ ଗସ୍ତରେ ମୁଖ୍ୟମନ୍ତ୍ରୀ

### ୩ ଦିନରେ ୪ ଗୋଲ ଟେବୁଲ୍ ସହ ୩୦ ବୈଠକ

■ ଭୁବନେଶ୍ୱର, ୮।୯ (ସମିସ): ଓଡ଼ିଶାକୁ ଅଧିକ ପୁଞ୍ଜିନିବେଶ ଆଣିବା ଓ ବିଶ୍ୱସ୍ତରରେ ରାଜ୍ୟର ନିବେଶ ସମ୍ଭାବନାକୁ ପ୍ରଦର୍ଶନ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ୟୁଏଇ ଗସ୍ତରେ ଯାଇଛନ୍ତି। ୯ରୁ ୧୧ ତାରିଖ ୩ ଦିନ ଧରି ମୁଖ୍ୟମନ୍ତ୍ରୀ ସେଠାରେ ବୈଠକ, ରାଉଣ୍ଡ ଟେବୁଲ ବୈଠକ ସହ ବିଭିନ୍ନ ଶିଳ୍ପସଂସ୍ଥାକୁ କ୍ଷେତ୍ରସ୍ତରୀୟ ପରିଦର୍ଶନ କରିବେ। ମୁଖ୍ୟମନ୍ତ୍ରୀ ଭାବେ ଏହା ତାଙ୍କର ଦ୍ୱିତୀୟ ଅନ୍ତର୍ଜାତୀୟ ନିବେଶ ସମ୍ମିଳନୀ । ଏହି ଗସ୍ତ ଅବସରରେ ଓଡ଼ିଶାରେ ବିଦେଶୀ ପୁଞ୍ଜିନିବେଶର ସୁଯୋଗ ଓ ସମ୍ଭାବନା ସମ୍ପର୍କରେ ବିଶ୍ୱର ନିବେଶକ ଓ ଶିଳ୍ପପତିମାନଙ୍କୁ ଅବଗତ କରାଯିବ। ଏଥିସହ ଓଡ଼ିଶା ସହ ବିଭିନ୍ନ ଦେଶର ବ୍ୟବସାୟିକ ଓ ଶିଳ୍ପ ସମ୍ପର୍କକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଆବୁଧାବି ଓ ଦୁବାଇ ଗସ୍ତ କରିବେ। ସେଠାରେ ୟୁଏଇ ସରକାରଙ୍କ ବିଭିନ୍ନ ପ୍ରତିନିଧିଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିବା ସହ ନିବେଶକ, ଶିଳ୍ପପତି ଓ ବ୍ୟବସାୟିକ ପ୍ରତିନିଧିମାନଙ୍କ ସହ ବୈଠକ କରିବେ। ଏହାବ୍ୟତୀତ "ଓଡ଼ିଶା ଇନଭେଷ୍ଟର୍ସ ମିଟ୍'ରେ ଯୋଗଦେଇ ରାଜ୍ୟରେ ନିବେଶ ପାଇଁ ରହିଥିବା ସୁଯୋଗ ସମ୍ପର୍କରେ ନିବେଶକମାନଙ୍କୁ ଅବଗତ କରିବେ। ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ।



### ସୁଯୋଗ, ସ୍ଥିରତା, ଅଭିବୃଦ୍ଧି ସନ୍ଧାନ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଆଜି ଆବୁଧାବିରେ ହେବାକୁ ଥିବା ନିବେଶକ ସମ୍ମିଳନୀର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସେ ଭାରତୀୟ ଦୂତାବାସର ଅଧିକାରୀ ଏବଂ ଓଡ଼ିଶା ସରକାରଙ୍କ ପ୍ରତିନିଧି ଦଳ ▶ପୃଷ୍ଠା-୭

## ଖଡ଼ଗେଙ୍କ ସଭା ପରେ 'ଶୁଦ୍ଧିକରଣ' ବିବାଦ

# ୨୦ ସାଂସଦଙ୍କ ଏତଲା ରଖିଲାନି ପୁଲିସ

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଗତମାସ ଉତ୍ତରାଖଣ୍ଡର ହଲଦ୍ୱାନୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସଭା ପରେ ସେଠାରେ କେତେକ ଦକ୍ଷିଣପନ୍ଥୀ ସଂଗଠନ କରିଥିବା ଶୁଦ୍ଧିକରଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଦୃଢ଼ ଦାବି ସତ୍ତ୍ୱେ ଆୟୋଜକଙ୍କ ବିରୋଧରେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସର ୨୦ ଜଣ ତଫସିଲଭୁକ୍ତ ଜାତି/ଉପଜାତି ସାଂସଦ ଆଜି ପାର୍ଲାମେଣ୍ଟ ଷ୍ଟ୍ରୀଟ୍ ଥାନାରେ ପହଞ୍ଚି ଏଫଆଇଆର ଦାଖଲ କରିଛନ୍ତି। କିନ୍ତୁ ଥାନାଧିକାରୀ ଏଫଆଇଆର ଗ୍ରହଣ କରିବାକୁ ମନା କରିଦେବାରୁ ସେଠାରେ ଭୀଷଣ ଉତ୍ତେଜନା



ରାଷ୍ଟ୍ରପତିଙ୍କୁ ଭେଟି ସ୍ମାରକପତ୍ର ଦେବେ ୩୨ ସାଂସଦ

ପ୍ରକାଶ ପାଇଥିଲା। ଜିରୋ ଏଫ୍‌ଆଇଆର୍ ପାଇଁ ଥାନା ଅଧିକାରୀ ମନା କରିବାରୁ ଏହାର କାରଣ ଜାଣିବାକୁ ଚାହିଁଥିଲେ ସାଂସଦ। କିନ୍ତୁ ଥାନା ପକ୍ଷରୁ ଏହାର କୌଣସି କାରଣ ଦର୍ଶା ନଯିବାରୁ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

କଂଗ୍ରେସ ସାଂସଦ ମାଲ୍ଲୁ ରବି କହିଛନ୍ତି ଯେ ଖଡ଼ଗେ ତଫସିଲଭୁକ୍ତ ଜାତି ସଂପ୍ରଦାୟରୁ ଆସିଥିବାରୁ ତାଙ୍କୁ ଅପମାନିତ କରିବା ଲାଗି ଏଭଳି ଶୁଦ୍ଧିକରଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ସମଗ୍ର ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ପାଇଁ ଅପମାନ। କେବଳ ଏତିକି ନୁହେଁ ଆୟୋଜକ ଏଭଳି କାଣ୍ଡ କରି ସମ୍ବିଧାନର ହତ୍ୟା କରିଛନ୍ତି। ଖଡ଼ଗେଙ୍କ ସଭା ଅଗଷ୍ଟ ୮ ତାରିଖରେ ହୋଇଥିବା ବେଳେ ସେଠାରେ ୧୦ ତାରିଖରେ ଶୁଦ୍ଧିକରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶ୍ରୀରାମ ଧର୍ମାର୍ଥ ସେବାନ୍ୟାସର ସଭାପତି ଗିରିଶ ପାଣ୍ଡେ ଏହି କାର୍ଯ୍ୟକ୍ରମର ମୁଖ୍ୟ କାର୍ପରଦାର ଥିଲେ ଏବଂ ଏଥିରେ ଆଉ ୧୫ ▶ପୃଷ୍ଠା-୭

# ୧୧ରୁ ୫ ଦିନ ବ୍ୟାଙ୍କ ବନ୍ଦ

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଚଳିତମାସ ୧୧ରୁ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀମାନେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ବ୍ୟାଙ୍କ ଧର୍ମଘଟକୁ ଲାଗି ଶନିବାର, ରବିବାର, ଗଣେଷ ପୂଜା ଏବଂ ନୂଆଖାଇ ପଡୁଥିବାଯୋଗୁ ଶୁକ୍ରବାରଠାରୁ ମଙ୍ଗଳବାର ଯାଏ କ୍ରମାଗତ ଭାବେ ୫ ଦିନ ଧରି ସାରା ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ) ବ୍ୟାଙ୍କ କର୍ମଚାରୀଙ୍କ କେତେକ ଦାବିକୁ ନେଇ ଧର୍ମଘଟ ଡାକରା ଦେଇଥିବାରୁ ଚଳିତମାସ ୧୧ (ଶୁକ୍ରବାର)ରେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇପାରେ। ଏହାପଛକୁ ସେପ୍ଟେମ୍ବର ୧୨ ମାସର ଦ୍ୱିତୀୟ ଶନିବାର ଏବଂ ୧୩ ତାରିଖ ରବିବାର ପାଇଁ ବ୍ୟାଙ୍କ ସାଧାରଣ ଭାବେ ବନ୍ଦ ରହିବ। ସୋମବାର ଅର୍ଥାତ୍ ସେପ୍ଟେମ୍ବର ୧୪ ଗଣେଶ ପୂଜା ପାଇଁ ବ୍ୟାଙ୍କ ଛୁଟି। ଶେଷରେ ସେପ୍ଟେମ୍ବର ୧୫ (ମଙ୍ଗଳବାର) ନୂଆଖାଇ ପାଇଁ ଛୁଟି ରଖାଯାଇଛି। ତେଣୁ ଏସବୁକୁ ମିଶାଇଲେ ସେପ୍ଟେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ କମାଗତ ଭାବେ ରାଜ୍ୟରେ ୫ ଦିନ ବ୍ୟାଙ୍କ ବନ୍ଦ ରହିବ। ଲଗାତାର ଭାବେ ବ୍ୟାଙ୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ ଏହି ଦିନଗୁଡ଼ିକରେ ବ୍ୟାଙ୍କ ସେବା ପାଇବାରେ ବହୁ ସମସ୍ୟାର ସମ୍ମୁଖୀନ ▶ପୃଷ୍ଠା-୭

**ଶୁକ୍ରବାର ଦେଶବ୍ୟାପୀ କର୍ମଚାରୀଙ୍କ ଧର୍ମଘଟ**

## ହକି ଇଣ୍ଡିଆର ୟୁ-ଟର୍ଣ୍ଣ

# ଭାଙ୍ଗିଲା ଗେରୁଆ ମୋହ



### ରଙ୍ଗ ବଦଳାକୁ ନେଇ କରାଯାଇଥିଲା ତୀବ୍ର ବିରୋଧ

### କ୍ଷୋଭ ପ୍ରକଟ କରିଥିଲେ ବିରୋଧୀଦଳ ନେତା ନବୀନ

■ ଭୁବନେଶ୍ୱର, ୮।୯ (ସମିସ): ହକି ଇଣ୍ଡିଆର ଭାଙ୍ଗିଛି ଗେରୁଆ ଜର୍ସି ମୋହ। ଗତ ମାସରେ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଲାଗି ହକି ଇଣ୍ଡିଆ ଏହାର ଖେଳାଳିଙ୍କ ଜର୍ସି ରଙ୍ଗ ପାରମ୍ପରିକ ନୀଳରୁ ଗେରୁଆକୁ ପରିବର୍ତ୍ତନ କରିଥିଲା। ଯାହାକୁ ନେଇ ଭାରତୀୟ ହକିର ସର୍ବୋଚ୍ଚ ସଂସ୍ଥା 'ହକି ଇଣ୍ଡିଆ'କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏପରିକି ଏହି ଜର୍ସିରେ ବିଶ୍ୱକପରେ ଭାରତୀୟ ପୁରୁଷ ଦଳ ନୈରାଶ୍ୟଜନକ ପ୍ରଦର୍ଶନ ସହ ୮ମ ସ୍ଥାନରେ ଦଖଲ ପରେ ସାମାଜିକ ଗଣମାଧ୍ୟମରେ ହକି ଇଣ୍ଡିଆ ଟ୍ରୋଲର ଶିକାର ହୋଇଥିଲା। ବିଭିନ୍ନ ମହଲରୁ ଚାପ ଓ ସମାଲୋଚନା ପରେ ହକି ଇଣ୍ଡିଆ ଗେରୁଆ ମୋହ ଛାଡ଼ି ପୁଣି ନୀଳ ଜର୍ସିକୁ ଆପଣେଇଛି। ଚଳିତ ମାସ ୧୯ ତାରିଖରୁ ଜାପାନରେ ଆରମ୍ଭ ହେବାକୁ ଥିବା ଏସୀୟ କ୍ରୀଡ଼ାରେ ଭାରତୀୟ ହକି ଖେଳାଳିମାନେ ଗେରୁଆ ପରିବର୍ତ୍ତେ ପୂର୍ବ ପ୍ରଚଳିତ ନୀଳ ଜର୍ସି ପିନ୍ଧିବେ ବୋଲି ସୂଚନା ମିଳିଛି।

ଏସୀୟ କ୍ରୀଡ଼ା ଲାଗି ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ ପକ୍ଷରୁ ହକି ▶ପୃଷ୍ଠା-୭

# ଭୋଗରାଇରରୁ ୫ ଓରାଙ୍ଗଉଟାନ ଉଦ୍ଧାର



■ ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର, ୮।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ରଣକୋଠା ବନ ବିଭାଗ ଅଧୀନ ସଂରକ୍ଷିତ ଜଙ୍ଗଲ ନିକଟ କାନ୍ଥଭର୍ତ୍ତିରୀ ପଞ୍ଚାୟତର ବଡ଼ପାହି ଅଞ୍ଚଳରୁ ଏକାଥରେ ୫ଟି ଓରାଙ୍ଗଉଟାନ ଉଦ୍ଧାର ହୋଇଛନ୍ତି। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଓ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ବିଚିତ୍ରପୁର ପ୍ରକୃତି ନିବାସରୁ ଭୂଷଣ୍ଡେଶ୍ୱର ଯାଇଥିବା ରାସ୍ତାର ବଡ଼ପାହି ନିକଟରେ ଏହି ବିରଳ ଜଙ୍ଗଲୀ ଜୀବଗୁଡ଼ିକୁ ଉଦ୍ଧାର କରାଯାଇଛି। ରାସ୍ତାଠାରୁ ପ୍ରାୟ ୨୦୦ ମିଟର ଭିତରକୁ ଥିବା ଝାଉଁ ଜଙ୍ଗଲରେ ଗଛମୂଳେ ୫ଟି ଓରାଙ୍ଗଉଟାନ ବସିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହା ଦେଖି ସେମାନେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ବନରକ୍ଷୀ ନିରାକାର ପଣ୍ଡା, ଫୁଲମଣୀ ମୁର୍ମୁଙ୍କ ସମେତ ସବୁଜବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଙ୍ଗଲ ଭିତରେ ଏକାଠି ଥିବା ୫ଟି ଓରାଙ୍ଗଉଟାନକୁ ଦେଖି ବନ ବିଭାଗର କର୍ମଚାରୀମାନେ ମଧ୍ୟ ଚକିତ ହୋଇଯାଇଥିଲେ। ▶ପୃଷ୍ଠା-୭

### ନନ୍ଦନକାନନରେ ସଙ୍ଗରୋଧ ବ୍ୟବସ୍ଥା

■ ଭୁବନେଶ୍ୱର, ୮।୯ (ସମିସ): ବାଲେଶ୍ୱରରୁ ଉଦ୍ଧାର ଓରାଙ୍ଗଉଟାନକୁ ରେସ୍କ୍ୟୁ ଭ୍ୟାନରେ ନନ୍ଦନକାନନ ଅଭିମୁଖେ ଅଣାଯାଇଛି। ୩ ଜଣ ବନ କର୍ମଚାରୀ ଓ ପଶୁଡ଼ାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ ଏହି ବିରଳ ପଶୁମାନଙ୍କୁ ଆଣିବା ପରେ ସେମାନଙ୍କୁ ସଂଗରୋଧରେ ରଖାଯିବା ପାଇଁ ନିଷ୍ପତ୍ତି ହୋଇଛି। ସେମାନଙ୍କ ଓଜନ ମାପ ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଷ୍ପତ୍ତି ହୋଇଥିବା ନନ୍ଦନକାନନର ଉପନିର୍ଦ୍ଦେଶକ ପ୍ରଦୀପ ମୀରାସେ କହିଛନ୍ତି। ପାଞ୍ଚଟି ଓରାଙ୍ଗ ଓଟାନ ମିଳିବା ଘଟଣାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ ▶ପୃଷ୍ଠା-୭

## ଓଲଟ ପାଲଟ



ମୋଦୀ କହିଥିଲେ ଜିଡିପି ବଢିବ
ହୋଇଗଲା ତାହା ସତ
ଜି'ରୁ ଗ୍ୟାସ ଡି'ରୁ ଡିଜେଲ
ପି'ରୁ ପେଟ୍ରୋଲ
ଦରବୃଦ୍ଧି ପ୍ରମାଣିତ
ମାରୁଛି ପଛୁଆ ନାତ
ତେଲ ଚିନି ଅଟା ସବୁତ ମହଙ୍ଗା
ପେଟକୁ ନରୁଚେ ଭାତ
-ଯାଯାବର

# ଅଡୁଆ ବଢ଼ାଇଲା ଆମିକସ୍ କ୍ୟୁରୀଙ୍କ ରିପୋର୍ଟ

### ଡିଜି ଚୟନ ପ୍ରକ୍ରିୟାରେ ହେରଫେର ନେଇ ଗମ୍ଭୀର ପ୍ରଶ୍ନ; ମୂଳ ତାଲିକା ଆଧାରରେ ଚୟନ ପାଇଁ ସୁପାରିସ

■ଭୁବନେଶ୍ୱର, ୮।୯ (ସମିସ): ଓଡ଼ିଶାର ଡିଜି ଚୟନକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲା ଏବେ ରାଜ୍ୟ ସରକାରଙ୍କ ପାଇଁ ଅଧିକ ଅଡୁଆ ସୃଷ୍ଟି କରିଛି। ମାମଲାରେ ନିରପେକ୍ଷ ମତ ରଖିବା ପାଇଁ ନିଯୁକ୍ତ ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ୍‌ଙ୍କ ରିପୋର୍ଟରେ ଡିଜି ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭୂମିକାକୁ ନେଇ ଏକାଧିକ ଗମ୍ଭୀର ପ୍ରଶ୍ନ ଉଠାଯାଇଛି। ବିଶେଷକରି ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଡିଜି ପାହ୍ୟାକୁ ଆଣିବା ଏବଂ ଚୟନ ପରିସରରେ ସାମିଲ କରିବା ପାଇଁ ନିୟମରେ ପରିବର୍ତ୍ତନ, ପଦ ସୃଷ୍ଟି ଏବଂ ଅନ୍ୟ ଜଣେ ଅଧିକାରୀଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇବା ଭଳି ପଦକ୍ଷେପ ଉପରେ ରିପୋର୍ଟରେ ଆପତ୍ତି ଉଠାଯାଇଛି।

ଆମିକସ୍ କ୍ୟୁରୀଙ୍କ ରିପୋର୍ଟ ଅନୁଯାୟୀ, ରାଜ୍ୟ ସରକାର ମେ' ୧୪ ତାରିଖରେ ୟୁପିଏସ୍‌ସି ନିକଟକୁ ୧୧ ଜଣ ଆଇପିଏସ୍ ଅଧିକାରୀଙ୍କ ଯୋଗ୍ୟତା ତାଲିକା ପଠାଇଥିଲେ। ଏଥିରେ ଲେଭଲ୍-୧୬ ପାହ୍ୟାର ତିନିଜଣ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆର୍‌ପି କୋଚେଙ୍କ ସମେତ ଲେଭଲ୍-୧୫ ପାହ୍ୟାର ଆଉ ୮ ଜଣ ଅତିରିକ୍ତ ଡିଜି ସାମିଲ ଥିଲେ।



ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ତାଲିକାରେ ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡାଙ୍କ ନାଁ ନଥିଲା। ତାଙ୍କୁ ଡିଜି ପାହ୍ୟାକୁ ଆଣିବା ପାଇଁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଥିଲେ, ତାହାକୁ ନେଇ ଆମିକସ୍ କ୍ୟୁରୀ ପ୍ରଶ୍ନ ଉଠାଇଛନ୍ତି।

ୟୁପିଏସ୍‌ସି ଅଗଷ୍ଟ ୭ରେ ଏମ୍ପାନେଲମେଣ୍ଟ କମିଟିର ବୈଠକ ପାଇଁ ପ୍ରସ୍ତୁତି କରିଥିଲା। ତେବେ ବୈଠକର ଠିକ୍ ପୂର୍ବରୁ ଅଗଷ୍ଟ ୭ ତାରିଖରେ ରାଜ୍ୟ ସରକାର ବୈଠକ ବାତିଲ କରିବାକୁ ଅନୁରୋଧ କରିଥିଲେ। ଏଥିପାଇଁ 'କିଛି ନୂଆ ଘଟଣାକ୍ରମ'କୁ କାରଣ ଭାବେ ଦର୍ଶାଯାଇଥିଲେ ମଧ୍ୟ ଏହାର ସ୍ପଷ୍ଟ ବିବରଣୀ ଦିଆଯାଇନଥିବା ଆମିକସ୍ କ୍ୟୁରୀଙ୍କ ରିପୋର୍ଟରେ ଉଲ୍ଲେଖ ରହିଛି।

ଏହାର ପରଦିନ, ଅର୍ଥାତ୍ ଅଗଷ୍ଟ ୮ରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖି ସଞ୍ଜୀବ ପଣ୍ଡାଙ୍କ ଚାକିରି ଅବଧି ୩୨ ବର୍ଷ ପୂରଣ ହୋଇଥିବା ଦାବି କରିଥିଲେ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ରାଜ୍ୟ ସରକାର ମେ' ୧୪ରେ ୟୁପିଏସ୍‌ସିକୁ ପଠାଇଥିବା ଅଧିକାରୀଙ୍କ ତାଲିକାରେ ଶ୍ରୀ ପଣ୍ଡା ୧୯୯୫ ସେପ୍ଟେମ୍ବର ୩ରେ ଚାକିରିରେ ଯୋଗ ଦେଇଥିବା ▶ପୃଷ୍ଠା-୭

ସକାଳ THE SAKALA
www.sakalaepaper.com

# ସୁରକ୍ଷା ବ୍ୟବସ୍ଥା ଉପରେ ବର୍ଷିଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀରେ ମଣିପୁରର ଜଣେ ପ୍ରସିଦ୍ଧ ସଙ୍ଗୀତଜ୍ଞଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଛି। ମୃତକ ସଙ୍ଗୀତଜ୍ଞ ଚୋଙ୍ଗଥାମ ବିକ୍ରମ ସିଂହଙ୍କ ହତ୍ୟାକାଣ୍ଡକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସମାଲୋଚନା କରିଛନ୍ତି। ରାହୁଲ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱାଧୀନ ଗୃହ ମନ୍ତ୍ରଣାଳୟ ଉପରେ ବର୍ଷିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ନିଜ ଦେଶର ରାଜଧାନୀରେ ଏବଂ ନିଜ ଘର ସାମ୍ନାରେ ଜଣେ ପିତାଙ୍କୁ ହତ୍ୟା କରାଯିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ ବୋଲି କହିଛନ୍ତି। ଏହି ଘଟଣା ପରେ ଉତ୍ତର-ପୂର୍ବ ଭାରତର ପ୍ରତ୍ୟେକ ପରିବାର ମନରେ ସେମାନେ ଦେଶରେ କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠୁଥିବା ସେ କହିଛନ୍ତି।

# ନେପାଳ ବନ୍ୟାରେ ୧୩୫୭ ମୃତ, ୫ ହଜାର ନିଖୋଜ



କାଠମାଣ୍ଡୁ, ୮।୯ (ଏଜେନ୍ସି): ନେପାଳ-ତିବ୍ବତ ସୀମାରେ ବରଫ ପାହାଡ଼ ସ୍ଖଳନ ଯୋଗୁଁ ଭୋଟେକୋଶୀ ନଦୀରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ନେପାଳରେ ବ୍ୟାପକ ଧନଜୀବନ ହାନି କରିଛି। ମଙ୍ଗଳବାର ସୁଦ୍ଧା ମୃତ୍ୟୁସଂଖ୍ୟା ୧,୩୫୭ରେ ପହଞ୍ଚିଥିବା ବେଳେ ପ୍ରାୟ ୫,୩୨୬ ଜଣ ଏବେ ବି ନିଖୋଜ ଅଛନ୍ତି। ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ପ୍ରାୟ ୧୩,୫୮୩ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ବନ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ନେପାଳରେ ଅନେକ ଘରଦ୍ୱାର, ରାସ୍ତାଘାଟ, ଗାଡ଼ି ଓ ପୋଲ ଭାସିଯିବା ସହ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପର ଭୂତଳ ସୁଡ଼ଙ୍ଗରେ ପ୍ରାୟ ୧୨୧ ଜଣ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ସୀମା ଆରପାରି ଚୀନ ପାର୍ଶ୍ୱରେ ମଧ୍ୟ ଏହି ବିପର୍ଯ୍ୟୟରେ ଅତିକମରେ ୪୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ତିବ୍ବତରେ ୫୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ରାସ୍ତା ଓ ପୋଲ ଗୁଡ଼ିକ ଭାଙ୍ଗିଯାଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଏଣୁ ନେପାଳ ସରକାର ଜରୁରୀକାଳୀନ ଭିତ୍ତିରେ ଭାରତ ଓ ଚୀନ ପାଖରୁ ଅସ୍ଥାୟୀ ପୋଲ ପାଇଁ ସହାୟତା ଲୋଡ଼ିଛନ୍ତି। ଚୀନ ପ୍ରଶାସନ ମୁସ୍ତାଙ୍ଗର କୋରାଲା ସୀମା ଦେଇ ଦୁଇଟି ୧୦୦ ମିଟର ଲମ୍ବର ବ୍ରିଜ୍ ପଠାଇଥିବା ବେଳେ ଭାରତ ମଧ୍ୟ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ପ୍ରଭାବିତ ଅଞ୍ଚଳକୁ ସାମଗ୍ରୀ ପରିବହନ କରିବା ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏକ ବଡ଼ ଆହ୍ୱାନ ପାଲଟିଛି। ବର୍ତ୍ତମାନ ହଜାର ହଜାର ପ୍ରଭାବିତ ଲୋକ ସରକାରୀ ଶିବିର, ସ୍କୁଲ, ମନ୍ଦିର ଏବଂ ଅସ୍ଥାୟୀ ଟେଣ୍ଟରେ ଆଶ୍ରୟ ନେଇଛନ୍ତି।

# ସିପିଆଇ ପକ୍ଷରୁ ହେବ 'ଜେଲ୍ ଭରୋ ଆନ୍ଦୋଳନ'

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ମୋଦୀ ସରକାରଙ୍କ ଲୋକ-ବିରୋଧୀ ନୀତି ବିରୋଧରେ ଆସନ୍ତା ଡିସେମ୍ବରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ 'ଜେଲ୍ ଭରୋ ଆନ୍ଦୋଳନ' ଆୟୋଜିତ କରାଯିବ। ଏହି ସମ୍ପର୍କରେ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ସୂଚନା ପ୍ରଦାନ କରିଛନ୍ତି। ବର୍ତ୍ତମାନ ମୋଦୀ ସରକାରଙ୍କ ଶାସନ କାଳରେ ଦେଶ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ଆହ୍ୱାନର ସମ୍ମୁଖୀନ ହେଉଛି। ଏହି ସଙ୍କଟଜନକ ପରିସ୍ଥିତିର ମୁକାବିଲା ଓ ସମାଧାନ ନିମନ୍ତେ ଦାବି କରି ଦଳ ପକ୍ଷରୁ ଏହି ବୃହତ ଆନ୍ଦୋଳନର ଡାକରା ଦିଆଯାଇଛି। ସରକାରଙ୍କ ଜନବିରୋଧୀ ନୀତି ଯୋଗୁଁ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟାର ପ୍ରତିବାଦ କରିବା ଏହି ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଆସନ୍ତା ଡିସେମ୍ବରରେ ସିପିଆଇ ଏହି ପ୍ରତିବାଦକୁ ବ୍ୟାପକ କରିବ ବୋଲି କହିଛି।

# ମୋବାଇଲ ରିଲ୍ସ ନିଶା: ଇଣ୍ଟରନେଟ୍ ବିଭ୍ରାଟରୁ ମହିଳାଙ୍କ ଆତ୍ମହତ୍ୟା

କୋରବା, ୮।୯ (ଏଜେନ୍ସି): ରିଲ୍ସ ଦେଖିବା ବେଳେ ଇଣ୍ଟରନେଟ୍ କାମ ନକରିବାରୁ କ୍ଷୁବ୍ଧ ହୋଇ ଜଣେ ୫୨ ବର୍ଷୀୟା ମହିଳା କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ଛତିଶଗଡ଼ର କୋରବା ଜିଲ୍ଲାରେ ଏହି ଘଟଣା ଘଟିଛି। ପୁଲିସର ଅନୁଯାୟୀ, ମୃତ ମହିଳା ଜଣକ ହେଉଛନ୍ତି କର୍ତ୍ତଲା ଥାନା ଅନ୍ତର୍ଗତ କେରାକାଛାର ଗ୍ରାମର ମଙ୍ଗଲୋ ବାଇ ସାରଥୀ। ପରିବାର ସଦସ୍ୟଙ୍କ ଅନୁଯାୟୀ, ମଙ୍ଗଲୋ ବାଇ ମୋବାଇଲ୍‌ଙ୍କ ଫୋନରେ ରିଲ୍ସ ଦେଖିବା ନିଶା ହୋଇଥିଲା। ଫୋନରେ ରିଲ୍ସ ଦେଖୁଥିବା ସମୟରେ ବାରମ୍ବାର ଇଣ୍ଟରନେଟ୍ ନେଟୱର୍କ କଟିଯାଉଥିଲା। ଯାହା ଫଳରେ ଭିଡିଓଗୁଡ଼ିକ ବନ୍ଦ ହୋଇଯାଉଥିଲା। ଏଥିରେ ଅତ୍ୟନ୍ତ ବିରକ୍ତ ହୋଇ ସେ ନିଜ ମୋବାଇଲ୍ ଫୋନକୁ ତଳେ ଫିଙ୍ଗି ଦେଇଥିଲେ। ଫଳରେ ଫୋନଟି ଭାଙ୍ଗି ଯାଇଥିଲା। ଫୋନ୍ ଭାଙ୍ଗିବା ପରେ ମଙ୍ଗଲୋ ମାନସିକ ଭାରସାମ୍ୟ ହରାଇ ଘରେ ରଖାଯାଇଥିବା କୀଟନାଶକ ଖାଇଦେଇଥିଲେ। ତାଙ୍କର ଅବସ୍ଥା ବିଗିଡ଼ିବା ଦେଖି ପରିବାର ସଦସ୍ୟ ତାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରବା ସ୍ଥିତ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ଏବଂ ଏହି ଘଟଣାର ପରବର୍ତ୍ତୀ ତଦନ୍ତ ଜାରି ରଖିଛି।

# ପାଟିତୁଣ୍ଡକୁ ବିରୋଧ କରିବାରୁ ମଣିପୁରୀ ସଙ୍ଗୀତଜ୍ଞଙ୍କୁ ପିଟିପିଟି ହତ୍ୟା



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଘର ବାହାରେ ଭୀଷଣ ପାଟିତୁଣ୍ଡ ଓ ଶବ୍ଦକୁ ବିରୋଧ କରିବାରୁ ଦିଲ୍ଲୀରେ ଜଣେ ୫୪ ବର୍ଷୀୟ ପ୍ରତିଷ୍ଠିତ ମଣିପୁରୀ ସଙ୍ଗୀତଜ୍ଞଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ ଜଣେ ନାବାଳକ ସମେତ ୮ ଜଣଙ୍କୁ କାବୁ କରିଛି। ମୃତ ସଙ୍ଗୀତଜ୍ଞଙ୍କ ନାମ ସି. ବିକ୍ରମ ସିଂହ (୫୪) ଏବଂ ସେ ମଣିପୁରର ମେତେଇ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ସେ ଦୀର୍ଘ ବର୍ଷ ଧରି ଦିଲ୍ଲୀର କିଲୋକାରୀ ଗ୍ରାମରେ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ସୋମବାର ତାଙ୍କ ଆପାର୍ଟମେଣ୍ଟ ବାହାରେ କିଛି ଡେଲିଭରି କର୍ମଚାରୀ ଏବଂ ଢାବା କର୍ମଚାରୀ ମଦ୍ୟପାନ କରି ଜୋରରେ ପାଟିତୁଣ୍ଡ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ବିକ୍ରମ ତଳକୁ ଆସି ଏହାର ପ୍ରତିବାଦ କରିବା ସହ ସେମାନଙ୍କୁ ସୋର୍ ଶବ୍ଦ କମାଇବା ପାଇଁ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ଗୋଷ୍ଠୀ ତାଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରିଥିଲା। ଆକ୍ରମଣରେ ବିକ୍ରମ ଗୁରୁତର ଆହତ ହୋଇଥିଲେ। ବିକ୍ରମଙ୍କ ପୁଅ ଯାଇଫାବା ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଖବର ପାଇ ତୁରନ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜଣେ ନାବାଳକକୁ ଅଟକ ରଖିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଭରତ କୁମାର (୧୯), ପ୍ରମୋଦ (୨୬), ରମଜାନ ଖାନ (୨୨), ଦୀପାଂଶୁ (୨୧), ମୋହନ ବିଶ୍ୱକର୍ମା (୩୨), ବିଜୟ (୩୬) ଏବଂ ମନ୍ନୁ (୨୬)। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ସ୍ଥାନୀୟ ବିଭିନ୍ନ ଢାବା ଏବଂ ଖାଦ୍ୟ ଷ୍ଟଲରେ କାର୍ଯ୍ୟ କରୁଥିବା ପୁଲିସ କହିଛି।

# ବେଙ୍ଗାଲୁରୁରେ ଆମାଜନ ଓ ଇନଷ୍ଟାମାର୍ଟରୁ ୧.୩୮ କୋଟିର ବାସି ଅପମିଶ୍ରିତ ଖାଦ୍ୟ ଜବତ

ବେଙ୍ଗାଲୁରୁ, ୮।୯ (ଏଜେନ୍ସି): କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା ଓ ଔଷଧ ପ୍ରଶାସନ ପକ୍ଷରୁ ବେଙ୍ଗାଲୁରୁ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ଖ୍ୟାତନାମା ଇ-କମର୍ସ ସଂସ୍ଥା ଆମାଜନ ଓ ସ୍ୱିଗି ଇନଷ୍ଟାମାର୍ଟର ଗୋଦାମ ସମେତ ଅନ୍ୟାନ୍ୟ ସ୍ଥାନରୁ ପ୍ରାୟ ୧.୩୮ କୋଟି ଟଙ୍କାର ବାସି, ପୁରୁଣା ଓ ଭୁଲ୍ ଲେବଲ୍ ଥିବା ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ଏହା ସହିତ ବିନା ଲାଇସେନ୍ସରେ ଗଚ୍ଛିତ ଥିବା ପ୍ରାୟ ୪.୦୨ ଲକ୍ଷ ଟଙ୍କାର ଔଷଧ ମଧ୍ୟ ଜବତ ହୋଇଛି। ସୂଚନା ଅନୁଯାୟୀ, ଦେବନହଲ୍ଲୀ ଓ ଆନେକାଲ୍‌ରେ ଥିବା ଆମାଜନର ଦୁଇଟି କେନ୍ଦ୍ରରୁ ମୋଟ ୫୬ ଲକ୍ଷ ଟଙ୍କାର ନିମ୍ନମାନର ଓ ଏକ୍ସପାୟରୀ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ଅନ୍ୟପଟେ, ହୋସକୋଟେ ସ୍ଥିତ ସ୍ୱିଗି ଇନଷ୍ଟାମାର୍ଟ କେନ୍ଦ୍ରରୁ ପ୍ରାୟ ୪୨ ଲକ୍ଷ ଟଙ୍କାର ଏକ୍ସପାୟରୀ ସାମଗ୍ରୀ ଜବତ ହୋଇଛି। ଏହାସହ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଏହି କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ଏହି ଚଢ଼ଉରେ ସ୍ଥାନୀୟ ବ୍ୟବସାୟୀ ସପ୍ତ ବଜାର ଏବଂ ଲିଓ ୭ ଏଣ୍ଟରପ୍ରାଇଜେସ୍ ମଧ୍ୟ ସାମିଲ ଥିଲେ। ସେଠାରୁ ବିପୁଳ ପରିମାଣର ନଷ୍ଟ



ହୋଇସାରିଥିବା ଘିଅ, ଦୁଗ୍ଧଜାତ ଦ୍ରବ୍ୟ ଓ ନିମ୍ନମାନର ସାମଗ୍ରୀ ମିଳିଛି। ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରୁ ବେଙ୍ଗାଲୁରୁର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଗୋଦାମ୍ ଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି କରାଯାଇଛି।

# ତାମିଲନାଡୁ ବିଧାନସଭା ଅଶାନ୍ତ



■ ମୁଖ୍ୟମନ୍ତ୍ରୀ ବିଜୟଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ
■ ଡିଏମ୍‌କେ ବିଧାୟକଙ୍କୁ ଗୃହରୁ ବାହାର କରାଗଲା

ଚେନ୍ନଇ, ୮।୯ (ଏଜେନ୍ସି): ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମ୍ବନ୍ଧୀୟ ମନ୍ତବ୍ୟକୁ କେନ୍ଦ୍ର କରି ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ବିଧାନସଭା ରେକର୍ଡରୁ ବାଦ୍ ଦେବା ପାଇଁ ଦାବି କରି ବିରୋଧୀ ଡିଏମକେ ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଏହାପରେ ସେମାନଙ୍କୁ ବିଧାୟକମାନଙ୍କୁ ଗୃହରୁ ବାହାର କରାଯାଇଛି।

ମୁଖ୍ୟମନ୍ତ୍ରୀ ବିଜୟ ସୋମବାର ଇଡିର କାର୍ଯ୍ୟାନୁଷ୍ଠାନ ଆଧାରରେ ଡିଏମ୍‌କେ ବିଧାୟକ ଓ ଦୁର୍ନୀତିର ସମ୍ପର୍କ ଉପରେ ମନ୍ତବ୍ୟ ଦେଇଥିଲେ। ମଙ୍ଗଳବାର ଗୃହର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଡିଏମକେ ସଚେତକ ଇଭି. ଭେଲୁ, ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତିକୁ ବିରୋଧ କରିଥିଲେ। ଇଡିର ଅଭିଯୋଗ ଆଧାରରେ ଦୁର୍ନୀତି ସମ୍ପର୍କିତ ମନ୍ତବ୍ୟ ଗୃହର ନିୟମାବଳୀର ଉଲ୍ଲଂଘନ କରୁଥିବାରୁ ଏହାକୁ ବିଧାନସଭା ରେକର୍ଡରୁ ହଟାଇବା ପାଇଁ ସେ ଦାବି କରିଥିଲେ। ଏହାସହ ସରକାରିଆ କମିଶନଙ୍କ ରିପୋର୍ଟରେ କୌଣସି ଅପରାଧିକ ମାମଲା ପ୍ରମାଣିତ ହୋଇ ନଥିବାରୁ ସେ କମିଶନଙ୍କ ରିପୋର୍ଟକୁ ମଧ୍ୟ ବିରୋଧ କରିଥିଲେ।

ଅନ୍ୟପକ୍ଷରେ, ରାଜ୍ୟର ଆଇନ ମନ୍ତ୍ରୀ ଆର୍. ନିର୍ମଳ କୁମାର ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ସମର୍ଥନ କରିଥିଲେ। ସେ ପୂର୍ବତନ ଡିଏମକେ ସରକାରଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗକୁ ପୁନର୍ବାର ଦୋହରାଇଥିଲେ। ଏହାକୁ ଡିଏମକେ ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ। ଡିଏମକେ ସଦସ୍ୟଙ୍କ ଆପତ୍ତି ସତ୍ତ୍ୱେ ବାଚସ୍ପତି ଜେସିଡି ପ୍ରଭାକର ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ରେକର୍ଡରୁ ବାଦ୍ ଦେବା ପାଇଁ ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଡିଏମକେ ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖକୁ ଆସି ଜୋରଦାର ସ୍ଲୋଗାନବାଜି କରିବା ସହ ହଟ୍ଟଗୋଳ କରିଥିଲେ। ଫଳରେ ଗୃହର ନେତା କେଏ ସେଙ୍ଗୋଟାଇୟନ ବିଧାନସଭା ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଶେଷରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଲମାନେ ଡିଏମକେ ବିଧାୟକମାନଙ୍କୁ ବିଧାନସଭା ଗୃହରୁ ବାହାର କରି ଦେଇଥିଲେ।

# ବାଂଲାଦେଶ ପଠାଯାଇଥିବା ମହିଳାଙ୍କ ସ୍ୱାମୀଙ୍କୁ ମିଳିବ କ୍ଷତିପୂରଣ

ଗୌହାଟୀ, ୮।୯ (ଏଜେନ୍ସି): ଗୌହାଟୀ ହାଇକୋର୍ଟ ମଙ୍ଗଳବାର ଆସାମ ସରକାରଙ୍କୁ ଜଣେ ମହିଳାଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶକୁ ବେଆଇନ ଭାବେ ବହିଷ୍କାର କରିବା ମାମଲାରେ କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି। ଜଷ୍ଟିସ କଲ୍ୟାଣ ରାୟ ସୁରାନା ଏବଂ ଜଷ୍ଟିସ ସୁସ୍ମିତା ଫୁକନ ଖାଉଣ୍ଡଙ୍କ ଦୁଇଜଣିଆ ଖଣ୍ଡପୀଠ କ୍ଷତିପୂରଣ ରାଶି ପୀଡ଼ିତା ମୁମତାଜ ବେଗମଙ୍କ ସ୍ୱାମୀ ମୁଜାମ୍ମଲ ହୋକଙ୍କୁ ପ୍ରଦାନ କରିବାକୁ କହିଛନ୍ତି। ମୁମତାଜଙ୍କୁ ବିଦେଶୀ ଟ୍ରିବ୍ୟୁନାଲ ବିଦେଶୀ ନାଗରିକ ଘୋଷଣା କରିଥିଲା। ଉଚ୍ଚ ନ୍ୟାୟାଳୟରେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାର କୌଣସି ସୁଯୋଗ ନଦେଇ ତାଙ୍କୁ ତୁରନ୍ତ ଗିରଫ କରାଯାଇ ଜୁନ୍ ୧୪ରେ ବାଂଲାଦେଶ ପଠାଇ ଦିଆଯାଇଥିଲା। ଏହାଦ୍ୱାରା ତାଙ୍କର ଆଇନଗତ ଅଧିକାର କ୍ଷୁର୍ଣ୍ଣ ହୋଇଛି। ଏହି ଘଟଣାରେ କୋର୍ଟ ଟ୍ରିବ୍ୟୁନାଲର ଉପରେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି ଏବଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଟ୍ରିବ୍ୟୁନାଲର କମ୍ପ୍ୟୁଟର ଜବତ କରି ଫୋରେନ୍ସିକ ଯାଞ୍ଚ କରିବାକୁ ମଧ୍ୟ କୁହାଯାଇଛି। କ୍ଷତିପୂରଣ ରାଶିକୁ ୬୦ ଦିନ ମଧ୍ୟରେ ପ୍ରଦାନ କରିବାକୁ କୋର୍ଟ ଚେତାବନୀ ଦେଇଛନ୍ତି। ଏହା ସହିତ କୋର୍ଟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ବାଂଲାଦେଶରୁ ମୁମତାଜଙ୍କୁ ପୁନର୍ବାର ଭାରତ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଦିଲ୍ଲୀ କୋଠା ଭୁଶୁଡ଼ିବା ଘଟଣା

# ରାସ୍ତାକୁ ଓହ୍ଲାଇଲେ ଛାତ୍ରଛାତ୍ରୀ




ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଏକ କୋଠା ଭୁଶୁଡ଼ିବା ଫଳରେ ୭ ଜଣ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଡିୟୁ) ଦକ୍ଷିଣ କ୍ୟାମ୍ପସର ଶତାଧିକ ଛାତ୍ରଛାତ୍ରୀ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ପୌରସଂସ୍ଥାର ଚରମ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଏହାସହ ଅଞ୍ଚଳରେ ବେଆଇନ ଭାବେ ଅନେକ ପେଇଙ୍ଗ ଗେଷ୍ଟ (ପିଜି) ଚାଲୁଥିବା ସେମାନେ କହିଛନ୍ତି। ଏହି ଘଟଣାରେ ମ୍ୟୁନିସିପାଲ୍ କର୍ପୋରେସନ୍ ଅଫ୍ ଦିଲ୍ଲୀ (ଏମସିଡି)ର ୫ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଛାତ୍ର ସଂଘ ପକ୍ଷରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଏବଂ ଆହତମାନଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଏଥିସହ ସମସ୍ତ ସ୍ଥାନୀୟ ପିଜିଗୁଡ଼ିକର ଜରୁରୀକାଳୀନ ସୁରକ୍ଷା ଓ ନିର୍ମାଣର ଅଡିଟ୍ କରିବା ସହ ଦକ୍ଷିଣ କ୍ୟାମ୍ପସ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ସେପଟେ ଦୁର୍ଘଟଣାସ୍ଥଳ ପାର୍ଶ୍ୱବର୍ତ୍ତୀ କୋଠାଗୁଡ଼ିକରେ ଫାଟ ଦେଖାଯିବାରୁ ସେଠାରୁ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଉଥିବା ବେଳେ ଘରମାଲିକମାନେ ସିକ୍ୟୁରିଟି ଡିପୋଜିଟ୍ ଟଙ୍କା ଫେରସ୍ତ କରୁ ନଥିବା ଅଭିଯୋଗ ହୋଇଛି। ନ୍ୟାୟ ଦାବିରେ ପୁଲିସର ବାରଣ ସତ୍ତ୍ୱେ ଛାତ୍ରଛାତ୍ରୀ ରାସ୍ତା ଅବରୋଧ କରି ଧାରଣାରେ ବସି ରହିଛନ୍ତି।

## ମାମଲାର ଶୁଣାଣି ପାଇଁ ରାଜିହେଲେ ସୁପ୍ରିମକୋର୍ଟ

ଦେଶରେ କୋଠାବାଡ଼ି ଗୁଡ଼ିକର ସୁରକ୍ଷାକୁ ନେଇ ସର୍ବୋଚ୍ଚ ଅଦାଲତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମଗ୍ର ଭାରତବର୍ଷରେ କୋଠାବାଡ଼ି ଗୁଡ଼ିକର ସୁରକ୍ଷା ଅଡିଟ୍ ପାଇଁ ଏକ ସର୍ବଭାରତୀୟ ବ୍ୟବସ୍ଥା ଲାଗୁ କରିବାକୁ ସୁପ୍ରିମକୋର୍ଟ ମନସ୍ଥ କରିଛନ୍ତି। ଆସନ୍ତା ୧୦ ତାରିଖରେ କୋର୍ଟ ଦିଲ୍ଲୀ କୋଠା ଭୁଶୁଡ଼ିବା ମାମଲାର ଶୁଣାଣି କରିବେ। ସୁପ୍ରିମକୋର୍ଟ ପୂର୍ବରୁ ହିଁ ସାରା ଦେଶରେ ଆବାସିକ ଅଞ୍ଚଳରେ ଚାଲିଥିବା ବେଆଇନ ନିର୍ମାଣ, ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ନିୟମ ଉଲ୍ଲଂଘନ କରି ଆବାସିକ ଗୃହଗୁଡ଼ିକୁ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ କରାଯିବା ଭଳି ଗୁରୁତର ସମସ୍ୟାର ବିଚାର କରୁଛନ୍ତି।

# ଦୁର୍ଗାପୂଜାରେ ଆମିଷ ବାରଣ ଅପିଲକୁ ବିରୋଧ କଲେ ବିଜେପି ମନ୍ତ୍ରୀ



କୋଲକାତା, ୮।୯ (ଏଜେନ୍ସି): ଦୁର୍ଗାପୂଜା ସମୟରେ ଆମିଷ ଖାଦ୍ୟରୁ ଦୂରେଇ ରହିବା ପାଇଁ ବାଗେଶ୍ୱର ଧାମର ମୁଖ୍ୟ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ (ବାଗେଶ୍ୱର ବାବା) ଅପିଲ କରିଛନ୍ତି। ତେବେ ତାଙ୍କର ଏହି ନିବେଦନକୁ ପଶ୍ଚିମବଙ୍ଗର ପ୍ରମୁଖ ରାଜନେତାମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ହାୱଡ଼ା ଗସ୍ତ ସମୟରେ ଶାସ୍ତ୍ରୀ ପୂଜା ସମୟରେ ଆମିଷ ଖାଉଥିବା ଲୋକଙ୍କୁ ପାଷଣ୍ଡ ବୋଲି ସମ୍ବୋଧନ କରିଥିଲେ। ଏହାର ଜବାବରେ ପଶ୍ଚିମବଙ୍ଗ ବିଜେପି ସଭାପତି ସମୀକ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ କୌଣସି ଧାର୍ମିକ ଗୁରୁ ବା ରାଜନୈତିକ ଦଳ ଲୋକଙ୍କ ଖାଦ୍ୟପେୟ ଉପରେ କଟକଣା ଲଗାଇ ପାରିବେ ନାହିଁ। ଖାଦ୍ୟ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ପସନ୍ଦର ବିଷୟ ଏବଂ ବଙ୍ଗଳାର ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ବଦଳାଯାଇ ପାରିବ ନାହିଁ। ସେ ଦର୍ଶାଇଛନ୍ତି ଯେ ବଙ୍ଗୀୟ ପରମ୍ପରାରେ ଅଷ୍ଟମୀ ଦିନ ଲୁଚି ଏବଂ ନବମୀ ଦିନ ଛେଳି ମାଂସ (କୋଚି ପାଠା) ଖାଇବାର ପରମ୍ପରା ରହିଛି। ଏହା ମା' କାଳୀଙ୍କୁ ଭୋଗ ଭାବେ ମଧ୍ୟ ଅର୍ପଣ କରାଯାଏ। ସ୍ୱାମୀ ବିବେକାନନ୍ଦ ମଧ୍ୟ ଏହି ଆମିଷ ଖାଦ୍ୟାଭ୍ୟାସକୁ ସମର୍ଥନ କରିଥିଲେ। ରାଜ୍ୟ ମନ୍ତ୍ରୀ ଦିଲୀପ ଘୋଷ ମଧ୍ୟ ଏହି ପ୍ରସଙ୍ଗରେ କହିଛନ୍ତି ଯେ ଦେବୀ କାଳୀ ଓ ମା' ଦୁର୍ଗାଙ୍କୁ ମାଂସ ଏବଂ ମାଛ ଅର୍ପଣ କରିବା ଏକ ବହୁ ପୁରାତନ ପରମ୍ପରା ଏବଂ ଏହାକୁ ଶ୍ରଦ୍ଧାଳୁମାନେ ପ୍ରସାଦ ରୂପେ ଗ୍ରହଣ କରନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ସଞ୍ଜୀବ ସାନ୍ୟାଲ ମଧ୍ୟ କହିଛନ୍ତି ଯେ ଶାକ୍ତ ହିନ୍ଦୁ ଧର୍ମରେ ମାଂସ ଅର୍ପଣ କରିବା ଏକ ପବିତ୍ର ରୀତିନୀତି ଅଟେ। ଏହି ପବିତ୍ର ପରମ୍ପରାରେ କୌଣସି ହସ୍ତକ୍ଷେପ ସହ୍ୟ କରାଯିବ ନାହିଁ। ବଙ୍ଗଳାର ସାଂସ୍କୃତିକ ଓ ଧାର୍ମିକ ପରମ୍ପରାରେ ଆମିଷର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାରୁ ଏହି ନିରାମିଷ ଅପିଲକୁ ରାଜନୈତିକ ତଥା ସାମାଜିକ ସ୍ତରରେ ତୀବ୍ର ପ୍ରତିରୋଧ କରାଯାଇଛି।

# ଭୋଟର ତାଲିକାରେ ଅମେଳ: ପଦ୍ମଶ୍ରୀ ବିଜେତାଙ୍କୁ ନୋଟିସ୍

ମାଙ୍ଗାଲୁରୁ, ୮।୯ (ଏଜେନ୍ସି): ଭୋଟର ତାଲିକାରେ ନାମଗତ ତ୍ରୁଟି ଯୋଗୁଁ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ହରେକାଲ ହାଜବ୍ବାଙ୍କୁ ନିର୍ବାଚନୀ ନୋଟିସ୍ ଜାରି କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟରଙ୍କ ସଠିକ୍ ପରିଚୟ ସୁନିଶ୍ଚିତ କରିବା ପାଇଁ ଚାଲିଥିବା ସ୍ୱତନ୍ତ୍ର ନିୟମିତ ଯାଞ୍ଚ ଅଭିଯାନର ଅଧୀନରେ ଏହି ନୋଟିସ୍ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ହାଜବ୍ବାଙ୍କ ନାମ ୨୦୦୨ର ଭୋଟର ତାଲିକାରେ କେବଳ ହାଜବ୍ବା ଭାବେ ପଞ୍ଜିକୃତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରସ୍ତୁତ ହୋଇଥିବା ତାଙ୍କର ଅନ୍ୟ ସମସ୍ତ ସରକାରୀ କାଗଜପତ୍ରରେ ଏହା ଅଲଗା ରହିଛି। ତାଙ୍କର ରାସନ କାର୍ଡ, ପାସପୋର୍ଟ, ପଦ୍ମଶ୍ରୀ ପୁରସ୍କାରର ସ୍ୱୀକୃତିପତ୍ର ଏବଂ ନୂତନ ଭୋଟର ଆଇଡି କାର୍ଡରେ ତାଙ୍କର ସମ୍ପୂର୍ଣ୍ଣ ନାମ ହରେକାଲ ହାଜବ୍ବା ବୋଲି ଉଲ୍ଲେଖ ରହିଛି। ତେଣୁ ନିର୍ବାଚନ କମିଶନଙ୍କ ନିୟମିତ ଯାଞ୍ଚ ପ୍ରକ୍ରିୟା ଅନୁସାରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀମାନେ ହାଜବ୍ବାଙ୍କ ବାସଭବନକୁ ଯାଇ ଏହି ନୋଟିସ୍ ହସ୍ତାନ୍ତର କରିଛନ୍ତି।

# ମୁନିରଙ୍କୁ ନେଇ ପାକିସ୍ତାନରେ ସେନା-ରାଷ୍ଟ୍ରପତି ଛାୟାଯୁଦ୍ଧ!

ଇସଲାମାବାଦ, ୮।୯ (ଏଜେନ୍ସି): ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଏବଂ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କ ମଧ୍ୟରେ ନୀରବ ଯୁଦ୍ଧ ବା ଛାୟା ଯୁଦ୍ଧ ଚାଲିଥିବା ଦାବି ହୋଇଛି। ସ୍ୱନିର୍ବାସିତ ବ୍ରିଟିଶ-ପାକିସ୍ତାନୀ ରାଜନେତା ତଥା ମୁତାହିଦା କ୍ୱାମୀ ମୁଭମେଣ୍ଟର ପ୍ରତିଷ୍ଠାତା ଆଲତାଫ ହୁସେନ ଏହି ଦାବି କରିଛନ୍ତି। ତାଙ୍କ ଅନୁସାରେ, ସେନାମୁଖ୍ୟ ଫିଲ୍ଡ ମାର୍ଶଲ ସୟଦ ଅସିମ ମୁନିରଙ୍କ ନେତୃତ୍ୱରେ ପାକିସ୍ତାନରେ ସାମରିକ ପ୍ରତିଷ୍ଠାନର ବଢୁଥିବା କ୍ଷମତା ଜର୍ଦ୍ଦାରୀଙ୍କୁ ଅସନ୍ତୁଷ୍ଟ କରିଛି। ଏହି କ୍ଷମତା ସଂଘର୍ଷ ପାକିସ୍ତାନକୁ ଏକ ଗୁରୁତର ରାଜନୈତିକ ସଙ୍କଟ, ବ୍ୟାପକ ଗୃହଯୁଦ୍ଧ ଏବଂ ସମ୍ଭାବ୍ୟ ବିଭାଜନ ଆଡ଼କୁ ଠେଲି ଦେଇପାରେ ବୋଲି ହୁସେନ ଚେତାବନୀ ଦେଇଛନ୍ତି। ସେ ୨୮ତମ ସମ୍ବିଧାନ ସଂଶୋଧନକୁ ଏହି ଗୁପ୍ତ ଲଢେଇର ମୁଖ୍ୟ କାରଣ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସମ୍ବିଧାନ ସଂଶୋଧନରେ ପାକିସ୍ତାନର ସିନ୍ଧ ପ୍ରଦେଶରେ ଏକ ନୂତନ ପ୍ରଦେଶ ଗଠନ ପ୍ରସ୍ତାବ ରହିଛି। ପାକିସ୍ତାନର ସେନା ଏହାକୁ ସମର୍ଥନ କରିଥିବା ବେଳେ ଜର୍ଦ୍ଦାରୀ ଏହାର ବିରୋଧ କରିଛନ୍ତି। ତେବେ ପ୍ରସ୍ତାବ ବିରୋଧରେ ସିନ୍ଧ ବିଧାନସଭାରେ ବିଲ୍ ପାରିତ ହୋଇଛି। ଏଭଳି ସମ୍ବେଦନଶୀଳ ସମୟରେ ରାଷ୍ଟ୍ରପତି ଜର୍ଦ୍ଦାରୀ ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଦେଶ ବାହାରେ ରହିବାକୁ ନେଇ ହୁସେନ



ତୀବ୍ର ସମାଲୋଚନା କରିଛନ୍ତି। ନୂତନ ପ୍ରଦେଶ ଗଠନ ନେଇ ଲଣ୍ଡନରେ ରାଷ୍ଟ୍ରପତି ଜର୍ଦ୍ଦାରୀ ଓ ଗୃହମନ୍ତ୍ରୀ ମୋହସିନ୍ ନକଭୀଙ୍କ ମଧ୍ୟରେ ରୁଦ୍ଧଦ୍ୱାରା ବୈଠକ ହୋଇଛି। ବୈଠକରେ ଜର୍ଦ୍ଦାରୀ ସ୍ପଷ୍ଟ କରିଛନ୍ତି ଯେ, ଜାତୀୟ ସହମତି ବିନା ନୂତନ ପ୍ରଦେଶ ଗଠନ ପ୍ରସଙ୍ଗର କୌଣସି ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ସେପଟେ ନକଭୀ ଏବଂ ସେନା ମୁଖପାତ୍ରଙ୍କ ମଧ୍ୟରେ ଅଲଗା ଆଲୋଚନା ହୋଇଛି। ଏହା ରାଷ୍ଟ୍ରପତି ଏବଂ ସେନା ନେତୃତ୍ୱ ମଧ୍ୟରେ ମତଭେଦକୁ ଉଜାଗର କରିଛି। ଅପରପକ୍ଷରେ, ସେନା ନିଜ ନିଷ୍ପତ୍ତିକୁ ଗ୍ରହଣ କରାଇବା ପାଇଁ ରାଷ୍ଟ୍ରପତିଙ୍କ ଶିବିରର କିଛି ସଦସ୍ୟଙ୍କ ବିରୋଧରେ ଥିବା ଦୁର୍ନୀତି ତଥ୍ୟକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ହୁସେନ ଚେତାବନୀ ଦେଇଛନ୍ତି ଯେ ନୂତନ ପ୍ରଦେଶ ଗଠନର ବିବାଦ ଯୋଗୁଁ ସେନା ଏବଂ ସିନ୍ଧୀ ଜାତୀୟତାବାଦୀ ଗୋଷ୍ଠୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇପାରେ। ଏହା ପରବର୍ତ୍ତୀ ସମୟରେ ଭିନ୍ନ 'ସିନ୍ଧୁଦେଶ' ଗଠନର ଦାବିକୁ ଜନ୍ମ ଦେବ। ଏହାବ୍ୟତୀତ ବାଲୁଚିସ୍ତାନରେ ଜାରି ରହିଥିବା ରକ୍ତପାତ ମଧ୍ୟ ଦେଶକୁ ଭାଙ୍ଗିବାରେ ସହାୟକ ହେବ। ପାକିସ୍ତାନରେ ଏପରି ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ଆମେରିକା କିମ୍ବା ବ୍ରିଟେନ ପରି କୌଣସି ବାହ୍ୟ ଶକ୍ତି ସାହାଯ୍ୟ କରିବେ ନାହିଁ। ପରିସ୍ଥିତି ଅଧିକ ବିଗିଡ଼ିଲେ ସେନା ଦେଶରେ ମାର୍ଶାଲ ଲ' ଲାଗୁ କରିବ ଏବଂ ଏକ କାମଚଳା ସରକାର ଜରିଆରେ ସଂଶୋଧିତ ବିଲ୍ କରିପାରେ ବୋଲି ହୁସେନ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହା ଦେଶର ଅଖଣ୍ଡତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିବ ବୋଲି ସେ ଚେତାଇ ଦେଇଛନ୍ତି।

## ଏମ୍ଏମ୍ଡିଆର୍ ବିରୋଧରେ ଇଣ୍ଡିଆ ମେଣ୍ଟର ଗର୍ଜନ

# ଓଡ଼ିଶା ଲୁଣ୍ଠନର ନକ୍ସା ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ

ଭୁବନେଶ୍ୱର,୮।୯(ସମିସ): ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର। ଏମ୍ଏମଡିଆର୍ (ସଂଶୋଧନ) ଆଇନ ବଦଳରେ ରାଜ୍ୟମାନଙ୍କର ସାମ୍ବିଧାନିକ ଓ ଆର୍ଥିକ ଅଧିକାରକୁ କେନ୍ଦ୍ର ସରକାର କ୍ଷୁର୍ଣ୍ଣ କରିଛନ୍ତି। ଖଣିଜ ସମ୍ପଦ ଉପରେ ରାଜ୍ୟର କର ଓ ରାଜସ୍ୱ ଅଧିକାରକୁ କେନ୍ଦ୍ରର ଅନୁମୋଦନ ସହିତ ଯୋଡ଼ିବା ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ଉପରେ ଚରମ ଆଘାତ ବୋଲି ମଙ୍ଗଳବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆୟୋଜିତ ସମାବେଶରେ କୁହାଯାଇଛି। ୨୦୨୪ର ସୁପ୍ରିମକୋର୍ଟର ଐତିହାସିକ ରାୟରେ ରାଜ୍ୟମାନଙ୍କର ଖଣିଜ ଅଧିକାର ଓ ଖଣିଜ ସମ୍ପଦ ଥିବା ଜମି ଉପରେ କର ଧାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାରକୁ ସ୍ୱୀକୃତି ମିଳିଥିବା ବେଳେ ନୂଆ ସଂଶୋଧିତ ଆଇନ ଏହାକୁ ଖର୍ବ ଓ କ୍ଷୁର୍ଣ୍ଣ କରୁଛି। ଓଡ଼ିଶାର ଖଣିକୁ ଲୁଟ୍ କରିବା ପାଇଁ ଏକ ନକ୍ସା ପ୍ରସ୍ତୁତ ହୋଇଛି ବୋଲି ବିରୋଧୀ ଦଳମାନଙ୍କ ପକ୍ଷରୁ କୁହାଯାଇଛି।

ଜନସ୍ୱାର୍ଥର ସୁରକ୍ଷା ଦାବିରେ ଇଣ୍ଡିଆ ମେଣ୍ଟ, ଓଡ଼ିଶା ତରଫରୁ ଆୟୋଜିତ ରାଜ୍ୟ ସ୍ତରୀୟ ଜନ ସମ୍ମିଳନୀ କାର୍ଯ୍ୟକ୍ରମରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ)-ଲିବେରେସନ, ଫରୱାର୍ଡ ବ୍ଲକ,ଏନ୍ସିପି, ଏସପି ଏବଂ ଆର୍ଜେଡି ଆଦି ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ପୂର୍ବରୁ ଆଦାୟ ହୋଇ ନ ଥିବା କର, ସେସ୍ ଓ ବକେୟାକୁ କାର୍ଯ୍ୟକାରୀ ନକରିବା ଦ୍ୱାରା ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟ ଲକ୍ଷାଧିକ




କୋଟି ଟଙ୍କାର ରାଜସ୍ୱ ହରାଇବ ବୋଲି ସେମାନେ ମତ ଦେଇଥିଲେ। ଏହି ସଂଶୋଧିତ ଆଇନ ଓଡ଼ିଶା ବିରୋଧୀ, ଜନ ବିରୋଧୀ, ସଂଘୀୟ ନୀତି ବିରୋଧୀ ଏବଂ ସମ୍ବିଧାନ ବିରୋଧୀ ଆଇନ ବୋଲି କୁହାଯାଇଛି। ରାଜ୍ୟର

### ମାସ ସାରା ବିଭିନ୍ନ ଅଞ୍ଚଳରେ ସମାବେଶ, ୨୯ରେ ବିଧାନସଭା ଘେରାଉ

ଡବଲ ଇଞ୍ଜିନ ସରକାର, ବିଜେପିର ୨୦ ଜଣ ସାଂସଦ ଓଡ଼ିଶାବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି। ସମଗ୍ର ରାଜ୍ୟର ପ୍ରାକୃତିକ ସମ୍ପଦକୁ ଲୁଣ୍ଠନ କରି କର୍ପୋରେଟ ହାତରେ ଟେକିଦେବା ପାଇଁ ଚକ୍ରାନ୍ତ କରାଯାଇଛି। ଏହି ଆଇନ ଯୋଗୁଁ ଆଗାମୀ ଦିନରେ ଓଡ଼ିଶା ବିଦୀର୍ଣ୍ଣ ଏବଂ କ୍ଷତ ବିକ୍ଷତ ହେବ ବୋଲି କୁହାଯାଇଛି। ଦେଶର ସଂଘୀୟ ବ୍ୟବସ୍ଥା ମଧ୍ୟରେ ରାଜ୍ୟଗୁଡ଼ିକର କ୍ଷମତା ଓ ଅଧିକାରକୁ ସଙ୍କୁଚିତ କରିବା ଏହି ଆଇନ୍ର ଉଦ୍ଦେଶ୍ୟ। ଖଣିଜ ସମ୍ପଦରେ ସମୃଦ୍ଧ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ କୃଷକ ସମୁଦାୟଙ୍କୁ ସେମାନଙ୍କ ଘରବାଡ଼ି, ଚାଷଜମି ଓ ଜୀବିକାରୁ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ କରିବା ଏହି ଆଇନର କାମ। ତେଣୁ ଏହି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଏହା ବିରୋଧରେ ରାଜ୍ୟବ୍ୟାପୀ ପ୍ରତିରୋଧ ଆନ୍ଦୋଳନ ଜାରି ରହିବ ବୋଲି ସର୍ବସମ୍ମତ ଘୋଷଣା କରାଯାଇଛି।

ତେବେ ଡବଲ ଇଂଜିନ ସରକାରଙ୍କ ଏହି ଷଡ଼ଯନ୍ତ୍ର ବିରୋଧରେ ଆଗକୁ ଜୋରଦାର ଲଢ଼େଇ ହେବ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେଣୁ ୧୮ ସେପ୍ଟେମ୍ବରରେ ସୁନ୍ଦରଗଡ଼ଠାରେ ଏକ ସମାବେଶ ସହ ୨୧ ସେପ୍ଟେମ୍ବରରେ ରାୟଗଡ଼ାଠାରେ ୨୪ ସେପ୍ଟେମ୍ବର କେନ୍ଦୁଝରଠାରେ ଓ ୨୬ ସେପ୍ଟେମ୍ବରରେ ଅନୁଗୋଳଠାରେ ବିଭିନ୍ନ ଜିଲ୍ଲାକୁ ନେଇ ଆଞ୍ଚଳିକ ସମାବେଶ କରାଯିବ। ଏହାବ୍ୟତୀତ ୨୯ ସେପ୍ଟେମ୍ବରରେ ସମଗ୍ର ଓଡ଼ିଶାର ଜନସାଧାରଣ ଓଡ଼ିଶା ବିଧାନସଭା ଅଭିମୁଖେ ଯାଇ ବିଧାନସଭା ଘେରାଉ କରିବେ ବୋଲି ଏଠାରେ ଘୋଷଣା ହୋଇଛି। ବିଧାନସଭା ଘେରାଉ ପରେ ସେହିଦିନ ଓଡ଼ିଶା ବନ୍ଦ ସମେତ ଆହୁରି ତୀବ୍ର ଆନ୍ଦୋଳନ କାର୍ଯ୍ୟକ୍ରମ ଘୋଷଣା କରାଯିବ ବୋଲି ମିଳିତ ଭାବେ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଅଳି କିଶୋର ପଟ୍ଟନାୟକ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର କାଡାମ, ବାମପନ୍ଥୀ ନେତା ରାମକୃଷ୍ଣ ପଣ୍ଡାଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ୍ ବିରୋଧରେ ବର୍ଷିଥିଲେ।

# ଦାରା ସିଂକୁ ନେଇ ଦ୍ୱନ୍ଦ୍ୱରେ ଓଡ଼ିଶା ସରକାର

## ରାଜ୍ୟ ସରକାରଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ଭୁବନେଶ୍ୱର,୮।୯(ସମିସ): ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିବା ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲର ମୁକ୍ତି ନିଷ୍ପତ୍ତି ନେବାରେ ବିଳମ୍ବ ହେଉଥିବାରୁ ଓଡ଼ିଶା ସରକାରଙ୍କୁ ମଙ୍ଗଳବାର କଡା ତାଗିଦ କରିଛନ୍ତି ସୁପ୍ରିମକୋର୍ଟ । ମଙ୍ଗଳବାର ଶୁଣାଣି ବେଳେ ଆଡଭୋକେଟ୍ ଅନ୍ ରେକର୍ଡଙ୍କ ଅସୁସ୍ଥତା କାରଣରୁ ସେପ୍ଟେମ୍ବର ୧୭ ତାରିଖକୁ ଶୁଣାଣି କରିବାକୁ କହିବାରୁ କୋର୍ଟ କ୍ଷୁବ୍ଧ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଓକିଲଙ୍କୁ ସୁପ୍ରିମକୋର୍ଟ ତାଗିଦ୍ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ରାଜ୍ୟ ସରକାରଙ୍କ ସଚିବଙ୍କୁ ସମନ କରାଯିବ ବୋଲି କୋର୍(ର୍ କହିଛନ୍ତି।

- ଟାଳଟୁଳ ନୀତି ନ ଆପଣାଇବାକୁ କଡା ତାଗିଦ
- ସଚିବଙ୍କୁ ସମନ କରିବାକୁ ଅଦାଲତଙ୍କ ଚେତାବନୀ

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏଓଆର (ଆଡଭୋକେଟ୍ ଅନ୍ ରେକର୍ଡ) ଅସୁସ୍ଥ ଥିବା ଦର୍ଶାଇ ୪ ସପ୍ତାହ ସମୟ ମଗାଯାଇଥିଲା। ଏହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଷ୍ଟିସ ବିଷ୍ଣୋଇ କହିଛନ୍ତି ଯେ "ଆପଣ ଏମିତି ଚଳାଇ ପାରିବେ ନାହିଁ। ପ୍ରାୟ ଦୁଇ ବର୍ଷ ହେଲା ମାମଲା ଘୁଞ୍ଚୁଛି ବୋଲି ଜଷ୍ଟିସ ମିଶ୍ର କହିଥିଲେ। ଓକିଲଙ୍କ ପାଖରେ କୌଣସି ନିର୍ଦ୍ଦେଶ ନ ଥିବା ଜଣାପଡିବା ପରେ କୋର୍ଟ ଚେତାବନୀ ଦେଇ କହିଛନ୍ତି, "ଆମେ ଆଉ ଘୁଞ୍ଚାଇବୁ ନାହିଁ। ଏ ସମ୍ପର୍କରେ ସ୍ପଷ୍ଟ ନିଷ୍ପତ୍ତି ନିଅନ୍ତୁ ନଚେତ୍ ଆମେ ଆପଣଙ୍କ ସଚିବଙ୍କୁ ସମନ୍ କରାଇବୁ। ଶେଷରେ କୋର୍ଟ ମାମଲାକୁ ସେପ୍ଟେମ୍ବର ୧୭ କୁ ସ୍ଥଗିତ ରଖିବା ସହ ଅଗଷ୍ଟ ୧୯ ଆଦେଶ ଅନୁଯାୟୀ ନିଆଯାଇଥିବା ନିଷ୍ପତ୍ତି ଜଣାଇବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶୁଣାଣିରେ କୋର୍ଟ ଓଡ଼ିଶା ସେଣ୍ଟେନ୍ସ ରିଭ୍ୟୁ ବୋର୍ଡକୁ ନିଷ୍ପତ୍ତି ପାଇଁ ଶେଷ ସୁଯୋଗ ଦେଇଥିଲେ। ନିଷ୍ପତ୍ତି ନ ହେଲେ କୋର୍ଟ ନିଜେ ନିଷ୍ପତ୍ତି ନେବ ବୋଲି ମୌଖିକ ଭାବେ କହିଥିଲେ।

## ଓସେନ ୱିନର ଜାହାଜ ବୁଡ଼ି ମାମଲା

# ପ୍ରଭାବିତ କମ୍ପାନୀର କ୍ଷତିଭରଣା ଆବେଦନ

କଟକ,୮।୯(ସମିସ): ବହୁଚର୍ଚ୍ଚିତ ଜାହାଜ ଏମଭି ଓସେନ ୱିନର ବୁଡି ମାମଲା ହାଇକୋର୍ଟରେ ପହଞ୍ଚିଛି। ଏହି ଜାହାଜ ବୁଡି ଘଟଣାରେ କ୍ଷତିଗ୍ରସ୍ତ କମ୍ପାନୀ ଓସିଏଲ ଆଇରନ ଆଣ୍ଡ ଷ୍ଟିଲ ଲିମିଟେଡ ପକ୍ଷରୁ ହାଇକୋର୍ଟରେ ଇଣ୍ଟରନାସନାଲ କମର୍ସିଆଲ ଆର୍ବିଟେସନ ପାଇଁ ଆବେଦନ କରାଯାଇଛି। ଏହି ମାମଲା ଆସନ୍ତାକାଲି ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିବା ବେଳେ ଜାହାଜ ବୁଡି ପାଇଁ ଆବେଦନକାରୀ ସଂସ୍ଥା ସମ୍ମୁଖୀନ ହୋଇଥିବା ପ୍ରତିପକ୍ଷଙ୍କଠାରୁ କ୍ଷତିଭରଣା ପାଇଁ ପ୍ରାର୍ଥନା କରିଛି। ପ୍ରକାଶଥାଉକି, ଗତ ଅଗଷ୍ଟ ୨୨ ତାରିଖ ପାରାଦ୍ୱୀପ ବନ୍ଦରରୁ ସିଙ୍ଗାପୁର ଅଭିମୁଖେ ବାହାରିଥିବା ୭୨ ହଜାର ମେଟ୍ରିକ ଟନ ଲୁହାପଥର ବୋଝେଇ ଏମଭି ଓସେନ ୱିନର ଜାହାଜ ୨୪୦ ନାଟିକାଲ ମାଇଲ ଦୂରରେ ବୁଡି ଯାଇଥିଲା। ଏହି ଘଟଣାରେ ୨୨ ଜଣ କ୍ରିଉ ସଦସ୍ୟ ନିଖୋଜ ଥିବା ବେଳେ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇପାରିଥିଲା।

# ଜେଲ୍ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ମାଲକାନଗିରି, ୮।୯ (ସମିସ): ବିଚାରାଧୀନ କଏଦୀ କବିରାଜ ରାଉତଙ୍କ ମୃତ୍ୟୁକୁ ନେଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଛି। ଗଞ୍ଜେଇ ମାମଲାରେ ପ୍ରାୟ ୪ ବର୍ଷ ଧରି ସେ ଜେଲ୍ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଗତ ରାତିରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନ୍ନତି ଘଟିବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାରେ ଅବହେଳା ଏବଂ ମୃତ୍ୟୁର ପ୍ରକୃତ କାରଣ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ପରିବାର ଲୋକେ। ଶବ ବ୍ୟବଚ୍ଛେଦ ପାଇଁ କୋରାପୁଟ ନେବା କଥା ଜାଣିବା ପରେ ପରିବାର ଲୋକେ ହସ୍ପିଟାଲ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ମୃତଦେହ ଅଟକ ରଖି ପ୍ରତିବାଦ କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ପରିବାର ସଦସ୍ୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଯାଇଥିଲା। ସେଠାରେ ଚାରିଜଣ ଡାକ୍ତର ଏବଂ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

### ପରିବାର ଲୋକଙ୍କ ପ୍ରତିବାଦ



# ୯ ଯୁବ ଆଇଏଏସ୍ଙ୍କୁ ଉପ ଜିଲ୍ଲାପାଳ ଦାୟିତ୍ୱ

ଭୁବନେଶ୍ୱର,୮।୯(ସମିସ): ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରି ଫେରିଥିବା ୨୦୨୪ ବ୍ୟାଚର ୯ ଜଣ ଆଇଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ବିଭିନ୍ନ ଉପଖଣ୍ଡର ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍(ଏସଡିଏମ୍) ଭାବେ ନିଯୁକ୍ତି ଦେଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଅନିମେଶ ପ୍ରଧାନଙ୍କୁ ଆଠଗଡ଼, ପ୍ରଜ୍ଞାନନନ୍ଦନ ଗିରିଙ୍କୁ ତାଳଚେର, କସ୍ତୁରୀ ଶାଙ୍କୁ ଭବାନୀପାଟଣା, ଫାବି ରଶିଦଙ୍କୁ କୋରାପୁଟ, ମୃଣାଳିକା ରାଠୋରଙ୍କୁ ରାୟଗଡ଼ା ଉପ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ସେହିପରି ଶୁଭ୍ରା ପଣ୍ଡାଙ୍କୁ ଜୟପୁର ଏବଂ ପୱନ କୁମାରଙ୍କୁ ଟିଟିଲାଗଡ଼ , ଭଗତ ଶାମଲ କଲ୍ୟାଣରାଓଙ୍କୁ ପାରଳାଖେମୁଣ୍ଡି, ସନ୍ତୋଷ କୁମାର ପାତ୍ରଙ୍କୁ ବଣାଇଗଡ଼ ଉପ ଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ଏହି ଅଧିକାରୀମାନେ ସମ୍ପୃକ୍ତ ସ୍ଥାନରେ ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ।

# ଶ୍ରୀମନ୍ଦିର, ରତ୍ନଭଣ୍ଡାର, ଶ୍ରୀନଅରକୁ ଟ୍ରେଡ୍ମାର୍କ ସୁରକ୍ଷା

ପୁରୀ,୮।୯(ସମିସ): ଶ୍ରୀମନ୍ଦିର ସହ ଜଡ଼ିତ ସ୍ୱତନ୍ତ୍ର ନାମଗୁଡ଼ିକର ବୌଦ୍ଧିକ ସମ୍ପତ୍ତି (ଟ୍ରେଡ୍ମାର୍କ) ସୁରକ୍ଷା ପ୍ରଦାନ କରିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଏହି କ୍ରମରେ ଟ୍ରେଡ୍ମାର୍କ ରେଜିଷ୍ଟ୍ରି ପକ୍ଷରୁ 'ଶ୍ରୀମନ୍ଦିର' (ବର୍ଗ ୧୯ ଓ ୪୫), 'ରତ୍ନଭଣ୍ଡାର' (ବର୍ଗ ୧୪ ଓ ୪୫) ଏବଂ 'ଶ୍ରୀନଅର' (ବର୍ଗ ୧୯) ନାମରେ ଦାଖଲ ହୋଇଥିବା ଟ୍ରେଡ୍ମାର୍କ ଆବେଦନଗୁଡ଼ିକ ପ୍ରକାଶନ ପାଇଁ ଗ୍ରହଣ କରାଯାଇଛି। ଏହା ଶ୍ରୀମନ୍ଦିରର ଅନନ୍ୟ ସାଂସ୍କୃତିକ ପରିଚୟର ସୁରକ୍ଷା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ 'ଆନନ୍ଦ ବଜାର', 'ପତିତପାବନ' ଏବଂ 'ନୀଳଚକ୍ର' ଲୋଗୋ ଭଳି ତିନୋଟି ନାମ ଓ ପ୍ରତୀକ ଟ୍ରେଡ୍ମାର୍କ ସୁରକ୍ଷା ପାଇଁ ଅନୁମୋଦିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ଟି ନାମ 'ଜଗନ୍ନାଥ ଧାମ', 'ଶ୍ରୀକ୍ଷେତ୍ର', 'ମହାପ୍ରସାଦ', 'ନୀଳଚକ୍ର' ଏବଂ 'କୋଇଲି ବୈକୁଣ୍ଠ' ଟ୍ରେଡ୍ମାର୍କ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶନ ପାଇଁ ଗ୍ରହଣ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ତଥା ଶ୍ରୀମନ୍ଦିର ସହ ନିବିଡ଼ ଭାବେ ସମ୍ପୃକ୍ତ ପବିତ୍ର ନାମ ଓ ପ୍ରତୀକଗୁଡ଼ିକର ଅନଧିକୃତ କିମ୍ବା ବାଣିଜ୍ୟିକ ବ୍ୟବହାରକୁ ରୋକିବା ହେଉଛି ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଦିଗରେ ମୋଟ ୨୯ଟି ଟ୍ରେଡ୍ମାର୍କ ଆବେଦନ କରାଯାଇଛି। ଅବଶିଷ୍ଟ ଆବେଦନଗୁଡ଼ିକର ଆବଶ୍ୟକ ପ୍ରକ୍ରିୟା ଚାଲିଥିବା ବେଳେ, ଶ୍ରୀଜଗନ୍ନାଥ ମନ୍ଦିର ସହ ସମ୍ପୃକ୍ତ ଐତିହ୍ୟର ବୌଦ୍ଧିକ ସମ୍ପତ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

# ୧୬.୭୬ ଲକ୍ଷ ଭତ୍ତା ଟଙ୍କା ହଡ଼ପ; ୩ ପଞ୍ଚାୟତ ଅଧିକାରୀ ଗିରଫ

ବାଲେଶ୍ୱର, ୮।୯(ସମିସ) : ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧ ହିତାଧିକାରୀଙ୍କ ପାଇଁ ଆସିଥିବା ସରକାରୀ ଭତ୍ତା ଟଙ୍କା ହଡ଼ପ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ର ୩ ଜଣ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କୁ ଆଜି ବାଲେଶ୍ୱର ଭିଜିଲାନ୍ସ ଗିରଫ କରିଛି। ଦୀର୍ଘଦିନ ଧରି ବୃଦ୍ଧ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ନିଆଯାଇଥିବା ଟଙ୍କାରୁ ୧୬ ଲକ୍ଷ ୭୬ ହଜାର ୫୦୦ ଟଙ୍କା ବେଆଇନ ଭାବେ ଆତ୍ମସାତ୍ କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କଖରା ଗ୍ରାମପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତଥା ବର୍ତ୍ତମାନ କୁସୁଡ଼ା ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ସୁବ୍ରତ କୁମାର ପତି, କୁମ୍ଭାରମୁଳି ଗ୍ରାମପଞ୍ଚାୟତର ପୂର୍ବତନ ପିଇଓ ତଥା ବର୍ତ୍ତମାନ ଖଇରା ବ୍ଲକ୍ରେ କାର୍ଯ୍ୟରତ ଚିତ୍ତରଞ୍ଜନ ବାଗସିଂ ଏବଂ ଜଳେଶ୍ୱରପୁର ଗ୍ରାମପଞ୍ଚାୟତର ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର ଗୌତମ ଦଳାଇ। ଭିଜିଲାନ୍ସ ପକ୍ଷରୁ ରୁଜୁ ହୋଇଥିବା ବାଲେଶ୍ୱର ଭିଜିଲାନ୍ସ ଥାନା କେସ୍ ନମ୍ବର ୨୨/୨୦୨୬ ଆଧାରରେ ଏହି ୩ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ଅନୁସାରେ, ୨୦୨୨ରୁ ୨୦୨୫ ମଧ୍ୟରେ ଅଭିଯୁକ୍ତମାନେ ଭୋଗରାଇ ବ୍ଲକ୍ ଅଫିସ୍ରୁ ପ୍ରତିମାସ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ ପାଇଁ ଅଗ୍ରିମ ଟଙ୍କା ନେଉଥିଲେ। ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ପରେ ବଳକା ଟଙ୍କା ସରକାରୀ ହିସାବରେ ଜମା କରିବା କିମ୍ବା ଏହାର ଠିକ୍ ହିସାବ ଦେବା ପରିବର୍ତ୍ତେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଟଙ୍କା ନିଜସ୍ୱ ଲାଭ ପାଇଁ ହଡ଼ପ କରିଥିବା ଭିଜିଲାନ୍ସ ତଦନ୍ତରୁ ପ୍ରକାଶ ପାଇଛି। ଗିରଫ ତିନି ଅଭିଯୁକ୍ତଙ୍କୁ ଆଜି ବାଲେଶ୍ୱର ସ୍ପେଶାଲ୍ ଜଜ୍, ଭିଜିଲାନ୍ସଙ୍କ ଅଦାଲତରେ ହାଜର ପାଇଁ ପଠାଯାଇଛି। ଘଟଣାରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି।



# ବଜ୍ରପାତରେ ଫିଜିଓଥେରାପି ଡାକ୍ତରଙ୍କ ମୃତ୍ୟୁ

ଜଳେଶ୍ୱର/ରାଜଘାଟ, ୮।୯ (ସମିସ) : ମଙ୍ଗଳବାର ଅପରାହ୍ନ ୪ ଟା ସମୟରେ ବଜ୍ରପାତଜନିତ ଆଘାତରେ ଜଣେ ଫିଜିଓଥେରାପି ଡାକ୍ତରଙ୍କ ମୃତ୍ୟୁ ଘଟିଛି। ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍ପିଟାଲରେ କାର୍ଯ୍ୟରତ ଫାର୍ମାସିଷ୍ଟ ସସ୍ମିତା ମିଶ୍ରଙ୍କ ସ୍ୱାମୀ ଉଦୟନାରାୟଣ ମିଶ୍ର (୪୧) ଅପରାହ୍ନରେ ଭେଲୋରାସ୍ଥିତ ଆଦର୍ଶ ବିଦ୍ୟାଳୟରେ ପାଠପଢୁଥିବା ନିଜ ପୁଅକୁ ଆଣିବାକୁ ଜାତୀୟ ରାଜପଥ ୬୦ରେ ବାଇକ୍ ଯୋଗେ ଯାଉଥିଲେ। ହଠାତ୍ କଳାହାଣ୍ଡିଆ ମେଘ ଆସିବା ସହିତ ତୁହାକୁତୁହା ବଜ୍ରପାତ ହୋଇଥିଲା। ଫଳରେ ଉଦୟନାରାୟଣ ରାସ୍ତାର ରାଜଘାଟ ନିକଟ ଏକ ଗଛମୂଳରେ ଅଟକି ଯାଇଥିଲେ। ତାଙ୍କ ଉପରେ ବଜ୍ରପାତ ହେବାରୁ ସେ ଓଲଟି ପଡିଥିଲେ। ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଆମ୍ବୁଲାନ୍ସ ସହଯୋଗରେ ଜିକେଭଟ୍ଟର ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଉଦୟନାରାୟଣ ଅମର୍ଦ୍ଦାରୋଡ ମୂଳନିବାସୀ ହୋଇଥିବା ବେଳେ ଦୀର୍ଘବର୍ଷ ଧରି ଜଳେଶ୍ୱରରେ ରହିଆସୁଥିଲେ। ଜଳେଶ୍ୱର ଅଣ୍ଡରପାସ୍ ନିକଟରେ ଏକ ଫିଜିଓ ଥେରାପି ସେଣ୍ଟର କରି ରୋଗୀମାନଙ୍କୁ ସେବା ଦେଇ ଆସୁଥିଲେ। ଅନୁରୂପଭାବେ କଳମା ଗାଁର ପ୍ରତୀମା ଗିରି(୩୨) ନିଜଘର ପିଣ୍ଡାରେ ବସିଥିବା ବେଳେ ଘର ନିକଟରେ ବଜ୍ରପାତ ହେବାରୁ ସେ ସଂଜ୍ଞାହୀନ ହୋଇ ଯାଇଥିଲେ। ତାଙ୍କୁ ଜିକେ ଭଟ୍ଟର ହସ୍ପିଟଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ କରାଯାଉଥିବା ଜଣାଯାଇଛି।

## ଖପରାପଦା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

# ଲୁଟିନେଲେ ୧୦ ଲକ୍ଷରୁ ଅଧିକ ଟଙ୍କା

ବାଲେଶ୍ୱର/ବାଲିଆପାଳ,୮।୯(ସମିସ): ଦିନ ଦ୍ୱିପ୍ରହରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖାପରାପଦା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି ହୋଇଛି। ଦଶ ଲକ୍ଷରୁ ଅଧିକ ଟଙ୍କା ଡକାୟତି ହୋଇଛି। ଆଜି ଅପରାହ୍ନ ୧ଟା ୪୦ରେ ୬ଜଣ ଶସ୍ତ୍ର ଡକାୟତ ତିନିଟି ବାଇକ ଯୋଗେ ଖପରାପଦା ଗ୍ରାମୀଣ ବ୍ୟାଙ୍କ ଭିତକୁ ଗ୍ରାହକ ଭାବରେ ପଶିଥିଲେ। କେହି କିଛି ଭାବିବା ପୂର୍ବରୁ ବ୍ୟାଙ୍କର ଗେଟ୍କୁ ବନ୍ଦ କରି ଦେଇଥିଲେ। ପରେ ବନ୍ଧୁକ ଓ ତେଲେଙ୍ଗା କାତି ଦେଖାଇ ବ୍ୟାଙ୍କ କର୍ମଚାରୀ ଓ କିଛି ଗ୍ରାହକଙ୍କ ଠାରୁ ପ୍ରଥମେ ମୋବାଇଲ ଛଡାଇ ନେଇ ସମସ୍ତଙ୍କୁ ଆଣ୍ଠେଇ ଦେଇ ଥିଲେ। ପରେ ମ୍ୟାନେଜର ଅଜୟ କୁମାର ସେଠୀଙ୍କୁ ବନ୍ଧୁକ ଦେଖାଇବା ସହିତ ଆକ୍ରମଣ କରିଥିଲେ। ପରେ ମ୍ୟାନେଜର ଶ୍ରୀ ସେଠୀ ଭୟଭୀତ ହୋଇ ଷ୍ଟ୍ରଙ୍ଗରୁମ ଚାବି ଖୋଲିଥିଲେ। ପରେ ଡକାୟତମାନେ ଷ୍ଟ୍ରଙ୍ଗରୁମ ଓ ଆକାଉଣ୍ଟ ସେକସନରୁ ଅନୁମାନିକ ଦଶ ଲକ୍ଷରୁ ଅଧିକ ଟଙ୍କା ଲୁଟ୍ କରି ସମସ୍ତଙ୍କୁ ଷ୍ଟ୍ରଙ୍ଗରୁମ ଭିତରେ ପୂରାଇ ଚାବି ପକାଇ ଦେଇ ଚମ୍ପଟ ମାରିଥିଲେ ବୋଲି ମ୍ୟାନେଜର ଶ୍ରୀ ସେଠୀ କହଛନ୍ତି। ତେବେ ସମସ୍ତ ଡ଼କାୟତ ବଙ୍ଗଳାରେ କଥା ବାର୍ତ୍ତା କରୁଥିବାରୁ ଏହି ଡକାୟତିରେ ବାହାର ରାଜ୍ୟର ଡ଼କାୟତ ମାନଙ୍କର ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି। ଏହି ଡକାୟତି ଗ୍ୟାଙ୍ଗରେ ଦୁଇ ଜଣ ହେଲମେଟ ପିନ୍ଧି ଥିବା ବେଳେ ଜଣେ ମାସ୍କ ମୁହଁରେ ଲଗାଇ ଥିଲେ । ଅନ୍ୟ କେତେ ଜଣ ଖୋଲା ମୁହଁରେ ଥିଲେ। ଡକାୟତମାନେ ପ୍ରଥମେ ବ୍ୟାଙ୍କ ରେ ଲାଗି ଥିବା ସିସିଟିଭି କ୍ୟାମରାର ହାଡ଼ଡିସ୍କ ଖୋଲି ନେଇ ଯାଇଥିବାର ସୂଚନା ମିଳିଛି। ଡ଼କାୟତିର ଖବର ପାଇ ବାଲିଆପାଳ ପୁଲିସ ଘଟଣସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ବାଲେଶ୍ୱର ଏସ୍ପି ପ୍ରତ୍ୟୁଷ ଦିବାକର ଏବଂ ସାଇଣ୍ଟିଫିକ୍ ଦଳ ବ୍ୟାଙ୍କରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି।



## ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି ବାସନ୍ତୀ ଦୁର୍ଗା ମନ୍ଦିର

# ନିର୍ମାଣର ଅଧଘଣ୍ଟା ପରେ ଭୁଶୁଡ଼ିଲା ଛାତ

ଭଦ୍ରକ/ଅସୁରାଳି/ଧୂଷୁରୀ,୮।୯(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅଧୀନ ହସନାବାଦ ପଞ୍ଚାୟତରେ ସରକାରୀ ଅନୁଦାନରେ ଚାଲିଥିବା ନିର୍ମାଣ କାର୍ଯ୍ୟର ନିମ୍ନମାନକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବାସନ୍ତୀ ଦୁର୍ଗା ମନ୍ଦିରର ଛାତ ପଡ଼ିବାର ମାତ୍ର ଅଧଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଛାତଟି ଭୁଶୁଡ଼ି ପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

### ସରକାରୀ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ

ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୬ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ବିନିଯୋଗରେ ଏହି ମନ୍ଦିରର ଛାତ ଢଳେଇ କାର୍ଯ୍ୟ ସମ୍ପାଦିତ ହେଉଥିଲା। ତେବେ ଛାତ ପଡ଼ିବା କାର୍ଯ୍ୟ ଶେଷ ହେବାର ମାତ୍ର ୩୦ ମିନିଟ୍ ମଧ୍ୟରେ ନିର୍ମାଣାଧୀନ କଂକ୍ରିଟ୍ ଛାତଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ସୌଭାଗ୍ୟବଶତଃ, ଏଥିରେ କେହି ଆହତ କିମ୍ବା କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ଯାହାଫଳରେ ଏକ ବଡ଼ ବିପଦ ଟଳିଯାଇଛି। ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ସରକାରୀ ଅର୍ଥର ଏଭଳି ଅପବ୍ୟୟ ଏବଂ ଦାୟିତ୍ୱହୀନ ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଓ ସନ୍ଦେହ ଉପୁଜିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ଥିବା ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ବିଜେପିରେ ଆଭ୍ୟନ୍ତରୀଣ କନ୍ଦଳ ତୀବ୍ର

# ଉପମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ମୁଖପାତ୍ରଙ୍କ 'ଦରି' ଚ୍ୟାଲେଞ୍ଜ

ପୁରୀ,୮।୯(ସମିସ): ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର କିଛିମାସ ପରେ ନିମାପଡ଼ା ବିଜେପିରେ ଅଳସ ଭାଙ୍ଗିଥିଲା ଦଳୀୟ କନ୍ଦଳ। ଦୁଇ ଭିନ୍ନ ଦଳରେ ଥିବାବେଳେ ପ୍ରଭାତୀ ପରିଡ଼ା ଓ ସମୀର ଦାଶଙ୍କ ଯେଉଁ ବିବାଦ ରହିଥିଲା, ସେଥିରେ ସାମୟିକ ବିରତି ଲାଗିଥିଲା। ନିର୍ବାଚନ ପ୍ରଚାର ସମୟରେ ପ୍ରଭାତୀ ଯେଉଁ ଆନୁଗତ୍ୟ ସମୀରଙ୍କ ପ୍ରତି ଦେଖାଇଥିଲେ ଉପମୁଖ୍ୟମନ୍ତ୍ରୀ ହେବା ପରେ ତାହା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ବିଜୟ ପରେ ପ୍ରଭାତୀ ଧୀରେ ଧୀରେ ସମୀରଙ୍କୁ କରଛଡ଼ା ଦେଇଥିଲେ। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସିଧାସଳଖ ସମାଲୋଚନା କରିଥିଲେ ସମୀର। ଯଦିଓ ପଦ ପଦବୀକୁ ନେଇ ଅପା ଚୁପ୍ ରହିବାକୁ ବାଧ୍ୟ ହେଉଥିଲେ କିନ୍ତୁ ଭାଇନା ଥିଲେ ଲଗାମ୍ଛଡ଼ା। ତେଣୁ ମଝିରେ ମଝିରେ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରୁଥିଲେ। ଗୋଟିଏ ଦଳରେ ଉଭୟ ଥିବା ଯୋଗୁଁ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଦଳୀୟ ନେତାମାନେ ଯେଉଁ ଆଶା ରଖିଥିଲେ, ଏବେ ଆଉ ସେହି ସ୍ଥିତି ନାହିଁ। ଉଭୟ ପ୍ରତ୍ୟକ୍ଷ ସମରକୁ ଓହ୍ଲାଇଛନ୍ତି ଏବଂ ଉଭୟଙ୍କ ସହଯୋଗୀ କର୍ମୀମାନେ ବାକ୍ଯୁଦ୍ଧରେ ମାତିଛନ୍ତି । ଏହି ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ଦେଇଛନ୍ତି 'ଦରି' ଚାଲେଞ୍ଜ । ଯାହାକୁ ନେଇ ପୁରା ପୁରୀ ଜିଲ୍ଲା ବିଜେପି ରାଜନୀତି ସରଗରମ ହୋଇଛି । ପୁଣିଥରେ ଦୁହିଁଙ୍କ ସମର୍ଥକମାନେ ମୁହାଁମୁହିଁ ଅବସ୍ଥାକୁ ଆସିଛନ୍ତି ।

ନିକଟରେ ଏକ କାର୍ଯ୍ୟକ୍ରମରେ ସମୀର କହିଛନ୍ତି ଯେ ଆସନ୍ତା ପଞ୍ଚାୟତ ନିର୍ବାଚନ ନିମାପଡ଼ାରେ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେପି ଲଢ଼ିବ। ତେବେ ତା' ପୂର୍ବରୁ ନିଜ ଦକ୍ଷତା ଓ ଲୋକ ସମର୍ଥନର ସେ ପ୍ରମାଣ ଦେବା ଆବଶ୍ୟକ। 'ଦରି ପକାଇଦେବା, ଦେଖିବା କାହାର କେତେ ଦମ୍'। ପ୍ରଭାତୀଙ୍କ ନିଜ ପଞ୍ଚାୟତ ତେରୁଣ୍ଡିଆରେ ଏଭଳି ଚ୍ୟାଲେଞ୍ଜକୁ ଗ୍ରହଣ କରନ୍ତୁ ବୋଲି ସମୀରଙ୍କ ବୟାନ ଏବେ ନିମାପଡ଼ା ରାଜନୀତିରେ ନୂଆ ଚର୍ଚ୍ଚା ଛିଡ଼ା କରିଛି। ସମୀରଙ୍କ ଏହି ବୟାନକୁ କେବଳ ଏକ ରାଜନୈତିକ ଟିପ୍ପଣୀ ଭାବେ ନୁହେଁ, ବରଂ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନିମାପଡ଼ାରେ ନିଜ ଗୋଷ୍ଠୀର ସାଙ୍ଗଠନିକ ଶକ୍ତି ଦେଖାଇବାର ଏକ ପ୍ରକାର ରଣହୁଙ୍କାର ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ସମୀରଙ୍କ 'ଦରି' ଚ୍ୟାଲେଞ୍ଜ ପରେ ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ରାଜନୈତିକ ବାକ୍ଯୁଦ୍ଧ ମଧ୍ୟ ଜୋର୍ ଧରିଛି। ସାମାଜିକ ଗଣମାଧ୍ୟମରେ ଅପା ଓ ଭାଇନାଙ୍କ ସମର୍ଥକମାନେ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରୁଥିବା ଦେଖାଯାଉଛି। କିଏ କେତେ ଲୋକଙ୍କୁ ନିଜ ସହ ଯୋଡ଼ିପାରୁଛି, କାହାର ସାଂଗଠନିକ ଦବ୍ଦବା ଅଧିକ ତାହାକୁ ନେଇ ଉଭୟ ଶିବିର ନିଜ ନିଜ ଶକ୍ତିର ଦାବି କରୁଛନ୍ତି।

ଏହି ଘଟଣା ଏବେ କେବଳ ନିମାପଡ଼ାର 'ଅପା-ଭାଇନା' ବିବାଦରେ ସୀମିତ ନାହିଁ। ଏହାର ପ୍ରଭାବ ପୁରୀ ଜିଲ୍ଲା ବିଜେପିର ସାଂଗଠନିକ ରାଜନୀତି ଉପରେ କେତେ ପଡ଼ିବ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଗୋଟିଏ ଦଳରେ ଥାଇ ଦୁଇ ଶିବିରର ଶକ୍ତି ପ୍ରଦର୍ଶନ ଯଦି ଆଗକୁ ଆହୁରି ତୀବ୍ର ହୁଏ, ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳୀୟ ଏକତା ପାଇଁ ଏହା ଚ୍ୟାଲେଞ୍ଜ ହୋଇପାରେ। ଏବେ ନଜର ରହିଛି ସମୀରଙ୍କ 'ଦରି' ଚ୍ୟାଲେଞ୍ଜକୁ ପ୍ରଭାତୀ ଶିବିର କିପରି ନେଉଛି ଏବଂ ଆଗାମୀ ଦିନରେ ନିମାପଡ଼ାରେ କିଏ କେତେ ସାଙ୍ଗଠନିକ ଶକ୍ତି ଦେଖାଇପାରୁଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି 'ଦରି' ରାଜନୀତି ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

# ଖଣିଜ ପରିବହନରେ ରାଜପଥ ଜାମ୍; ହନ୍ତସନ୍ତ ଜନଜୀବନ

ଯୋଡ଼ା, ୮।୯ (ସମିସ)

କେନ୍ଦୁଝର ଜିଲ୍ଲା ବାମେବାରୀ-ପଳାସପଙ୍ଗା ରାଜ୍ୟ ରାଜପଥରେ ଦିନକୁ ଦିନ ବଢ଼ୁଥିବା ଟ୍ରାଫିକ୍ ସମସ୍ୟା ଏବେ ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ରାସ୍ତା ଜାମ୍‌ର ମୁଖ୍ୟ କାରଣ ଭାବେ ଖଣିଜ ବୋଝେଇ ଭାରୀଯାନଗୁଡ଼ିକର ଅନିୟନ୍ତ୍ରିତ ଚଳାଚଳ ଓ ରାଜପଥ ଉପରେ ବେଆଇନ ପାର୍କିଂକୁ ଦାୟୀ କରାଯାଉଛି।

- ଜିଲ୍ଲାପାଳଙ୍କ ତାଗିଦ ପରେ ବି ସୁଧୁରୁନି ସ୍ଥିତି
- ବାମେବାରୀ-ପଳାସପଙ୍ଗା ରାସ୍ତାରେ ଦିନରାତି ଭିଡ଼



ଅଭିଯୋଗ ଅନୁସାରେ, ଆର୍ସେଲର ମିତ୍ତଲ କମ୍ପାନୀର ଆବଶ୍ୟକତା ଅନୁପାତରେ ଖଣିଜ ବୋଝେଇ ଟ୍ରକ୍ ଡାକିବା ପରିବର୍ତ୍ତେ ବହୁ ସଂଖ୍ୟକ ଟ୍ରକ୍ ଏକାସାଙ୍ଗରେ ଆସୁଥିବାରୁ ସମସ୍ୟା ଗୁରୁତର ହେଉଛି। ସ୍ଥାନୀୟ ଗାଡ଼ି ମାଲିକଙ୍କ କହିବା ଅନୁଯାୟୀ, କମ୍ପାନୀରେ ଯଦି ଦିନକୁ ପ୍ରାୟ ୨୦୦ଟି ଗାଡ଼ି ଖାଲି କରିବାର କ୍ଷମତା ରହିଛି, ତେବେ ତାହାଠାରୁ ବହୁଗୁଣ ଅଧିକ, ପ୍ରାୟ ୧୫୦୦ରୁ ୨୦୦୦ ପର୍ଯ୍ୟନ୍ତ ଟ୍ରକ୍ ଡାକିବା ଫଳରେ ଗାଡ଼ିଗୁଡ଼ିକୁ ସମୟରେ ଖାଲି କରାଯାଇପାରୁନାହିଁ। ଫଳରେ ବାଧ୍ୟହୋଇ ଟ୍ରକ୍‌ଗୁଡ଼ିକ ରାଜପଥ କଡ଼ରେ ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହୁଛନ୍ତି। ଏହି ରାସ୍ତାରେ ଆର୍ସେଲର ମିତ୍ତଲ ନିଜର ସାଗାସାହି ଖଣିରୁ କାରଖାନାକୁ ଖଣିଜ ପରିବହନ କରୁଥିବା ବେଳେ ବଡ଼ବିଲ ଠାକୁରାଣୀ ଅଞ୍ଚଳର ଖଣି ସମେତ ସିରାଜୁଦ୍ଦିନ, ଓଏମ୍‌ସି ଆଦି ବିଭିନ୍ନ ଖଣିରୁ ମଧ୍ୟ ନିୟମିତ ଭାବେ ଖଣିଜ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଏତେ ବଡ଼ ସଂଖ୍ୟାରେ ଭାରୀଯାନ ଚଳାଚଳ କରୁଥିବା ସତ୍ତ୍ୱେ କମ୍ପାନୀ ପକ୍ଷରୁ ନିଜର ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ନଥିବାରୁ ରାଜପଥ ହିଁ ଟ୍ରକ୍‌ଗୁଡ଼ିକର ଅସ୍ଥାୟୀ ପାର୍କିଂ ସ୍ଥଳ ପାଲଟିଥିବା ଅଭିଯୋଗ ହେଉଛି। ଫଳରେ ସକାଳୁ ରାତି ପର୍ଯ୍ୟନ୍ତ ବାମେବାରୀ–ପଳାସପଙ୍ଗା ରାସ୍ତାରେ ଟ୍ରକ୍‌ର ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ରାସ୍ତା ଜାମ୍?ରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାରେ, ରୋଗୀ ଓ ଆମ୍ବୁଲାନ୍ସ ହସ୍ପିଟାଲରେ ପହଞ୍ଚିବାରେ ଏବଂ ସାଧାରଣ ଲୋକେ ନିଜର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରିବାରେ ଅସୁବିଧା ଭୋଗୁଛନ୍ତି। ଜରୁରୀ ସମୟରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀକାଳୀନ ଯାନ ମଧ୍ୟ ଜାମ୍‌ରେ ଫସିଯିବାର ଆଶଙ୍କା ରହୁଛି।

ଏହି ଗୁରୁତର ସମସ୍ୟାକୁ ନେଇ ରବିବାର କେନ୍ଦୁଝରେ ଦରବାର ହଲ୍‌ରେ ଜିଲ୍ଲାପାଳ, ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ଗାଡ଼ି ମାଲିକ ସଂଘର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଗଭୀର ଆଲୋଚନା ହୋଇଥିଲା। ରାସ୍ତା ଜାମ୍ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ କମ୍ପାନୀକୁ ଜିଲ୍ଲାପାଳଙ୍କ ପକ୍ଷରୁ ତାଗିଦ ମଧ୍ୟ କରାଯାଇଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ଯଦି ରାଜପଥ ଉପରେ ଭାରୀଯାନ ପାର୍କିଂ ଜାରି ରହେ, ତେବେ ଏହା ପ୍ରଶାସନିକ ନିର୍ଦ୍ଦେଶର ଅବମାନନା ନୁହେଁ କି ବୋଲି ଏବେ ପ୍ରଶ୍ନ ଉଠିଛି।

## ଟ୍ରକ୍ ଦୁର୍ଘଟଣାରେ ମହିଳା ମୃତ

ଯୋଡ଼ା, ୮।୯ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଏନ୍‌ଏସି ଗେଟ୍ ନିକଟରେ ମଙ୍ଗଳବାର ସକାଳୁ ଏକ ଦୁର୍ଘଟଣାରେ ଜଣେ ଅଜଣା ମହିଳାଙ୍କ ମୃତ୍ୟୁ ଘଟିଛି। ଏକ ଟ୍ରକ ଚକା ତଳେ ଚାପି ହେବା ଦ୍ୱାରା ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଯୋଡ଼ା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଯୋଡ଼ା ଟାଟା ମେଡିକାଲ ହସ୍ପିଟାଲର ଶବ ବ୍ୟବଚ୍ଛେଦ ଗୃହରେ ସଂରକ୍ଷିତ ରଖିଥିବା ଜଣାପଡିଛି। ଦୁର୍ଘଟଣାରେ ସମ୍ପୃକ୍ତ ଓଡି-୦୯ଜେ-୨୩୫୯ ନମ୍ବର ବିଶିଷ୍ଟ ଟ୍ରକ୍‌କୁ ପୁଲିସ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ମହିଳାଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ ଏବଂ ତାଙ୍କର ପରିଚୟ ମିଳିପାରିନାହିଁ।

## ଭାଲୁ ଆକ୍ରମଣରେ ୨ ଭାଇ ଗୁରୁତର

ଆନନ୍ଦପୁର, ୮।୯ (ସମିସ): ବିଲରେ ଘାସ କାଟୁଥିବା ବେଳେ ଭାଲୁ ଆକ୍ରମଣରେ ଦୁଇ ଭାଇ ଗୁରୁତର ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆନନ୍ଦପୁର ସାମାନ୍ତ ମହୁଲଡିହା ଥାନା ଗୁଲୁଗୁଲିଆ ଗାଁରେ ଆଜି ସକାଳୁ ଘଟିଛି ଏଭଳି ଏକ ଘଟଣା। ଗୁରୁତରଦ୍ୱୟ ହେଲେ ଡୁମ୍ବି ହାଇବ୍ରୁ ଓ ବେହେରା ହାଇବ୍ରୁ। ଉଭୟ ଗୁରୁତର ଆହତ ଅବସ୍ଥାରେ ଚିତ୍କାର କରିବାରୁ ଗାଁ ଲୋକେ ଦୌଡିଆସିବା ଦେଖି ଭାଲୁ ଜଙ୍ଗଲକୁ ପଳାଇଥିଲା। ପରେ ଗାଁ ଲୋକେ ଦୁଇ ଭାଇଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ

ବାଲିବନ୍ଧ, ୮।୯ (ସମିସ): ଝୁମ୍ପୁରା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ନୟାଧନୁର୍ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଅନ୍ୟ ଏକ ବିଦ୍ୟାଳୟର ଜଣେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରିଥିବା ସମ୍ପର୍କରେ ଝୁମ୍ପୁରା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି। ସୋମବାର ଶିକ୍ଷକତା କରୁଥିବା ଜଣେ ସହକାରୀ ଶିକ୍ଷକ ନିକଟସ୍ଥ ବଡଡୁମୁରିଆ ପ୍ରାଥମିକ ବିଦ୍ୟାଳୟରେ ପଶି ଜଣେ ଶିକ୍ଷୟିତ୍ରୀଙ୍କୁ ମାରପିଟ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଅଭିଯୋଗ ପାଇବା ପରେ ସଂପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ଦିବାଲୋକରେ ଲୁଟିନେଲେ ସୁନାଗହଣା



ତୁରୁମୁଙ୍ଗା, ୮।୯ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଲକ୍ଷ୍ମୀପଶି ଗ୍ରାମରେ ସୋମବାର ଦ୍ୱିପହରରେ ଘରେ ପଶି ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ସାଙ୍ଗକୁ ନଗଦ ଏକ ଲକ୍ଷ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। କଳ୍ପନା ମହାନ୍ତଙ୍କ ଘରେ ଦିନ ଦ୍ୱିପହରେ କେହି ନଥିବାର ସୁଯୋଗ ନେଇ ଘରେ ପଶି ଦୁର୍ବୃତ୍ତମାନେ ତାଲା ଭାଙ୍ଗିବା ସହ ସେଥିରେ ଥିବା ନଗଦ ଏକ ଲକ୍ଷ ଟଙ୍କା ସହ ସୁନା ନେକଲେସ, ଚେନ ବ୍ରେସଲେଟ, ପାଉଁଜି, କାନଫୁଲ ଆଦି ଲୁଟି ନେଇଛନ୍ତି। ଏଥିସହ ବଣ୍ଡ ପେପର ଦୁଇଟି ମୋବାଇଲ ଲୁଟିନେଇଛନ୍ତି ଦୁର୍ବୃତ୍ତ। କଳ୍ପନା ଏବଂ ତାଙ୍କ ଭଉଣୀ ଘାସ କାଟିବାକୁ ଯାଇଥିଲେ। ଘଟଣା ଜଣାପଡ଼ିବା ପରେ ତୁରୁମୁଙ୍ଗା ଥାନା ପୁଲିସ ତଦନ୍ତ ଆରମ୍ଭ କରି ଲୁଟେରାଙ୍କୁ ଧରିବା ପାଇଁ ଛାନଭିନ୍ ଜାରି ରଖିଛି।

## ଶ୍ରୀଗୋପାଳଜୀଉ ମନ୍ଦିରରେ ବୃକ୍ଷ ରୋପଣ

ଆନନ୍ଦପୁର, ୮।୯ (ସମିସ): ପରିବେଶ ସୁରକ୍ଷା ତଥା ମା' ମାଟିର ସବୁଜିମା ବୃଦ୍ଧି ଏବଂ ମନୁଷ୍ୟର ଜୀବନ ରକ୍ଷା ପାଇଁ ଆବଶ୍ୟକ ଅମ୍ଳଜାନର ପରିବୃଦ୍ଧି ନିମିତ୍ତ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ ଆନନ୍ଦପୁର ବ୍ଲକ କୋଡପଡ଼ା ଶ୍ରୀଗୋପାଳଜୀଉ ବିଜେ ମନ୍ଦିର ପରିସରରେ ଔଷଧୀୟ ତଥା ପୁଷ୍ପ ବୃକ୍ଷ ରୋପଣ କରାଯାଇଛି। ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥୀ ପ୍ରଧାନଙ୍କ ତତ୍ତ୍ୱାବଧାନ ଏବଂ ଶ୍ରୀ ପତିତପାବନ ରଘୁନାଥଜୀଉ ପୁରୋଧା ଶାନ୍ତିଲତା ମାତା, ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ ଜଗନ୍ନାଥ ଜେନା, ଆନନ୍ଦପୁର ବ୍ଲକ ସଭାପତି ଅଯୋଧ୍ୟା ଘଡ଼େଇ, ଆନନ୍ଦପୁର ପୌରାଞ୍ଚଳ ସଭାପତି ଉମାକାନ୍ତ ନାୟକ, ସଦର (୧) ବ୍ଲକ୍ ସଭାପତି ପ୍ରସନ୍ନ ଦାସ, ସଦର(୨) ବ୍ଲକ ସଭାପତି ଜିତେନ୍ଦ୍ର ବେହେରା, କେନ୍ଦୁଝରଗଡ଼ ପୌରାଞ୍ଚଳ ସମ୍ପାଦକ ଅକ୍ଷୟ ଦାସ, ହରିଚନ୍ଦନପୁର ବ୍ଲକ ସଭାପତି ମାର୍କଣ୍ଡ ବେହେରା, ଘଟଗାଁ ବ୍ଲକ ଉପସଭାପତି ମଦନ ମୋହନ ବେଜ, ସଦର ବ୍ଲକ ସମ୍ପାଦକ ପ୍ରଣବ ଧ୍ୱଜ, କବି ଓ ବରିଷ୍ଠ ଗ୍ରାମବାସୀ ରାମଚନ୍ଦ୍ର ପଲେଇ, ସୁବାସଚନ୍ଦ୍ର ଶା, ଶଙ୍କର୍ଷଣ ବାରିକ ସହଯୋଗ କରିଥିଲେ। ପବିତ୍ର କାଳୀୟ ଦଳନ ଏକାଦଶୀ ଅବସରରେ ଆନନ୍ଦପୁର ବ୍ଲକ କୋଡ଼ପଡା ଭାଗବତ ଟୁଙ୍ଗିରେ ଏକ ସ୍ୱତନ୍ତ୍ର ସତସଙ୍ଗ ଅଧିବେଶନରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥୀ ପ୍ରଧାନ ମୁଖ୍ୟଅତିଥି, ପ୍ରାଧ୍ୟାପକ ଜଗନ୍ନାଥ ଜେନା ମୁଖ୍ୟବକ୍ତା ଏବଂ ଆନନ୍ଦପୁର ପୌରାଞ୍ଚଳ ସଭାପତି ଉମାକାନ୍ତ ନାୟକ ତଥା ବିଭିନ୍ନ ବ୍ଲକର କର୍ମକର୍ତ୍ତା ଉଦ୍‌ବୋଧନ ଦେଇଥିଲେ। ଅଯୋଧ୍ୟା ଘଡ଼େଇ ଓ ରାମଚନ୍ଦ୍ର ପଲେଇ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସଚେତନତା ରାଲି

କେନ୍ଦୁଝର, ୮।୯(ସମିସ): ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଆଜି ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏକ ବିଶାଳ ସାକ୍ଷରତା ସଚେତନତା ରାଲି ବାହାରିଥିଲା। ନିରକ୍ଷରତା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ସାକ୍ଷରତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଏହି ରାଲି ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତିରାଜ ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକଶିକ୍ଷୟିତ୍ରୀ ଉତ୍ସାହର ସହ ଯୋଗ ଦେଇଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ ସଚେତନତା ସଭାରେ ସମ୍ମାନିତ ଅତିଥି ଭାବେ ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ (ସଦର), ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଏବଂ ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପରମେଶ୍ୱର ମହାନ୍ତ ସାକ୍ଷରତାର ଗୁରୁତ୍ୱ ଏବଂ ସମାଜରୁ ନିରକ୍ଷରତା ଦୂର କରିବାରେ ସମସ୍ତଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚାସୀନ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ପ୍ରତିଷ୍ଠା), ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଯୋଜନା) ଏବଂ ବ୍ଲକ ଶିକ୍ଷାଧିକାରୀ (ସଦର) ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଉଲ୍ଲାସ କାର୍ଯ୍ୟକ୍ରମ ଅଧୀନରେ ଏଫ୍‌ଏଲ୍‌ଏନ୍‌ଏଟି (ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା)ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ନିକଟରେ ନବସାକ୍ଷର ହୋଇଥିବା ବ୍ୟକ୍ତିଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ମାନସ ରଞ୍ଜନ ମିଶ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ସଦର ଏବଂ ତାରଣୀସେନ ମୁଣ୍ଡା, ସଦର, ଜିଲ୍ଲାର ଅନେକ ପ୍ରଧାନଶିକ୍ଷକ ପରିଚାଳନା କରିଥିଲେ। କପିଳଚନ୍ଦ୍ର ଦାଶ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ସଦର ସଭାର ସଞ୍ଚାଳନା କରିଥିଲେ। ଏକ ସ୍ୱତନ୍ତ୍ର ସାକ୍ଷରତା ପଞ୍ଜୀକରଣ ଓ ଓରିଏଣ୍ଟେସନ୍ ଶିବିରରେ ଉପସ୍ଥିତ ନିରକ୍ଷର ବ୍ୟକ୍ତିମାନଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। 'ସାକ୍ଷରତା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ସଶକ୍ତିକରଣର ମୂଳ ଆଧାର' ବୋଲି ଏକ ଦୃଢ଼ ସାମାଜିକ ବାର୍ତ୍ତା ପ୍ରଦାନ କରାଯାଇଥିଲା। କେନ୍ଦୁଝର ଜିଲ୍ଲାକୁ ନିରକ୍ଷରତାମୁକ୍ତ କରିବା ଦିଗରେ ପ୍ରଶାସନ, ଶିକ୍ଷା ବିଭାଗ, ପଞ୍ଚାୟତିରାଜ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷକ ସମାଜ ଓ ସାଧାରଣ ଜନତାଙ୍କ ସମନ୍ୱିତ ପ୍ରୟାସ ଜାରି ରଖିବାକୁ ସାମୂହିକ ସଂକଳ୍ପ ନିଆଯାଇଥିଲା।

**ତେଲକୋଇ:** ତେଲକୋଇ ବ୍ଲକରେ ରମାଦେବୀ ଭିଲେଜ୍ ଡେଭଲପମେଣ୍ଟ ଅର୍ଗାନାଇଜେସନ୍ (ଆରଭିଡିଓ) ଏବଂ ଚାଇଲ୍ଡଫଣ୍ଡ ସହଯୋଗରେ ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ-୨୦୨୬ର ଶୁଭାରମ୍ଭ କରାଯାଇଛି। ଏହି ବର୍ଷର ବିଷୟବସ୍ତୁ 'ଲୋକ, ପୃଥିବୀ ଏବଂ ସମୃଦ୍ଧି ପାଇଁ ସାକ୍ଷରତା'କୁ ଆଧାର କରି ଶିଶୁ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଢ଼ାପଢ଼ି ପ୍ରତି ଆଗ୍ରହ, ସାକ୍ଷରତାର ଗୁରୁତ୍ୱ ଏବଂ ଶିଶୁ ଅଂଶଗ୍ରହଣ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଯୋଗେଶ୍ୱର ବେହେରା, ପ୍ରମୋଦ ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଏବଂ ତେଲକୋଇ ହାଇସ୍କୁଲର ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ପ୍ରଧାନଶିକ୍ଷକ ସମାଜରେ ସାକ୍ଷରତାର ଗୁରୁତ୍ୱ ଉପରେ ଗଭୀର ଆଲୋକପାତ କରିଥିଲେ। ପ୍ରକଳ୍ପ ଅଧିକାରୀ ପ୍ରଣୟ ବିଶ୍ୱାଳ ସାତଦିନିଆ କାର୍ଯ୍ୟକ୍ରମର ଯୋଜନା ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ୧୦ଟି ବିଦ୍ୟାଳୟସ୍ତରୀୟ ଶିଶୁ ଶିକ୍ଷାକେନ୍ଦ୍ରରେ ସମାନ୍ତରାଳ ଭାବେ ସାତଦିନ ଧରି ବିଭିନ୍ନ ସାକ୍ଷରତା ଓ ପଢ଼ାପଢ଼ି ଭିତ୍ତିକ କାର୍ଯ୍ୟକ୍ରମ କରାଯିବ। ଏଥିସହ 'ଗୋଟିଏ ପୁସ୍ତକ ଅଭିଯାନ' ମାଧ୍ୟମରେ ତେଲକୋଇ ବ୍ଲକ ପ୍ରତ୍ୟେକ ବିଦ୍ୟାଳୟର ଅତି କମରେ ଗୋଟିଏ ଦିନ ଶିଶୁମାନଙ୍କୁ ପୁସ୍ତକ ପଢ଼ିବା, ଆଲୋଚନା କରିବା ଓ ନିଜର ଶିକ୍ଷଣ ଅନୁଭୂତି ବାଣ୍ଟିବାର ସୁଯୋଗ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଛି।

**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡର ଘଷିପୁରା ବ୍ଲକ ଅନ୍ତର୍ଗତ ବିରଗୋବିନ୍ଦପୁରସ୍ଥିତ ଡିଆରଓ ସ୍ୱେଚ୍ଛାସେବୀ ସଂଗଠନର ଅଶାପୁରି ଆଶ୍ରମଠାରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ସକାଳେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉତ୍ତରାଞ୍ଚଳ ଓଡ଼ିଶାର ଇନ୍‌ଚାର୍ଜ ସସ୍ମିତା ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂପୃକ୍ତ ଗ୍ରାମର ଶିଶୁ, କିଶୋରୀ ଓ କିଶୋରୀମାନେ ସାକ୍ଷର ହେବାକୁ ଆହ୍ୱାନ କରାଯାଇଥିଲା। ପଙ୍କଜିନୀ ଜେନା, ରୁକ୍ମଣୀ ପରିଡ଼ା ଓ ଦେବାନନ୍ଦ ହାଁସଦା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।







## ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା




ବାଲିବନ୍ଧ, ୮।୯ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରା ପଞ୍ଚାୟତର ଖେଣ୍ଡରାଗ୍ରାମସ୍ଥିତ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ସୋମବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଷଣ, ଶୌଚାଳୟର ସଠିକ୍ ବ୍ୟବହାର ଏବଂ ଋତୁସ୍ରାବ ସ୍ୱଚ୍ଛତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଝୁମ୍ପୁରା ମେଡିକାଲର ଡା. ଜଗନ୍ନାଥ ମହାନ୍ତ, ଡା. ଶାଭିନେୟା ଜ୍ୟୋତିର୍ମୟ, ଶୈରେନ୍ଦ୍ରୀ ଗିରି ଫାର୍ମାସିଷ୍ଟ, ସାରତୀ ଓରାମ ଏଏନଏମ, ମନୋରମା ସ୍ୱାଇଁ ସିଏଚଓ ଖେଣ୍ଡରା, ଦୀପାରାଣୀ ମହାନ୍ତ ଏଏନଏମ ଖେଣ୍ଡରା ଏବଂ ଦିନବନ୍ଧୁ ପାତ୍ର ଏଚଡ଼ବ୍ଲୁ ଯୋଗ ଦେଇଥିଲେ। ଋତୁସ୍ରାବ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ଅଧିବେଶନରେ ଡା. ଶାଭିନେୟା ଜ୍ୟୋତିର୍ମୟ ଏବଂ ମନୋରମା ସ୍ୱାଇଁ ଛାତ୍ରୀମାନଙ୍କୁ ଋତୁସ୍ରାବ ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା ବୋଲି ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପର୍ଶୁରାମ ପ୍ରଧାନ, ମୋନାଲିଶା ମହାନ୍ତ, ଦିଲୀପ ମହାନ୍ତ, ଜଗବନ୍ଧୁ ମହାନ୍ତ, ମାନସୀ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀ ରଣଜିତ ବାରିକ ଓ ଦିସେନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ।

## ସମୂହ ପରିବେଶ ସଚେତନତା ଅଭିଯାନ ଓ ଶୋଭାଯାତ୍ରା




କେନ୍ଦୁଝର, ୮।୯(ସମିସ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁଝର ପକ୍ଷରୁ ବିଭିନ୍ନ ସ୍ଥାନରେ ରୋଟାରୀ କ୍ଲବ, କେନ୍ଦୁଝରଗଡ ପୌରପାଳିକା, ସ୍କୁଲ ଛାତ୍ରଛାତ୍ରୀ, ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ମିଳିତ ସହଯୋଗରେ ସମୂହ ପରିବେଶ ସଚେତନତା କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ କେନ୍ଦୁଝର ସରକାରୀ ବସଷ୍ଟାଣ୍ଡ, କେନ୍ଦୁଝର ଡେଲି ମାର୍କେଟ ଏବଂ ବଳଦେବଜୀଉ ମନ୍ଦିର ଚତୁପାଶ୍ୱର୍‌ରେ ସାମୂହିକ ସଫେଇ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କାଉଟ ଗାଇଡ, ଏନ୍‌ସିସି କ୍ୟାଡେଟ, ସ୍କୁଲ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ପାଇଁ ପ୍ଲା-କାର୍ଡ ଧରି ସ୍ଲୋଗାନ ଦେଇ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ, ପଲିଥିନ ଏବଂ ବିଭିନ୍ନ ସମାଗ୍ରୀ ବ୍ୟବହାର ନ କରିବାକୁ ସଚେତନ କରି ଝୋଟରେ ତିଆରି ବ୍ୟାଗ ବ୍ୟବହାର କରିବାକୁ ସଚେତନ କରିଥିଲେ। ଏହି ଅବସରରେ ଜନସହଭାଗିତାମୂଳକ ସଫେଇ ଅଭିଯାନ ଓ ଶୋଭାଯାତ୍ରାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(କେନ୍ଦୁଝର)ର ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନ, ସହକାରୀ ପରିବେଶ ବୈଜ୍ଞାନିକ ଇପ୍‌ସି ଗିରି, କନିଷ୍ଠ ସହାୟକ ସନ୍ତୋଷ ନାୟକ, ଡିଇଓ ଲୁଲୁ ନାୟକ, ରୋଟାରୀ କ୍ଲବର ସଭାପତି ରୋଟାରିୟାନ ନିରୁପମା ସ୍ୱାଇଁ, ସମ୍ପାଦକ ଡାକ୍ତର ମମତାରାଣୀ ଜେନା, ରୋଟାରିୟାନ ଇଂ ଦେବବ୍ରତ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଧରିତ୍ରୀ ରାଉତ, ଅମୀୟ ବେହେରା, ବିଜୟନାଥ କାପୁର, ସ୍କାଉଟ ଶିକ୍ଷକ ଗୁରୁଦେବ ମହାନ୍ତ, ଏନସିସି ଅଫିସର ବିଜୟ ବେହେରା ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସଫେଇ ଅଭିଯାନରେ ସଂଗୃହୀତ କଠିନ ବର୍ଜ୍ୟବସ୍ତୁକୁ ପୌରପାଳିକାର କଠିନ ବର୍ଜ୍ୟ ପରିଚାଳନା ୟୁନିଟକୁ ପଠାଯାଇଥିଲା। ପରିବେଶ ସଚେତନତା ଅଭିଯାନ ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଉଚ୍ଚବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ କଲେଜ ସ୍ତରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## କୁଶଳେଶ୍ୱର ହାଇସ୍କୁଲରେ ପ୍ରଶିକ୍ଷଣ ଶିବିର




ଆନନ୍ଦପୁର, ୮।୯ (ସମିସ): ଘସିପୁରା ବ୍ଲକ ଦେଓଗାଁ କୁଶଳେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ଟେକ୍ନୋଲୋଜି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଶୋକ ସାହୁ ଏବଂ ଦିବ୍ୟଲୋଚନ ମହାନ୍ତ, ଶିବିର ସହାୟକ ଟେରେସା ରାଣୀ ଦାସ କୃତ୍ରିମ ବୁଦ୍ଧିମତ୍ତା ପ୍ରଶିକ୍ଷକ ଅନ୍ତର୍ଯ୍ୟାମୀ ରାଉତ ସାଇବର ସୁରକ୍ଷା ପ୍ରଶିକ୍ଷକ କ୍ରିଷ୍ଣକୁମାର ସାହୁ ସାଇବର ସୁରକ୍ଷା ଏବଂ ରୋବୋଟିକ୍ସ ପ୍ରଶିକ୍ଷକ ଗିରିଧାରୀ ମହାନ୍ତ ଶିବିର ସହାୟକ ଭାବେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରକାଶଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏହି ରୋବଟ ଦ୍ୱାରା ବିଭିନ୍ନ ଶିକ୍ଷା ଜାଣିବା ସହିତ ସାଇବର ଠକାମିରୁ ବଞ୍ଚି ପାରିବେ ବୋଲି କହିଥିଲେ।

## ହୋ ସମାଜ ଛାତ୍ର ସଂଘର ଦାବିପତ୍ର

ଆନନ୍ଦପୁର, ୮।୯ (ସମିସ): ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଯିବା ଦାବି ସହିତ ହୋ ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ଡବଲ ଇଞ୍ଜିନ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଏହି ପ୍ରସଙ୍ଗଟିକୁ ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ପ୍ରଶ୍ନ ପଚାରିବା ସକାଶେ ଆନନ୍ଦପୁର ହୋ ଛାତ୍ର ସଂଘ, କେନ୍ଦୁଝର ପକ୍ଷରୁ ସଂଘ ସଭାପତି ପିଣ୍ଟୁ ହେମ୍ବ୍ରମଙ୍କ ନେତୃତ୍ୱରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ହୋ ଭାଷାର ସ୍ୱତନ୍ତ୍ର ଲିପି ମଧ୍ୟ ରହିଛି ଯାହାକୁ 'ୱାରାଙ୍ଗଚିତି' କୁହାଯାଉଛି। ଏଥିରେ ୩୨ଟି ଅକ୍ଷର ରହିଛି। ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ୩ ଥର ଚିଠି ଲେଖିଥିବା ସତ୍ତ୍ୱେ କେନ୍ଦ୍ର ସରକାର ହୋ' ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରୁନାହାନ୍ତି। ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ମଧ୍ୟ ଏହି ପ୍ରସଙ୍ଗକୁ ସଂସଦରେ ୪ ଥର ଉପସ୍ଥାପନ କରିଛନ୍ତି। ପଡ଼ୋଶୀ



ରାଜ୍ୟ ଝାଡ଼ଖଣ୍ଡରେ ହୋ' ଭାଷାକୁ ସେଠିକାର ସରକାର ଦ୍ୱିତୀୟ ରାଜଭାଷା ବା ସରକାରୀ ଭାଷାର ମାନ୍ୟତା ଦେଇ ସାରିଥିବା ବେଳେ ଓଡ଼ିଶା ରାଜ୍ୟରେ ମଧ୍ୟ ହୋ ଜନଜାତିଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ବିଭିନ୍ନ ହୋ ସଂଗଠନଙ୍କ ପକ୍ଷରୁ ବିଭିନ୍ନ ଅନେକ ସମୟରେ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଦାବି ପୂରଣ କରା ଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦାବିପତ୍ର ପ୍ରଦାନ ସମୟରେ ଲେବେନ୍ଦ୍ର ହେମ୍ବ୍ରମ, ଶ୍ୟାସୁନ୍ଦର ହାଇବୁରୁ, ସାମାଜିକ କର୍ମୀ ଗାମାଏ ରୀମିଲ ସିଂ ଗୋଇପାଇ, ଗୋପାଳଚନ୍ଦ୍ର ଗାଗାରାଈ, ବୀରେନ୍ଦ୍ର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ଫିଜିଓଥେରାପି ସେବାକୁ ସୁଦୃଢ଼ କରିବାକୁ ସଂଘର ଦାବି

ଆନନ୍ଦପୁର/ଚମ୍ପୁଆ, ୮।୯ (ସମିସ)







- ସୁସ୍ଥ ଜୀବନ ପାଇଁ ସକ୍ରିୟ ଶରୀର ଓ ନିୟମିତ ଅଭ୍ୟାସ
- ବିଶ୍ୱ ଫିଜିଓଥେରାପି ଦିବସରେ ସଚେତନତା

ଫିଜିଓଥେରାପି ସେବାକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ କେନ୍ଦୁଝର ଫିଜିଓଥେରାପିଷ୍ଟ ଆସୋସିଏସନ୍ ପକ୍ଷରୁ ଦାବି ହୋଇଛି। କନଭେନର ଡ. ଶୈଳେଶ କୁମାରଙ୍କ ଅଧ୍ୟକ୍ଷତାରେ ସଭାପତି ଡ. କୌଶଳ କୁମାର ରାୟ, ମହାସଚିବ ଡ. ଲୋକନାଥ ମହାନ୍ତି, କୋଷାଧ୍ୟକ୍ଷ ଡ.ତପନ ନାୟକଙ୍କ ସମେତ ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟ ଓ ସଂଘର ସଦସ୍ୟମାନେ ଫିଜିଓଥେରାପିଷ୍ଟ ପଦ ସୃଷ୍ଟି ଓ ପୃଥକ କ୍ୟାଡର ପାଇଁ ସରକାର ଯଥାଶୀଘ୍ର ପଦକ୍ଷେପ ନେବାକୁ ସଂଘ ବୈଠକରେ ଦାବି କରିଥିଲେ। କେନ୍ଦୁଝର ଫିଜିଓଥେରାପିଷ୍ଟ ଆସୋସିଏସନ୍ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଏକାଧିକ ଦାବି ଉପସ୍ଥାପନ କରାଯାଇଛି। ବିଶେଷକରି ପ୍ରତ୍ୟେକ ବ୍ଲକ୍ ଓ ଗ୍ରାମାଞ୍ଚଳରେ ଫିଜିଓଥେରାପି ସେବା ଉପଲବ୍ଧ କରାଇବା, ଷ୍ଟ୍ରୋକ୍, ପକ୍ଷାଘାତ, ଅସ୍ଥି ଓ ମାଂସପେଶୀଜନିତ ରୋଗୀଙ୍କ ପାଇଁ ନିୟମିତ ପୁନର୍ବାସନା ସେବା ଯୋଗାଇବା, ଆବଶ୍ୟକ ଭିତ୍ତିଭୂମି ଓ ଆଧୁନିକ ଉପକରଣ ଉପଲବ୍ଧ କରାଇବା ସହ ଲୋକଙ୍କ ପାଇଁ ନିଶୁଳ୍କ କିମ୍ବା ସୁଲଭ ଫିଜିଓଥେରାପି ସେବାକୁ ସୁନିଶ୍ଚିତ କରିବାକୁ ମଧ୍ୟ ଦାବି କରାଯାଇଥିଲା। ଏକ ସୁସ୍ଥ, ସଶକ୍ତ ଓ ଆତ୍ମନିର୍ଭର ଓଡ଼ିଶା ଗଠନ ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ଆସୋସିଏସନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି।

ସେହିପରି ସୁସ୍ଥ ଜୀବନ ପାଇଁ ନିୟମିତ ଶାରୀରିକ ସକ୍ରିୟତା ଓ ଫିଜିଓଥେରାପିର ଗୁରୁତ୍ୱକୁ ନେଇ କୈରାଳି ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ, ଚମ୍ପୁଆରେ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଛି। ଡା. ଡଲି ଦାସ ମୁଖ୍ୟଅତିଥି ଓ ଡା. ଲୋକନାଥ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡା. ମୋନାଲିଶା ଓ ଡା. ରାଜଲକ୍ଷ୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଉଦଘାଟନୀ ନୃତ୍ୟରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଦିବସ ଅବସରରେ ଫିଜିଓଥେରାପି ବିଭାଗର ଛାତ୍ରଛାତ୍ରୀ ହୃଦ୍‌ରୋଗ ଓ ଷ୍ଟ୍ରୋକ୍‌ର ପ୍ରତିରୋଧ, ଚିକିତ୍ସା ପରବର୍ତ୍ତୀ ପରିଚାଳନା ଓ ପୁନର୍ବାସନ ସମେତ ସେରେବ୍ରାଲ ପଲ୍ସି ଓ ଆଣ୍ଠୁଗଣ୍ଠି ସମସ୍ୟା ଉପରେ ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସମୁଦ୍ର ଦେଇ ଚାଲିଛି ବେଆଇନ କାରବାର

# ମୁକୁଳା ପଡ଼ିଛି ଉପକୂଳ, ୩ ସାମୁଦ୍ରିକ ଥାନାରେ କର୍ମଚାରୀ ସଂକଟ

**ବାଲେଶ୍ୱର, ୮।୯ (ରୁଚିକ ରଞ୍ଜନ ମହାପାତ୍ର)**

ସମୁଦ୍ର ଦେଇ ଅନୁପ୍ରବେଶ, ନିଶାଦ୍ରବ୍ୟ ଚୋରାଚାଲାଣ ଓ ଅନ୍ୟାନ୍ୟ ବେଆଇନ କାରବାର ରୋକିବା ପାଇଁ ଉପକୂଳରେ ସାମୁଦ୍ରିକ ଥାନା ସ୍ଥାପନ କରାଯାଇଛି। ଜଳପଥର ପ୍ରତ୍ୟେକ ଚଳପ୍ରଚଳ ଉପରେ ତୀକ୍ଷ୍ଣ ନଜର, ସନ୍ଦେହଜନକ ବୋଟ୍‌ର ଯାଞ୍ଚ ଏବଂ ଅନୁପ୍ରବେଶକାରୀଙ୍କୁ ରୋକିବା ଏହି ଥାନାଗୁଡ଼ିକର ପ୍ରମୁଖ ଦାୟିତ୍ୱ। ହେଲେ ଯେଉଁ ସାମୁଦ୍ରିକ ଥାନାଗୁଡ଼ିକ ଉପକୂଳର ପ୍ରଥମ ସୁରକ୍ଷାବଳୟ ହେବା କଥା, ସେଠାରେ ଆବଶ୍ୟକ ପୁଲିସ ବଳର ଭୟଙ୍କର ଅଭାବ ଏବେ ସୁରକ୍ଷା ବ୍ୟବସ୍ଥାର ମୂଳଦୁଆକୁ ହିଁ ଦୋହଲାଇ ଦେଇଛି।

ବାଲେଶ୍ୱର ଜିଲ୍ଲାର କଷାଫଳ, ତାଳସାରୀ ଓ ବଳରାମଗଡ଼ି ସାମୁଦ୍ରିକ ଥାନାରେ ମୋଟ ୧୧୭ଟି ପଦବୀ ରହିବା କଥା। ଏଥିରେ ପ୍ରତ୍ୟେକ ଥାନା ପାଇଁ ୧ ଜଣ ଇନ୍‌ସ୍ପେକ୍ଟର/ଆଇଆଇସି, ୩ ଜଣ ସବ୍-ଇନ୍‌ସ୍ପେକ୍ଟର, ୩ ଜଣ ଏଏସ୍‌ଆଇ, ୮ ଜଣ ହାବିଲଦାର ଓ ୨୪ ଜଣ କନେଷ୍ଟବଳଙ୍କ ପଦବୀ ରହିଛି। ଅର୍ଥାତ୍ ତିନୋଟି ଥାନା ମିଶି ୩ ଇନ୍‌ସ୍ପେକ୍ଟର, ୯ ଏସ୍‌ଆଇ, ୯ ଏଏସ୍‌ଆଇ, ୨୪ ହାବିଲଦାର ଓ ୭୨ କନେଷ୍ଟବଳ ମିଶାଇ ମୋଟ ୧୧୭ ଜଣ ରହିବା କଥା। କିନ୍ତୁ ବାସ୍ତବ ଚିତ୍ର ଚିନ୍ତାଜନକ। ତଥ୍ୟ ଅନୁସାରେ ମୋଟ କାର୍ଯ୍ୟରତ ମାତ୍ର ୩୩ ଜଣ, ଅର୍ଥାତ୍ ୮୪ଟି ପଦବୀ ଖାଲି ପଡ଼ିଛି। ମଞ୍ଜୁରୀପ୍ରାପ୍ତ ୧୧୭ ପଦବୀରୁ ପ୍ରାୟ ୭୨ ପ୍ରତିଶତ ପଦବୀ ଖାଲି ପଡ଼ିଥିବା ବେଳେ ମାତ୍ର ପ୍ରାୟ ୨୮ ପ୍ରତିଶତ ବଳକୁ ନେଇ ତିନୋଟି ସାମୁଦ୍ରିକ ଥାନା ଚାଲିଛି। ଏଭଳି ସ୍ଥିତିରେ ବିସ୍ତୃତ ଉପକୂଳ ଓ ଜଳପଥ ଉପରେ ୨୪ ଘଣ୍ଟିଆ ନଜରଦାରି କିପରି ସମ୍ଭବ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।




କଷାଫଳ ସାମୁଦ୍ରିକ ଥାନାରେ ଅବସ୍ଥା ସବୁଠାରୁ ଚିନ୍ତାଜନକ। ଏଠାରେ ୩୯ ଟି ପଦବୀ ରହିବା କଥା ଥିବାବେଳେ କାର୍ଯ୍ୟରତ ଅଛନ୍ତି ମାତ୍ର ୯ ଜଣ। ୩ ଜଣ ଏସ୍‌ଆଇଙ୍କ ପଦବୀ ଥିଲେ ମଧ ଜଣେ ହେଲେ ବି ଏସ୍‌ଆଇ ନାହାନ୍ତି। ୩ ଏଏସ୍‌ଆଇଙ୍କ ସ୍ଥାନରେ ଅଛନ୍ତି ୨ ଜଣ। ୮ ହାବିଲଦାର ପଦବୀ ସମ୍ପୂର୍ଣ୍ଣ ଖାଲି। ୨୪ କନେଷ୍ଟବଳ ପଦବୀ ଥିବାବେଳେ କାର୍ଯ୍ୟରତ ମାତ୍ର ୬ ଜଣ। ଅର୍ଥାତ୍ ଏଠାରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟାରେ ବଡ଼ ଅଂଶ ଫାଙ୍କା ପଡ଼ିଛି। ସେହିଭଳି ତାଳସାରୀ ସାମୁଦ୍ରିକ ଥାନାରେ ମଧ ମାନବସମ୍ବଳ ଅଭାବ ଚରମ ସୀମାରେ। ୩୯ଟି ପଦବୀ ମଧ୍ୟରୁ କାର୍ଯ୍ୟରତ ଅଛନ୍ତି ୨୩ ଜଣ। ୩ ଏସ୍‌ଆଇ ପଦବୀ ସମ୍ପୂର୍ଣ୍ଣ ଖାଲି। ୩ ଏଏସ୍‌ଆଇଙ୍କ ବଦଳରେ ୨ ଜଣ, ୮ ହାବିଲଦାରଙ୍କ ବଦଳରେ ମାତ୍ର ଜଣେ ଏବଂ ୨୪ କନେଷ୍ଟବଳ ପଦବୀ ବଦଳରେ ମାତ୍ର ୧୧ ଜଣ କାର୍ଯ୍ୟରତ ଅଛନ୍ତି। ବଳରାମଗଡ଼ି ସାମୁଦ୍ରିକ ଥାନାର ଚିତ୍ର ମଧ ସମାନ ଭାବେ ଚିନ୍ତାଜନକ। ୩ଟି ଏସ୍‌ଆଇ ପଦବୀ ଥିଲେ ମଧ ସମସ୍ତ ପଦବୀ ଖାଲି। ୩ ଏଏସ୍‌ଆଇ ପଦବୀ ବଦଳରେ ଅଛନ୍ତି ମାତ୍ର ଜଣେ। ୮ ହାବିଲଦାର ପଦବୀରେ ଜଣେ ହେଲେ ବି ନାହାନ୍ତି। ୨୪ କନେଷ୍ଟବଳ ପଦବୀ ବଦଳରେ କାର୍ଯ୍ୟରତ ଅଛନ୍ତି ମାତ୍ର ୭ ଜଣ। ସବୁଠାରୁ ବଡ଼ କଥା ହେଉଛି, ତିନୋଟି ସାମୁଦ୍ରିକ ଥାନାରେ ଜଣେ ହେଲେ ବି ସବ୍-ଇନ୍‌ସ୍ପେକ୍ଟର ନ ଥିବା ଅଭିଯୋଗ ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତାକୁ ସ୍ପଷ୍ଟ କରୁଛି। ଏସ୍‌ଆଇମାନେ ତଦନ୍ତ, ଆଇନଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ବେଳେ ସାମୁଦ୍ରିକ ଥାନାଗୁଡ଼ିକରେ ସେମାନଙ୍କ ପଦବୀ ଖାଲି ପଡ଼ିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ସେହିପରି ତିନୋଟି ଥାନା ପାଇଁ ମଞ୍ଜୁର ହୋଇଥିବା ୨୪ ହାବିଲଦାର ପଦବୀ ମଧ୍ୟରୁ ଆପଣଙ୍କ ତଥ୍ୟ ଅନୁସାରେ ମାତ୍ର ଜଣେ କାର୍ଯ୍ୟରତ। ଅର୍ଥାତ୍ ଉପକୂଳରେ ନିୟମିତ ପାଟ୍ରୋଲିଂ, ଯାଞ୍ଚ ଓ ନଜରଦାରି ପାଇଁ ଯେଉଁ ମାନବସମ୍ବଳ ଆବଶ୍ୟକ, ତାହାର ଭୟଙ୍କର ଅଭାବ ରହିଛି। ଏଭଳି ସ୍ଥିତିରେ ଜଳପଥ ଦେଇ ଅନୁପ୍ରବେଶକାରୀଙ୍କ ପ୍ରବେଶ ଏବଂ ନିଶାଦ୍ରବ୍ୟ ଚୋରାଚାଲାଣ ଭଳି ଘଟଣା ରୋକିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ସମୁଦ୍ର ସୀମା ଓ ଉପକୂଳ ଅଞ୍ଚଳର ସୁରକ୍ଷା ଭଳି ସମ୍ବେଦନଶୀଳ ବ୍ୟବସ୍ଥାରେ ଯଦି ମଞ୍ଜୁରୀପ୍ରାପ୍ତ ବଳର ପ୍ରାୟ ତିନି-ଚତୁର୍ଥାଂଶ ପଦବୀ ଖାଲି ରହେ, ତେବେ କାଗଜରେ ଥିବା ସୁରକ୍ଷା ବ୍ୟବସ୍ଥା ଓ ତୃଣମୂଳରେ ଥିବା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ଫରକ ଏବେ ସ୍ପଷ୍ଟ ହୋଇଯାଇଛି। ଏହି ପରିସ୍ଥିତିରେ ତୁରନ୍ତ ଖାଲି ପଦବୀ ପୂରଣ କରିବା ସହ ସାମୁଦ୍ରିକ ଥାନାଗୁଡ଼ିକୁ ଆବଶ୍ୟକ ପୁଲିସ ବଳ, ପାଟ୍ରୋଲିଂ ବୋଟ୍ ଓ ନିୟମିତ ଜଳପଥ ଯାଞ୍ଚ ବ୍ୟବସ୍ଥା ଯୋଗାଇବାକୁ ଦାବି ଉଠୁଛି। ନଚେତ୍ ଉପକୂଳର ଏହି ମୁକୁଳା ଜଳପଥ ଆଗାମୀ ଦିନରେ ଅନୁପ୍ରବେଶକାରୀ ଓ ଚୋରାଚାଲାଣକାରୀଙ୍କ ପାଇଁ ସହଜ ରାସ୍ତା ପାଲଟିବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ।

## ଜୋନ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା



**ବାଲିଆପାଳ, ୮।୯ (ସମିସ) :** ଏହି ବ୍ଲକ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ସୋମବାର ଜୁନ୍ ସ୍ତରୀୟ ଖେଳ ଏବଂ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଲିଆପାଳ ବ୍ଲକରେ ଖାଳମୁହାଣୀ, ଘଣ୍ଟୁଆ, ନିଖିରା, ବଡାପାଳ ସିମୁଳିଆ ପାଞ୍ଚଟି କ୍ଲଷ୍ଟରରୁ ସମୁଦାୟ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଂଶଧର ନାୟକ ମଶାଲ ଜାଳି ଖେଳକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଆଥେଲେଟିକର ସମସ୍ତ ପ୍ରତିଯୋଗିତା ସହିତ କବାଡି, ଫୁଟବଲ, ଭଲିବଲ, ଖୋଖୋ, ଚେସ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା। ଜୋନ୍‌ସ୍ତରୀୟ ଖେଳକୁଦରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ବ୍ଲକ ସ୍ତରୀୟ ଖେଳରେ ଅଂଶଗ୍ରହଣ କରିବେ ବୋଲି ବ୍ଲକ ଖେଳ ସଂଘର ସମ୍ପାଦକ ଅମରେନ୍ଦ୍ର ପାତ୍ର କହିଛନ୍ତି। ଖେଳ ଶିକ୍ଷକ ପରେଶ କୁମାର ଗିରି, ପଦ୍ମଲୋଚନ ସାହୁ,ମାନଗୋବିନ୍ଦ ଦାସ, ଅର୍ପିତା ରାଉତ, କନକଲତା ଗିରି, ପଦ୍ମନାଭ କାମିଳା ପ୍ରମୁଖ ପରିଚାଳନା କରିଥିଲେ।

## ବନମାଳୀ ଦାସଙ୍କ ଜୟନ୍ତୀରେ ସ୍ମାରକୀ ସଭା



**ବାଲେଶ୍ୱର, ୮।୯(ସମିସ):** ନୀଳଗିରି ପ୍ରଜାଆନ୍ଦୋଳନର କର୍ଣ୍ଣଧାର ବନମାଳୀ ଦାସଙ୍କ ୧୦୯ତମ ଜୟନ୍ତୀରେ ଗାନ୍ଧୀ ସ୍ମୃତି ଭବନରେ ସ୍ମାରକୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ସିପିଆଇଏମ୍ ପଲିଟବ୍ୟୁରୋ ସଦସ୍ୟ ତଥା ପଶ୍ଚିମବଙ୍ଗ ରାଜ୍ୟ ସମ୍ପାଦକ ମହମ୍ମଦ ସଲିମ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ନୀଳଗିରି ଆନ୍ଦୋଳନ ବିଷୟରେ ଆଲୋକପାତ କରିଥିବା ବେଳେ ବରିଷ୍ଠ ନେତା ସନ୍ତୋଷ ଦାସ ଓ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ରାଜ୍ୟର ଖଣିଜ ଲୁଣ୍ଠନ ଓ ପ୍ରବାସୀ ଶ୍ରମିକ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ବନମାଳୀ ଦାସଙ୍କ କନ୍ୟା ପ୍ରଫେସର ଉର୍ମିମାଳା ଦାସ ଗଣତନ୍ତ୍ର ଓ ସମ୍ବିଧାନର ଆବଶ୍ୟକତା ଉପରେ କହିଥିଲେ। ଏହି ଅବସରରେ ପୂର୍ବତନ ଜିଲ୍ଲା ସମ୍ପାଦକ ରବି ପଟ୍ଟନାୟକ, ହରିହର ଦାସ ଓ ମହମ୍ମଦ ସଲିମଙ୍କୁ ସମ୍ମାନିତ କରାଯାଇଥିଲା। ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ 'ବନମାଳୀ ଏକ ନାମ ନୁହେଁ ଇତିହାସ' ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ସଭାକୁ ବରିଷ୍ଠ ସିପିଆଇଏମ ନେତା ନିର୍ମଳ ନାୟକ, ଭଦ୍ରକ ଜିଲ୍ଲା ସମ୍ପାଦକ ଦିବ୍ୟସିଂ ନାୟକ, ଯାଜପୁର ଜିଲ୍ଲା ସମ୍ପାଦକ ଡାକ୍ତର ନିର୍ମଳ ରଥ, ମୟୁରଭଞ୍ଜ ଜିଲ୍ଲା ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ଗଣତାନ୍ତ୍ରିକ ମହିଳା ସମିତିର ସର୍ବଭାରତୀୟ ନେତ୍ରୀ ତାପସୀ ପ୍ରହରାଜ, ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ବାଲେଶ୍ୱର ଜିଲ୍ଲା ପାର୍ଟି ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ପ୍ରେମ ରଞ୍ଜନ ପାତ୍ର ଏବଂ ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲା ସମ୍ପାଦକ ଶିଶିର ହୁଇ ସଭାପତିତ୍ୱ କରିଥିଲେ। ସୀତାଂଶୁ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## 'ସହଜ ଓ ସରଳ ବିଜ୍ଞାନ ଅବବୋଧରେ ମାତୃଭାଷାର ଭୂମିକା' ଆଲୋଚନାଚକ୍ର

**ବାଲେଶ୍ୱର, ୮।୯(ସମିସ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ସ୍ରଷ୍ଟା ନାଟ୍ୟାଳୟରେ "ସହଜ ଓ ସରଳ ବିଜ୍ଞାନ ଅବବୋଧରେ ମାତୃଭାଷାର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠାନ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ସ, ବିଜ୍ଞାନ ଶିକ୍ଷକ ପଦ୍ମଲୋଚନ ପ୍ରଧାନ, ଟାଉନ ହାଇସ୍କୁଲର ଦଶମଶ୍ରେଣୀ ଛାତ୍ରୀ ଧାର୍ମିକା ତୁଳସୀ ରଣା ଓ ବାଲେଶ୍ୱର ଜିଲ୍ଲାସ୍କୁଲର ନବମଶ୍ରେଣୀ ଛାତ୍ରୀ ପ୍ରେୟାଂଶି ବେହେରା ଅତିଥି ବକ୍ତା ଭାବେ ଯୋଗ ଦେଇ କହିଲେ ଯେ, ବିଜ୍ଞାନକୁ ଯଦି ଆମେ ମାତୃଭାଷାରେ ଠିକ ଭାବେ ବୁଝି ପାରିବା, ତେବେ ଗୋଟିଏ ପିଢ଼ିର ଅନୁଭବକୁ ଅନ୍ୟ ଏକ ପିଢ଼ି ପର୍ଯ୍ୟନ୍ତ ଟାଣିନେବା ସହଜସାଧ ହେବ। ସଭା ପ୍ରାରମ୍ଭରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ କଲ୍ୟାଣୀ ନନ୍ଦଙ୍କ ସ୍ୱର ସଂଯୋଜନାରେ ସମବେତ କଣ୍ଠରେ ଗାନ କରିଥିଲେ ପୁଷ୍ପଲତା ଚକ୍ରବର୍ତ୍ତୀ, ତୃପ୍ତିରାଣୀ ପାତ୍ର, ବାସନ୍ତୀ ଦେ, ଅବନ୍ତୀ ପ୍ରଧାନ, ସଙ୍ଗୀତା ରଥ, ଅର୍ଚ୍ଚନା କର ଓ କମଳିନୀ ଦାସ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ସଂଗଠନ ସଂପାଦକ ତପନ ରାୟ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। ଶେଷରେ କୋଷାଧ୍ୟକ୍ଷ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀନକୃଷ୍ଣ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ ଓ ଆଲୋଚନାଚକ୍ର

**ଜଳେଶ୍ୱର ବ୍ଲକ, ୮।୯ (ସମିସ):** ଦୀନକୃଷ୍ଣ ମହାବିଦ୍ୟାଳୟ, ଜଳେଶ୍ୱରର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ସାମାଜିକ ସମାନତା ଓ ମାନବୀୟ ମର୍ଯ୍ୟାଦା ଉପରେ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରା' ଶୀର୍ଷକ ଏକ ସ୍ୱାଗତ ସମାରୋହ ଓ ସେମିନାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ କୁମାର ସାମଲ ଯୋଗଦେଇଥିଲେ ପିଲାମାନଙ୍କୁ




ଜୀବନର ଲକ୍ଷ୍ୟର ଗୁରୁତ୍ୱ ଉପରେ ପ୍ରେରଣା ଦେଇଥିଲେ। ସେମିନାରର ବିଶେଷଜ୍ଞ ବକ୍ତା ଦୀନକୃଷ୍ଣ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଜଣେ ପୂର୍ବତନ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ମୁକ୍ତିକାନ୍ତ ତ୍ରିପାଠୀ ସ୍ୱାମୀ ବିବେକାନନ୍ଦଙ୍କ ମାନବତାବାଦୀ ଚିନ୍ତାଧାରା, ସାମାଜିକ ସମାନତା, ମାନବୀୟ ମର୍ଯ୍ୟାଦା ଓ ସମସ୍ତଙ୍କ ପ୍ରତି ସମ୍ମାନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଲୁଖି ଟୁଡୁ ଅତିଥି ପରିଚୟ ପ୍ରଦନ କରିଥିଲେ ଏବଂ ସ୍ୱାଗତ ସମର୍ଦ୍ଧନା ଓ ପାଠଚକ୍ର ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. ମାନସ କୁମାର ଦାସ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ମାନବୀୟ ମୂଲ୍ୟବୋଧର ବିକାଶ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହା ସହିତ ଅଧ୍ୟାପକ ରତିକାନ୍ତ ମିଶ୍ର ନୂତନ ପିଲାଙ୍କୁ ସ୍ୱାଗତ ଜଣାଇବା ସହିତ ଶିକ୍ଷାର ଗୁରୁତ୍ୱ ବିଷୟରେ ପିଲାଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେମିନାରଟି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମାନତା, ସହିଷ୍ଣୁତା ଓ ମାନବୀୟ ମୂଲ୍ୟବୋଧ ପ୍ରତି ସଚେତନତା ସୃଷ୍ଟି କରିଥିଲା। ଅଧ୍ୟାପକ ସାଗର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅର୍ଦ୍ଧବାର୍ଷିକ ପରୀକ୍ଷାକୁ ଅଣଦେଖା କରି ଶିକ୍ଷୟିତ୍ରୀ ବଦଳି

# ସ୍କୁଲ ଗେଟ୍‌ରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ଧାରଣା



**ଖଇରା, ୮।୯ (ସମିସ):** ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ବରପଦାସ୍ଥିତ ଶାନ୍ତିଲତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟିତ୍ରୀ ତମାଳ ବାରିକଙ୍କୁ ବଦଳି କରାଯିବାକୁ ନେଇ ପରିଚାଳନା କମିଟି, ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରତିବାଦ ସ୍ୱରୂପ ମଙ୍ଗଳବାର ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀଠାରୁ ଆରମ୍ଭ କରି ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟ ଗେଟରେ ତାଲା ପକାଇ ସ୍କୁଲ ଛୁଟି ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ହେଁ ଅସନ୍ତୁଷ୍ଟ ଗ୍ରାମବାସୀ ବଦଳି ବାତିଲ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ପରିଚାଳନା କମିଟି ସଭାପତି କାହ୍ନୁ ଚରଣ ମହାନ୍ତି ଚେତାବନୀ ଦେଇଛନ୍ତି। ବିଦ୍ୟାଳୟରେ ଶିଶୁବାଟିକାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୮୦ ପିଲା ପଢୁଥିବା ବେଳେ ୬ଜଣ ଶିକ୍ଷକଶିକ୍ଷୟତ୍ରୀ କାର୍ଯ୍ୟରତ ଥିଲେ। ଗତ ମେ ମାସରେ ସହକାରୀ ଶିକ୍ଷୟିତ୍ରୀ ବୀଣାପାଣି ସାହୁଙ୍କୁ ସୋର ବ୍ଲକକୁ ବଦଳି କରିଥିଲେ। ସେପ୍ଟେମ୍ବର ୫ରେ ପୁନଶ୍ଚ ଅନ୍ୟତମ ସହକାରୀ ଶିକ୍ଷୟିତ୍ରୀ ତମାଳ ବାରିକଙ୍କୁ ଗଡ ୟୁପି ସ୍କୁଲକୁ ବଦଳି କରାଯିବା ପରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଉତ୍‌କ୍ଷିପ୍ତ ହୋଇ ପଡିଥିଲେ। ପ୍ରତିବାଦ ସ୍ୱରୁପ ମଙ୍ଗଳବାରଠାରୁ ଅନଶନ ଆରମ୍ଭ ହୋଇଛି। ପରୀକ୍ଷାକୁ ଆଉମାତ୍ର ୨୦ଦିନ ଥିବା ବେଳେ ଏଭଳି ବଦଳି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଗ୍ରାମର ଶଶିକାନ୍ତ ଦାସ କହିଛନ୍ତି।

## ବ୍ରହ୍ମାପୁର ଗ୍ରାମରୁ ଅଜଗର ଉଦ୍ଧାର

**ଜଳେଶ୍ୱର ବ୍ଲକ, ୮।୯ (ସମିସ):** ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଓଲମରା ବସ୍ତିରୁ ମଙ୍ଗଳବାର ସକାଳେ ଏକ ଅଜଗର ସାପ ଉଦ୍ଧାର କରାଯାଇଥିଲା। ବରଡିହା ଜଙ୍ଗଲବିଭାଗ ତରଫରୁ ଫରେଷ୍ଟ ଗାଡର୍ କବିତା ମହାକୁଡ଼ ବନରକ୍ଷୀ ରାଇବଣିଆ, ବନରକ୍ଷୀ ଏବଂ ସ୍କ୍ୱାର୍ଡ ସୁରେଶ୍ ଦାସ ଅବୈତ ପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ ପହଞ୍ଚି ଅଜଗରକୁ ଉଦ୍ଧାର



କରି ରାଇବଣିଆ ପଶୁ ଚିକିତ୍ସାଳୟରୁ ଚିକିତ୍ସା କରି ଲୁହାପଡ଼ା ଶାଳ ଜଙ୍ଗଲରେ ଛଡ଼ା ହୋଇଛି। ଉକ୍ତ ସାପ ଟିର ଓଜନ ୧୫କେଜି, ଲମ୍ବ ୩ ମିଟର ରହିଛି। ବସ୍ତିର କିଛି ଲୋକ ସୁବର୍ଣ୍ଣରେଖା ନଦୀରେ ମାଛ ପାଇଁ ଜାଲ ବସାଇଥିଲେ। ଉକ୍ତ ଅଜଗର ମାଛ ଖାଇବା ପାଇଁ ଆସି ଜାଲରେ ଫସିଯାଇଥିଲା। ବସ୍ତିର ଲୋକ ଶେଖ୍ ଅବଦୁଲ ଅଜିଜ, ଶେଖ ସବିର, ଶେଖ୍ ତନ୍ୱିର୍, ଶେଖ ରାଜ୍ ସାପଟିକୁ ଦେଖି ବସ୍ତିକୁ ଆଣି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ।

## ପୁଣି ଧସିଲା ୨୦୦ ଫୁଟ୍‌ର ଅତଡ଼ା

**ରାଜଘାଟ, ୮।୯ (ସମିସ):** ବସ୍ତା ବ୍ଲକ ସୁବର୍ଣ୍ଣରେଖା ନଦୀର କାଦରାୟାଁ ନିକଟରେ ପୁଣି ଥରେ ପ୍ରାୟ ୨୦୦ ଫୁଟର ଅତଡ଼ା ଧସିଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏକ ମାସ ପୂର୍ବରୁ ଉକ୍ତ ସ୍ଥାନର ଶହେ ମିଟର ଦୂରରୁ ସମାନ ଢଙ୍ଗରେ ୨ଶହ ମିଟର ଅତଡ଼ା ଧସିଥିଲା। ସେହି ସ୍ଥାନକୁ ମରାମତି ପାଇଁ ଜଳ ସମ୍ପଦ ବିଭାଗ କୌଣସି ଅନୁମତି ପତ୍ର ବିନା ପ୍ରତିଦିନ ଶହ ଶହ ଭାରି ପଥର ବୋଝେଇ ହାଇୱା ଓ ଟ୍ରକ ଉକ୍ତ ନଦୀ ବନ୍ଧ ଉପର ଦେଇ ଯିବା ଆସିବା ଯୋଗୁଁ ପ୍ରଥମେ ରାସ୍ତା ଫାଟିଲା କିଛି ସ୍ଥାନରେ ରାସ୍ତା ଦବିଲା ଏବଂ ଆଜି ମଧ୍ୟାହ୍ନରେ ଦୁର୍ବଳ ନଦୀ ବନ୍ଧ ୨ଶହ ମିଟର ଧସିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ବର୍ଷା ଦିନ, ନଦୀରେ ଜଳସ୍ତର ବଢୁଛି। ଚଳିତ ବର୍ଷ ସୁବର୍ଣ୍ଣରେଖାରେ ତୃତୀୟ ଥର ବନ୍ୟା ଆସି ସାରିଛି। ଆଜିର ଅତଡ଼ା ଧସିବା ପରେ ଯଦି ଆଉ ଥରେ ବନ୍ୟା ଆସେ, ତାହାଲେ ବନ୍ଧ



ଭାଙ୍ଗିବା ସହ କାଦରାୟାଁ ସହ ସନ୍ତୋଷପୁର, ଭେଲୋରା, ରଘୁନାଥପୁର, କରୁଆ, ପାଉଁଶକୁଲି, ତାଡଦା, ସିଂଲା ଆଦି ପଞ୍ଚାୟତର ପ୍ରାୟ ୫୦ହଜାରରୁ ଉର୍ଦ୍ଧ ଲୋକ ପ୍ରଭାବିତ ହେବେ। ସ୍ଥାନୀୟ ଲୋକେ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗକୁ ତୁରନ୍ତ ଅତଡ଼ା ମରାମତି ଏବଂ ବନ୍ଧ ଉପରେ ଭାରୀଯାନ ଚଳାଚଳ ବନ୍ଦ କରିବାକୁ ଦାବି କରିଛନ୍ତି।

## ବନ୍ୟା ବିପନ୍ନଙ୍କୁ ଶିକ୍ଷୟିତ୍ରୀଙ୍କ ସହାୟତା

**ବାଲିଆପାଳ, ୮।୯ (ସମିସ):** ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଲଗାତାର ତିନିଥର ବନ୍ୟା ଆସି ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ରୁ ଅଧିକ ଗ୍ରାମର ଗ୍ରାମବାସୀଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଛି। ସରକାରୀ ସ୍ତରରେ ସେମିତି କିଛି ଆଖିଦୃଶିଆ କୌଣସି ସହାୟତା ମିଳିନାହିଁ। ସାତ ଦିନର ରିଲିଫ ସହାୟତା ଯୋଗାଇଦେବାକୁ ସରକାରୀ ଘୋଷଣା ହୋଇଥିଲେ ମଧ ବିପନ୍ନଙ୍କ ପାଖରେ ରିଲିଫ ପହଞ୍ଚି ପାରିନି। ତେବେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢାଇ ଥିବା ଦେଖିବାକୁ ମିଳୁଛି। ବିଭିନ୍ନ ବଦାନ୍ୟ ବ୍ୟକ୍ତି ବିଶେଷ ମଧ ବନ୍ୟା ବିପନ୍ନଙ୍କ ପାଖରେ ଛିଡ଼ା ହେବାର ଦେଖିବାକୁ ମିଳୁଛି। ସେହିପରି



ମଙ୍ଗଳବାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତର ବିଭିନ୍ନ ଗ୍ରାମର ୩୦ରୁ ଉଦ୍ଧ୍ୱର୍ ବନ୍ୟା ପ୍ରଭାବିତ ଭିନ୍ନକ୍ଷମ ଓ ଅସହାୟମାନଙ୍କୁ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାମିଲତା ବେହେରା ୩୦ ଦିନର ରାସନ ସାମଗ୍ରୀ ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ଶ୍ରୀମତୀ ବେହେରା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଟ୍ରଲି ରିକ୍ସା ଚାଳକ, ଭିନ୍ନକ୍ଷମ ତଥା ଅସହାୟ ମାନଙ୍କୁ ସହାୟତାର ହାତ ବଢାଇ ସେମାନଙ୍କ କଷ୍ଟ ଲାଘବ କରିବାକୁ ଚେଷ୍ଟା କରିଥାନ୍ତି। ଶ୍ରୀମତୀ ବେହେରା ସାମ୍ବାଦିକ ପ୍ରତାପ କୁମାର ପାତ୍ରଙ୍କ ସହଧର୍ମିଣୀ ଅଟନ୍ତି।

## ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରସଙ୍ଗ

# ୨ ଶିକ୍ଷକ ନିଯୁକ୍ତି ପରେ ଆନ୍ଦୋଳନ ସ୍ଥଗିତ

**ଚନ୍ଦନେଶ୍ୱର, ୮।୯ (ସମିସ)**

ଗୋଟିଏ ବିଦ୍ୟାଳୟରେ ୯ଟି ଶ୍ରେଣୀରେ ୨୦୧ ଜଣ ଛାତ୍ରଛାତ୍ରୀ। ତା' ମଧ୍ୟରେ ଦୀର୍ଘଦିନ ଧରି ମାତ୍ର ଜଣେ ଶିକ୍ଷକଙ୍କୁ ନେଇ ଚାଲିଥିଲା ପାଠପଢ଼ା। ଶିକ୍ଷକ ଅଭାବର ଏଭଳି ଦୟନୀୟ ସ୍ଥିତିକୁ ନେଇ ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ଚାଲିଥିବା ଆନ୍ଦୋଳନ ଏବେ ସାମୟିକ ଭାବେ ସ୍ଥଗିତ ହୋଇଛି। ଆନ୍ଦୋଳନ ପରେ ପ୍ରଶାସନ ପକ୍ଷରୁ ବିଦ୍ୟାଳୟକୁ ଜଣେ ସ୍ଥାୟୀ ଶିକ୍ଷୟିତ୍ରୀ ଓ ଜଣେ ଅତିଥି ଶିକ୍ଷକଙ୍କୁ ପଠାଯାଇଥିବାରୁ ପରିସ୍ଥିତି କିଛିଟା ଶାନ୍ତ ହୋଇଛି। ବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଅବଶିଷ୍ଟ ଶିକ୍ଷକ ପଦ ତୁରନ୍ତ ପୂରଣ କରାଯିବାକୁ ଅଭିଭାବକ ଓ ପରିଚାଳନା କମିଟି ଦାବି କରିଛନ୍ତି।

ଭୋଗରାଇ ବ୍ଲକ କାନ୍ଥିଅଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ ଏବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ



ପରିଚାଳିତ ଏହି ପୁରାତନ ବିଦ୍ୟାଳୟରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ୨୦୧ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହାଛଡ଼ା ବିଦ୍ୟାଳୟର ଛାତ୍ରାବାସରେ ୭୩ ଜଣ ଛାତ୍ରଛାତ୍ରୀ ରହୁଛନ୍ତି। ଏତେ ସଂଖ୍ୟକ ପିଲାଙ୍କ ଶିକ୍ଷାଦାନ ସହ ସେମାନଙ୍କ ଦୈନନ୍ଦିନ ଶୈକ୍ଷିକ ଓ ପ୍ରଶାସନିକ ବ୍ୟବସ୍ଥା ପରିଚାଳନା ପାଇଁ ଆବଶ୍ୟକ ଶିକ୍ଷକ ନଥିବାରୁ ଦୀର୍ଘଦିନ ଧରି ଅସୁବିଧା ଲାଗି ରହିଥିଲା। ଏହି ମଧ୍ୟରେ ଶିକ୍ଷକ ବଦଳି ଓ ଅନ୍ୟାନ୍ୟ କାରଣରୁ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ଆହୁରି କମିଯାଇଥିଲା। ଫଳରେ ଗୋଟିଏ ଶିକ୍ଷକଙ୍କ ଉପରେ ପ୍ରାୟ ସମସ୍ତ ଶ୍ରେଣୀର ପାଠପଢ଼ାର ଦାୟିତ୍ୱ ପଡ଼ିଥିଲା। ଶିକ୍ଷକ ଅଭାବରେ ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରି ସୋମବାର ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଥିଲେ। ଏପରିକି ଗେଟ୍ ବାହାରେ ରାସ୍ତା ଉପରେ ବସି ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ବାଧ ହୋଇଥିଲେ। ଘଟଣାକୁ ନେଇ ଅଞ୍ଚଳରେ ମଧ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଖବର ପାଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୀର୍ତ୍ତି କୁମାର ପାତ୍ର ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟର ଗମ୍ଭୀର ଶିକ୍ଷକ ସମସ୍ୟା ସମ୍ପର୍କରେ ସେ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମଙ୍ଗଳବାର ବିଦ୍ୟାଳୟକୁ ତୁରନ୍ତ ଜଣେ ସ୍ଥାୟୀ ଶିକ୍ଷୟିତ୍ରୀ ଓ ଜଣେ ଅତିଥି ଶିକ୍ଷକ ପଠାଯାଇଥିଲା। ଦୁଇଜଣ ଶିକ୍ଷକ ଯୋଗଦେବା ପରେ ପାଠପଢ଼ା ବ୍ୟବସ୍ଥାରେ କିଛିଟା ସୁଧାର ଆସିଥିବାରୁ ଆନ୍ଦୋଳନକୁ ବର୍ତ୍ତମାନ ପାଇଁ ସ୍ଥଗିତ କରାଯାଇଛି। ଅଭିଭାବକ ଓ ପରିଚାଳନା କମିଟି କହିଛନ୍ତି ଯେ ଦୁଇଜଣ ଶିକ୍ଷକଙ୍କୁ ତୁରନ୍ତ ପଠାଇବା ଏକ ସାମୟିକ ପଦକ୍ଷେପ। ବିଦ୍ୟାଳୟରେ ୯ଟି ଶ୍ରେଣୀର ୨୦୧ ଜଣ ଛାତ୍ରଛାତ୍ରୀ ଥିବା ସହ ଛାତ୍ରାବାସରେ ୭୩ ଜଣ ପିଲା ରହୁଥିବାରୁ ଏଠାରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଅତ୍ୟନ୍ତ ଜରୁରୀ। ପିଲାଙ୍କୁ ପାଠ ପଢ଼ାଇବା ସହିତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ଛାତ୍ରାବାସର ଦାୟିତ୍ୱ, ବିଦ୍ୟାଳୟର ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ଓ ଅଫିସ ପରିଚାଳନା ଭଳି ଅନେକ ଦାୟିତ୍ୱ ରହିଛି। ଏଭଳି ପରିସ୍ଥିତିରେ ଆବଶ୍ୟକ ଶିକ୍ଷକ ନଥିଲେ ଶିକ୍ଷାଦାନର ଗୁଣବତ୍ତା ପ୍ରଭାବିତ ହେବା ସହ ପିଲାଙ୍କ ଭବିଷ୍ୟତ ମଧ ପ୍ରଭାବିତ ହେବ ବୋଲି ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି। ଏଣୁ ବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ଖୁବଶୀଘ୍ର ଅବଶିଷ୍ଟ ଶିକ୍ଷକ ପଦ ପୂରଣ କରିବାକୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଦାବି ରଖାଯାଇଛି। ଏହି ଦାବି ଶୀଘ୍ର ପୂରଣ ନ ହେଲେ ଆନ୍ଦୋଳନକୁ ପୁଣି ତୀବ୍ର ରୂପ ଦିଆଯିବ ବୋଲି ପରିଚାଳନା କମିଟିର ସଭାପତି ଜଳେନ୍ଦ୍ର ପାତ୍ର, ସରପଞ୍ଚ କିରଣବାଳା ଜେନା, ସମିତି ସଦସ୍ୟ ପ୍ରଦୀପ ଦାସ, ୱାର୍ଡମେମ୍ବର ରବୀନ୍ଦ୍ର ସାହୁ, ଶିକ୍ଷାବିତ କୃତ୍ତିବାସ ସୁର, ସମାଜସେବୀ ଶ୍ରୀହରି ଜେନା, ଭୂବନ ପାତ୍ର, ବଳରାମ ପାତ୍ର, ଘନଶ୍ୟାମ ସୁର, ଅଶୋକ ଜେନା, ମନୋଜ ଦାସ,ମାମନୀ ପାତ୍ର, ଗୀତାଞ୍ଜଳି ଦାସ, ଗୋପାଳ ସେଠୀ, ସଞ୍ଜୁଲତା ସେଠୀ, ସୁମତି ଜେନା, ହୀରାମଣି ଜେନା, ଲିଲି ପଟ୍ଟାୟତ, ମିନାକ୍ଷୀ ପଟ୍ଟାୟତ, ସାମ୍ରାଇ ହାଁସଦା ପ୍ରମୁଖ ଓ ଅବିଭାବକମାନେ ଚେତାବନୀ ଦେଇଛନ୍ତି।

# ସମ୍ପାଦକୀୟ




ଋଣ କରିବା ବଦଳରେ ବରଂ ଭୋକରେ ଶୋଇବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ THE SAKALA

## ଶିକ୍ଷାବ୍ୟବସ୍ଥାର କେନ୍ଦ୍ରୀକରଣ!

ଏକ ଦେଶ ଏକ ଟିକସ(ଜିଏସ୍‌ଟି), ଏକ ଦେଶ ଏକ ନିର୍ବାଚନ, ଏକ ଦେଶ ଏକ ନାଗରିକ ସଂହିତା ଆଦି ଯୋଜନା ପରେ କେନ୍ଦ୍ର ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ର ସୁପାରିସ ଅନୁଯାୟୀ 'ଏକ ଦେଶ ଏକ ଶିକ୍ଷା ନିୟାମକ କର୍ତ୍ତୃପକ୍ଷ' ଭଳି ଏକ ସଂସ୍ଥା ଗଠନ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ବୋଧହୁଏ ବଶମ୍ବଦତା ପ୍ରମାଣ କରିବାକୁ ଯାଇ ଏହି ରାସ୍ତାକୁ ଆପଣେଇ ନେଇଛନ୍ତି ଓଡ଼ିଶାର ବିଜେପି ସରକାର। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ ବା ବିଏସ୍‌ଇ) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(କାଉନ୍‌ସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ ବା ସିଏଚ୍‌ଏସ୍‌ଇ)କୁ ମିଶାଇ ଗୋଟିଏ ଅନୁଷ୍ଠାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବିଧାନସଭାର ଆଗାମୀ ଅଧିବେଶନରେ ଚିଠା ବିଧେୟକ ଆଗତ କରାଯାଇପାରେ। ପ୍ରାପ୍ତ ଅନୌପଚାରିକ ସୂଚନା ଅନୁଯାୟୀ, ପରୀକ୍ଷା ପଦ୍ଧତି ବା ଢାଞ୍ଚାରେ ବର୍ତ୍ତମାନ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ଗୋଟିଏ ଅନୁଷ୍ଠାନ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନ କରିବ। ଅନ୍ୟ ଅର୍ଥରେ କହିଲେ ଦ୍ୱିଅନୁଷ୍ଠାନଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଉଚ୍ଛେଦ ହୋଇ ପରିଚାଳନାର କେନ୍ଦ୍ରୀକରଣ କରାଯିବ।

ଏହି ପରିପ୍ରେକ୍ଷୀରେ କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଓଡ଼ିଶା ପରି ଦେଶର ଏକ ବିକାଶଶୀଳ ରାଜ୍ୟରେ ଶିକ୍ଷା କ୍ଷେତ୍ର ଗୁରୁତର ଅବହେଳିତ ଓ ଅବ୍ୟବସ୍ଥିତ। ପରିଚାଳନାର ବିକେନ୍ଦ୍ରୀକରଣ ମାଧ୍ୟମରେ ଏହାକୁ ଶୃଙ୍ଖଳିତ ଓ ବିକଶିତ କରିବା ପାଇଁ ଦୀର୍ଘବର୍ଷ ଧରି ମତ ପ୍ରକାଶ ପାଇଆସୁଛି। ଏହାଛଡ଼ା ଶାସନ ହେଉ କି ସଂଗଠନ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ 'ପରିଚାଳନାର ବିକେନ୍ଦ୍ରୀକରଣ'(ଡିସେଣ୍ଟ୍ରାଲାଇଜେସନ୍ ଅଫ୍ ମ୍ୟାନେଜ୍‌ମେଣ୍ଟ) ବହୁପରୀକ୍ଷିତ ବିଶ୍ୱାଦୃତ ସଫଳ ମଡେଲ୍ ଭାବେ ପ୍ରମାଣିତ ଓ ସ୍ୱୀକୃତ ହୋଇଆସିଛି। ଏହି ଆଧାରରେ ବଡ଼ ବଡ଼ ରାଜ୍ୟ ଓ ଜିଲ୍ଲାମାନଙ୍କୁ ଭାଙ୍ଗି ନୂଆ ରାଜ୍ୟ ଓ ଜିଲ୍ଲା ସୃଷ୍ଟି କରାଯାଉଛି। ଗଣତନ୍ତ୍ରରେ ମଧ୍ୟ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟ କରୁଛି। ଇତିମଧ୍ୟରେ ବିକାଶର ପରିଭାଷା ବଦଳିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଆଇନଶୃଙ୍ଖଳା, ସାମାଜିକ ବ୍ୟବସ୍ଥା ଆଦି ଆଜି ନୂଆ ଆହ୍ୱାନ ସୃଷ୍ଟି କରୁଛି। ସରକାରୀ ଯୋଜନାମାନଙ୍କର ରୂପାୟନ ଓ ତଦାରଖ ମଧ୍ୟରେ ଦୂରତା ବଢ଼ି ଚାଲିଛି। ଶାସନ ଓ ପ୍ରଶାସନର ବିକେନ୍ଦ୍ରୀକରଣ ବିନା ଏହାର ସମାଧାନ ସମ୍ଭବ ନୁହେଁ। ଏହି ପୃଷ୍ଠଭୂମିରେ ଭାରତ ହେଉ କି ଓଡ଼ିଶା ଜଟିଳ ଶିକ୍ଷା ପରିଚାଳନା କେନ୍ଦ୍ରୀକୃତ ହେଲେ ସମସ୍ୟା ଆହୁରି ଜଟିଳ ହେବ ନା ସରଳ ହେବ ତାହା ବୁଝାପଡୁନାହିଁ।




ସାମ୍ପ୍ରତିକ ବହୁ ନିୟାମକ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ, ପରୀକ୍ଷା ପରିଚାଳନାରେ ଅନିୟମିତତା, ପରୀକ୍ଷା ବାତିଲ୍, ଜାଲ୍ ସାର୍ଟିଫିକେଟ୍, ନମ୍ବରରେ ପ୍ରିୟାପ୍ରୀତି ତୋଷଣ ଆଦି ଏକ ସାଧାରଣ ଘଟଣା ହୋଇଗଲାଣି। ଓଡ଼ିଶାର ବିଗତ ଦୁଇବର୍ଷର ସମୟକୁ ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ନିଆଯାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ଯେଉଁଠି ଆହୁରି ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି ସେଠାରେ ସମ୍ପୂର୍ଣ୍ଣ ବିପରୀତ ଭାବେ କେନ୍ଦ୍ରୀକରଣ ଦ୍ୱାରା ଉପରୋକ୍ତ ସମସ୍ୟା କେତେ ଯେ ଜଟିଳ ହେବ ତାହା ଅନୁମେୟ। ତେଣୁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନର କୌଣସି ଦୃଢ଼ କାରଣ ପରିଦୃଶ୍ୟ ହେଉ ନାହିଁ। ଯଦି ସରକାର କେବଳ ନାମ ପରିବର୍ତ୍ତନ ଆଳରେ ଶିକ୍ଷା ପରିଚାଳନା ଓ ନିୟାମକରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି ତେବେ ତାହା ଭିନ୍ନ କଥା। ଏହାଦ୍ୱାରା କେନ୍ଦ୍ର ସରକାର ତାଙ୍କର ନୀତି ଓ ଆଦର୍ଶକୁ ଅନ୍ୟ ଭାଷାଭାଷୀ ରାଜ୍ୟଗୁଡ଼ିକ ଉପରେ ଲଦି ଦେବେ ବୋଲି ମଧ୍ୟ ଅଭିଯୋଗ ହୋଇଛି।

କେବଳ ପରିବର୍ତ୍ତନ ଆଳରେ ପରିବର୍ତ୍ତନ ବିକାଶର ମାନଦଣ୍ଡ ନୁହେଁ। ଏଥିପାଇଁ ସୁଚିନ୍ତିତ ଓ ଦୂରଦର୍ଶୀ ଯୋଜନା ଆବଶ୍ୟକ। ଜ୍ଞାନୀ, ଗୁଣୀ ଜନପ୍ରତିନିଧିମାନେ ଏ ସମ୍ପର୍କରେ ଆଲୋଚନା ଓ ବିତର୍କ କରିବେ ନିଶ୍ଚୟ। କିନ୍ତୁ ନୀତି ନିର୍ଦ୍ଧାରଣରେ ଜନତାଙ୍କ ସ୍ୱର ଭାବରେ ଆମେ ସେମାନଙ୍କର ପ୍ରତିକ୍ରିୟା ଓ ମତାମତକୁ ଉପସ୍ଥାପନ କରୁଛୁ। ନୀତି ନିର୍ଦ୍ଧାରକମାନେ ଚୂଡ଼ାନ୍ତ ନିର୍ଣ୍ଣୟ ନେବା ପୂର୍ବରୁ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ତୃଣମୂଳସ୍ତରର ସମସ୍ୟା ଓ ବାସ୍ତବତାକୁ ହୃଦୟଙ୍ଗମ କଲେ ଯୋଜନା ଯୁଗାନ୍ତକାରୀ ହୋଇପାରିବ।

# ମାଗଣା ଯୋଜନା ଓ ଶ୍ରମଭିତ୍ତିକ ପ୍ରୋତ୍ସାହନ

**ପ୍ରମୋଦ ଧଳ**

ଖବରକାଗଜରେ ପ୍ରକାଶିତ ସରକାରୀ ବିଜ୍ଞାପନର ଚକ୍‌ଚକ୍ ଚିତ୍ରକୁ ଅଣଦେଖା କରି ଯଦି ଜଣେ ବ୍ୟକ୍ତି ବାସ୍ତବରେ କୌଣସି ଗ୍ରାମାଞ୍ଚଳ ପରିଦର୍ଶନ କରନ୍ତି, ତେବେ ତାଙ୍କ ଆଖିରେ ଏକ ରୂଢ଼ ସତ୍ୟ ଜଳଜଳ ଦିଶିବ। ଆମେ ଦିନରାତି ପରିଶ୍ରମ କରି ଦେଉଥିବା ଟିକସର ଏକ ମୁଖ୍ୟ ଭାଗ କେମିତି ସରକାରଙ୍କ ଲୋକପ୍ରିୟ ମାଗଣା ଯୋଜନା ସବୁରେ ଅପବ୍ୟବହାର ହେଉଛି, ତାହା ଗାଁ ଗାଁର ଚିତ୍ର ବୟାନ କରେ। ଉଦାହରଣ ସ୍ୱରୂପ, ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ ହୁଏତ କାଗଜପତ୍ରରେ ମହତ ହୋଇପାରେ, କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ମୋ ନିଜ ପଞ୍ଚାୟତରେ ମୋ ଜାଣିବାରେ ଆଜିଯାଏଁ ଜଣେ ହେଲେ ବି ମହିଳା ଏହି ଟଙ୍କା ପାଇ 'ଲକ୍ଷପତି ଦିଦି' ହୋଇପାରିନାହାନ୍ତି। ବରଂ ମିଳୁଥିବା କିସ୍ତି ପଇସାରେ ପ୍ରାୟ ୯୯.୯୯% ମହିଳା କୌଣସି ବ୍ୟବସାୟ ବା ଉତ୍ପାଦନଶୀଳ କାର୍ଯ୍ୟ ନ କରି, ତାହାକୁ ସୌଖୀନ ଓ ଅନାବଶ୍ୟକ ଜିନିଷ କିଣିବାରେ ବ୍ୟୟ କରୁଛନ୍ତି। ଅନ୍ୟାନ୍ୟ ମାଗଣା ଯୋଜନା ବିଷୟରେ ଆଲୋଚନା କରିବା ପୂର୍ବରୁ ଆମେ ସରକାରଙ୍କୁ କେଉଁ କେଉଁ ଟିକସ ଦେଉଛୁ, ତାହା ଜାଣିବା ଜରୁରୀ।

ଜଣେ ସାଧାରଣ ବ୍ୟକ୍ତି ନିଜ ଜୀବନକାଳ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଯେଉଁସବୁ ଟିକସ ଦେଇଥା'ନ୍ତି, ତାହାକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ - ପ୍ରତ୍ୟକ୍ଷ ଓ ପରୋକ୍ଷ। ପ୍ରତ୍ୟକ୍ଷ ଟିକସ ଯଥା ଆୟକର, ପୁଞ୍ଜି ଲାଭ ଟିକସ, ବୃତ୍ତିଗତ ଟିକସ, ସମ୍ପତ୍ତି ବା ହୋଲ୍ଡିଂ ଟିକସ ଇତ୍ୟାଦି। ପରୋକ୍ଷ ଟିକସ ସିଧାସଳଖ ନଦେଇ ଆମ ଦୈନନ୍ଦିନ ଜୀବନରେ କିଣୁଥିବା ସାମଗ୍ରୀ କିମ୍ବା ଗ୍ରହଣ କରୁଥିବା ସେବା ମାଧ୍ୟମରେ ଦେଇଥାଉ। ଯଥା: ଜିଏସ୍‌ଟି, ଉତ୍ପାଦ ଶୁଳ୍କ, ଭାଟ୍, ସୀମା ଶୁଳ୍କ, ମୋଟର ଯାନ ଟିକସ, ଟୋଲ୍ ଟିକସ, ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଫି, ସ୍ୱାସ୍ଥ୍ୟ ଓ ଶିକ୍ଷା ସେସ୍ ଇତ୍ୟାଦି।

ପ୍ରତ୍ୟକ୍ଷ ଟିକସ ସିନା କିଛି ଉଚ୍ଚ ଆୟବର୍ଗର ଜନସାଧାରଣ ପୈଠ କରିଥା'ନ୍ତି, କିନ୍ତୁ ପରୋକ୍ଷ ଟିକସ ଦେଶର ପ୍ରତ୍ୟେକ ସାଧାରଣ ଜନତା ଦେଇଥା'ନ୍ତି। ଏମିତିକି ସେହି ମାଗଣା ଯୋଜନାର ହିତାଧିକାରୀ ମଧ୍ୟ ନିଜ ଖାଇବା ଦ୍ରବ୍ୟ, ତେଲ, ଲୁଣ, କପଡ଼ା ସବୁଥିରେ ପରୋକ୍ଷରେ ଟିକସ ଦେଇଥା'ନ୍ତି। ସଂକ୍ଷେପରେ କହିବାକୁ ଗଲେ, ଜଣେ ବ୍ୟକ୍ତି ସକାଳେ ଉଠି ଚା' ପିଇବା ଠାରୁ ଆରମ୍ଭ କରି ରାତିରେ ବିଜୁଳି ବ୍ୟବହାର କରିବା ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ସାମଗ୍ରୀ ଉପରେ ପରୋକ୍ଷରେ ଏବଂ ନିଜର ରୋଜଗାର ଉପରେ ପ୍ରତ୍ୟକ୍ଷରେ ସରକାରଙ୍କୁ ଟିକସ ଦେଇଥାଏ। ଜନ୍ମରୁ ମୃତ୍ୟୁ ଯାଏଁ ସମସ୍ତ ଦେଶ ବା ରାଜ୍ୟବାସୀ ସରକାରଙ୍କୁ ଏହିପରି ଟିକସ ଦେଇଚାଲିଥା'ନ୍ତି। ଏହି ସମସ୍ତ ଅର୍ଥ ଯଦି ଦେଶ ଏବଂ ରାଜ୍ୟର ବିକାଶମୂଳକ କାର୍ଯ୍ୟରେ ସଠିକ୍ ଭାବେ ବିନିଯୋଗ ହେଉଥା'ନ୍ତା, ତେବେ ଆଜି ହୁଏତ ଭାରତ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଗଣିତ ହୋଇପାରିଥା'ନ୍ତା। କିନ୍ତୁ ତାହା ନହୋଇ, ଜନତାଙ୍କ ଟିକସର ମୁଖ୍ୟ ଭାଗ ଆଜି ମାଗଣା ବଣ୍ଟନ ଭଳି ଅବାଟରେ ବିନିଯୋଗ ହେଉଛି। ତେଣୁ ବର୍ତ୍ତମାନ ସମୟରେ କଲ୍ୟାଣକାରୀ ରାଷ୍ଟ୍ର ବା ରାଜ୍ୟର ଅବଧାରଣା ମଧ୍ୟରେ 'ମାଗଣା ସଂସ୍କୃତି' ଏକ ପ୍ରମୁଖ ବିତର୍କର ବିଷୟ ପାଲଟିଛି।

ଓଡ଼ିଶା ଭଳି ଏକ ବିକାଶଶୀଳ ରାଜ୍ୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ମାଗଣା ଯୋଜନା ରାଜ୍ୟର ଅର୍ଥନୀତି, ସାମାଜିକ ସ୍ଥିତି ଏବଂ ନାଗରିକଙ୍କ ମାନସିକତା ଉପରେ କିପରି ପ୍ରଭାବ ପକାଉଛି, ତାହାକୁ ନେଇ ଦୁଇଟି ଭିନ୍ନ ମତ ପ୍ରକାଶ ପାଇଥାଏ। ଗୋଟିଏ ପଟେ ଏହା ଗରିବ ଓ ବଞ୍ଚିତ ଶ୍ରେଣୀକୁ ତତ୍କାଳୀନ ସାମାଜିକ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଅନ୍ୟପଟେ ଏହା ଦୀର୍ଘକାଳୀନ ବିକାଶ ଓ ନାଗରିକଙ୍କ ଶ୍ରମ ନିପୁଣତା ପ୍ରତି ପ୍ରତିବନ୍ଧକ ସାଜୁଛି। ମାଗଣାରେ ସବୁକିଛି ଯୋଗାଇଦେବା ପରିବର୍ତ୍ତେ ଯଦି 'ଶ୍ରମ ବଦଳରେ ପ୍ରୋତ୍ସାହନ' ନୀତି ଆପଣାଯାଏ, ତେବେ ରାଜ୍ୟର ଭିତ୍ତିଭୂମି ସୁଦୃଢ଼ ହେବା ସହ ଏକ ସ୍ୱାବଲମ୍ବୀ ସମାଜ ଗଠନ ହୋଇପାରନ୍ତା। ଯେକୌଣସି ସରକାରୀ ଯୋଜନାର ଭଲ ଓ ମନ୍ଦ ଉଭୟ ଦିଗ ଥାଏ। ଏହାକୁ ସମ୍ପୂର୍ଣ୍ଣ ଭାବେ ଭଲ ବା ମନ୍ଦ କହିବା ଅପେକ୍ଷା ଏହାର ବାସ୍ତବ ପ୍ରଭାବକୁ ବୁଝିବା ଜରୁରୀ। ଓଡ଼ିଶାର ଏକ ବଡ଼ ଜନସଂଖ୍ୟା ଏବେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ବା ତା'ର ଆଖପାଖରେ ଜୀବନ ବିତାଉଛନ୍ତି। ମାଗଣା ଚାଉଳ, ସ୍ୱାସ୍ଥ୍ୟ ବୀମା, କିମ୍ବା ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ଓ ସାଇକେଲ ଆଦି ଯୋଜନା ସମାଜର ନିମ୍ନ ବର୍ଗକୁ ଏକ ସର୍ବନିମ୍ନ ଜୀବନଧାରଣର ମାନ ପ୍ରଦାନ କରିଛି। ଏହାଦ୍ୱାରା କ୍ଷୁଧା ହ୍ରାସ ପାଇଛି, ଶିକ୍ଷାର ହାର ବଢ଼ିଛି ଏବଂ ଶିଶୁ ମୃତ୍ୟୁ ହାର କମିଛି। ଏହି ଦୃଷ୍ଟିକୋଣରୁ ଦେଖିଲେ ଏହା ରାଜ୍ୟ ପାଇଁ କଲ୍ୟାଣକାରୀ ଓ 'ଶୁଭ' ମନେହୁଏ।

ଅପରପକ୍ଷରେ, ଦୀର୍ଘକାଳୀନ ଭିତ୍ତିରେ ଏହି ମାଗଣା ସଂସ୍କୃତି ରାଜ୍ୟ ପାଇଁ 'ଅଶୁଭ' ବା କ୍ଷତିକାରକ ସାବ୍ୟସ୍ତ ହେଉଛି। ରାଜ୍ୟର ସୀମିତ ରାଜସ୍ୱର ଏକ ବଡ଼ ଭାଗ ମାଗଣା ରିହାତିରେ ବ୍ୟୟ ହେବା ଫଳରେ ବୃହତ ଶିଳ୍ପ, ସ୍ଥାୟୀ ଭିତ୍ତିଭୂମି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପାଣ୍ଠିର ଅଭାବ ଦେଖାଦେଉଛି। ସବୁକିଛି ମାଗଣାରେ ମିଳିଯିବା ଫଳରେ ଲୋକଙ୍କ ମଧ୍ୟରେ ପରିଶ୍ରମ କରିବାର ପ୍ରବୃତ୍ତି ହ୍ରାସ ପାଉଛି। ଗ୍ରାମାଞ୍ଚଳରେ କୃଷି ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକଙ୍କର ଘୋର ଅଭାବ ଦେଖାଦେଉଛି, ଯାହା ଗ୍ରାମୀଣ ଅର୍ଥନୀତିକୁ ଦୁର୍ବଳ କରୁଛି ଏବଂ ହଜାର ହଜାର ହେକ୍ଟର ଚାଷ ଜମି ଆଜି ପଡ଼ିଆ ପଡ଼ି ରହିଛି। ଅନେକ ବୁଦ୍ଧିଜୀବୀଙ୍କ ମତରେ ମାଗଣା କିଛି ନଦେଇ, ଶ୍ରମ ବଦଳରେ ପ୍ରୋତ୍ସାହନ ଦିଆଯିବା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ଏବଂ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା। ଏହା ଚୀନର ପ୍ରସିଦ୍ଧ ପ୍ରବଚନକୁ ମନେ ପକାଇଦିଏ - 'ଜଣକୁ ପ୍ରତିଦିନ ମାଛଟିଏ ଧରି ଦେବା ଅପେକ୍ଷା, ତା'କୁ ମାଛ ଧରିବା ଶିଖାଇଦେବା ଶ୍ରେଷ୍ଠ।' ଯଦି ସରକାର ସହାୟତା ରାଶିକୁ ସମ୍ପୂର୍ଣ୍ଣ ମାଗଣାରେ ନଦେଇ ସ୍ଥାନୀୟ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ସହିତ ଯୋଡ଼ି ଦିଅନ୍ତେ, ତେବେ ଏହାର ବହୁବିଧ ସୁଫଳ ମିଳିପାରନ୍ତା।

ଓଡ଼ିଶାର ପ୍ରତିଟି ଗାଁରେ ଆଜି ରାସ୍ତାଘାଟ, କୂଅ, ପୋଖରୀ, ସ୍କୁଲ ଘର ଓ କଲ୍ୟାଣମଣ୍ଡପ ଆଦି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅଳ୍ପଦିନରେ ନଷ୍ଟ ହୋଇଯାଉଛି। ଯଦି ଗ୍ରାମର ବେକାର ଯୁବକ ବା ଶ୍ରମିକ ଶ୍ରେଣୀକୁ ଏହିସବୁ ସମ୍ପତ୍ତିର ସୁରକ୍ଷା ଓ ସଫେଇ ଦାୟିତ୍ୱ ଦିଆଯାଏ ଏବଂ ତା' ବଦଳରେ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳେ, ତେବେ ଗାଁର ପୋଖରୀଗୁଡ଼ିକ ସଦାସର୍ବଦା ସ୍ୱଚ୍ଛ ରହିବ ଏବଂ ଜଳ ସଂରକ୍ଷଣ ସହଜ ହେବ। ରାସ୍ତାଘାଟର ପାର୍ଶ୍ୱ ସଫା ରହିବ ଓ ବୃକ୍ଷରୋପଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ସରକାରୀ ସମ୍ପତ୍ତି ପ୍ରତି ଲୋକଙ୍କ ମଧ୍ୟରେ 'ଆପଣାର ଭାବ' ସୃଷ୍ଟି ହେବ। ଏହି ଅବଧାରଣା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଭଳି। ମାତ୍ର ଏହାକୁ ଆହୁରି ବ୍ୟାପକ ଓ ଦକ୍ଷ କରାଯାଇପାରିବ। କେବଳ ମାଟି ଖୋଳିବା କାମରେ ସୀମିତ ନ ରହି ଗ୍ରାମର ପାରମ୍ପରିକ କଳା, ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ ଅଞ୍ଚଳର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଶ୍ରମ ପ୍ରୋତ୍ସାହନ ଦିଆଯାଇପାରିବ। ଶ୍ରମ ବଦଳରେ ଅର୍ଥ ପାଇଲେ ଜଣେ ବ୍ୟକ୍ତି ଗର୍ବର ସହ କହିପାରିବ ଯେ, ସେ ତା'ର ପରିବାରକୁ ନିଜ ରୋଜଗାରରେ ପ୍ରତିପୋଷଣ କରୁଛି, ସରକାରଙ୍କ ଦୟାରେ ନୁହେଁ। ଏହି ଆତ୍ମସମ୍ମାନ ହିଁ ଏକ ପ୍ରଗତିଶୀଳ ସମାଜର ମୂଳଦୁଆ।

ଯେହେତୁ ଗଣତନ୍ତ୍ରରେ ଜନସାଧାରଣଙ୍କ ଭୋଟ ସଂଖ୍ୟା ଉପରେ ଗୋଟିଏ ସରକାରର ତିଷ୍ଠି ରହିବା ନିର୍ଭର କରିଥାଏ, ତେଣୁ ସମ୍ପୂର୍ଣ୍ଣ ଭାବେ ସମସ୍ତ ମାଗଣା ଯୋଜନାକୁ ବନ୍ଦ କରିଦେବା କୌଣସି ସରକାରଙ୍କ ପକ୍ଷରେ ଆଜି ରାଜନୈତିକ ଦୃଷ୍ଟିରୁ ଅସମ୍ଭବ। ଅନ୍ୟପଟେ, ସମସ୍ତ ମାଗଣା ଯୋଜନାକୁ ବନ୍ଦ କରିଦେବା ଏକ ଚରମ ପଦକ୍ଷେପ ହେବ, ଯାହା ଅତ୍ୟନ୍ତ ଗରିବ, ବୃଦ୍ଧ, ବିଧବା, ଅସହାୟ କିମ୍ବା ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସଙ୍କଟ ଆଣିପାରେ। ତେଣୁ ସରକାରଙ୍କ ନୀତି ଏକ ସନ୍ତୁଳିତ ମାର୍ଗ ଅନୁସରଣ କରିବା ଉଚିତ। ଯଥା: ସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା ଏବଂ ଅତି ଅସହାୟ ବର୍ଗଙ୍କ ପାଇଁ ଖାଦ୍ୟ ସୁରକ୍ଷା ଭଳି ମୌଳିକ ଆବଶ୍ୟକତାକୁ ମାଗଣା କିମ୍ବା ଅତି ସ୍ୱଳ୍ପ ମୂଲ୍ୟରେ ଜାରି ରଖାଯାଉ। ଯେଉଁମାନେ ଶାରୀରିକ ଭାବେ ସକ୍ଷମ ଓ କାର୍ଯ୍ୟ କରିବାକୁ ଯୋଗ୍ୟ, ସେମାନଙ୍କୁ କୌଣସି ଭତ୍ତା ବା ନଗଦ ଟଙ୍କା ମାଗଣାରେ ନଦେଇ ଗ୍ରାମୀଣ କିମ୍ବା ସହରାଞ୍ଚଳର ବିକାଶ କାର୍ଯ୍ୟରେ ନିୟୋଜିତ କରାଯାଉ। ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ମାସକୁ କିଛି ଘଣ୍ଟା ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା କିମ୍ବା ଜଳାଶୟର ପୁନରୁଦ୍ଧାର ପାଇଁ ଶ୍ରମ ଦେଉଛନ୍ତି, ତେବେ ହିଁ ସେ ସରକାରଙ୍କ ବିଶେଷ ଆର୍ଥିକ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ବିବେଚିତ ହେବେ।

ଓଡ଼ିଶାର ପ୍ରାକୃତିକ ସମ୍ପଦ ଏବଂ ମାନବ ସମ୍ବଳର ପ୍ରଚୁର ସମ୍ଭାବନା ରହିଛି। ମାଗଣା ଯୋଜନାର ବହୁଳତା ଜନମାନସକୁ ସାମୟିକ ସନ୍ତୁଷ୍ଟ କରିପାରେ। ମାତ୍ର ତାହା ରାଜ୍ୟର ସ୍ଥାୟୀ ପ୍ରଗତିର ପନ୍ଥା ନୁହେଁ। ତେଣୁ ମାଗଣା ବଦଳରେ ଶ୍ରମ-ଭିତ୍ତିକ ପ୍ରୋତ୍ସାହନ ବ୍ୟବସ୍ଥା ଲାଗୁ କଲେ ରାଜ୍ୟର ଅର୍ଥନୀତି ସୁଦୃଢ଼ ହେବ, ଗ୍ରାମୀଣ ପରିବେଶ ଓ ଭିତ୍ତିଭୂମିର ସୁରକ୍ଷା ହେବ ଏବଂ ଓଡ଼ିଶାର ଜନସାଧାରଣ ଅଧିକ ଆତ୍ମନିର୍ଭରଶୀଳ ଓ କର୍ମଠ ହେବେ। ସରକାରୀ ସହାୟତା ଯେତେବେଳେ ଜନସାଧାରଣଙ୍କ ଶ୍ରମ ସହ ମିଶିଯିବ, ସେତେବେଳେ ହିଁ ଓଡ଼ିଶା ଏକ ପ୍ରକୃତ ବିକଶିତ ରାଜ୍ୟ ଭାବେ ମଥା ଟେକି ଉଭା ହେବ।

ଅରଗଳ(କେନ୍ଦ୍ରାପଡ଼ା), ମୋ: ୭୦୦୮୮୧୦୧୧୨

# କେନ୍ଦ୍ରକୁ ଦୂରୁ ଜୁହାର!

**ଶ୍ରୀଧର ବେହେରା**

ଓଡ଼ିଶା ନାମ ଶୁଣିଲେ ସମଗ୍ର ଭାରତବର୍ଷର ଶିଳ୍ପପତିଙ୍କ ଚକ୍ଷୁ ଚକ୍ ଚକ୍ କରେ। କାରଣ ଏହି ମାଟି ହେଉଛି ରତ୍ନଗର୍ଭା, ଧନଗର୍ଭା। ବିଧାତା ନିଜ ହାତରେ ଏହି ଭୂଖଣ୍ଡର ଗର୍ଭରେ ପୋତି ଦେଇଛନ୍ତି ଅପରିମେୟ ସମ୍ପଦ - ଲୁହା ପଥର, କୋଇଲା, ବକ୍ସାଇଟ, ମାଙ୍ଗାନିଜ, କ୍ରୋମାଇଟ, ଡୋଲୋମାଇଟ, ଗ୍ରାଫାଇଟର ଅଶେଷ ଭଣ୍ଡାର। ସମଗ୍ର ଦେଶର ଖଣିଜ ଉତ୍ପାଦନର ପ୍ରାୟ ପଚାଶ ପ୍ରତିଶତ ଓଡ଼ିଶାରୁ ଆସେ। କିନ୍ତୁ ଏହି ବିପୁଳ ସମୃଦ୍ଧି ଓଡ଼ିଶାବାସୀଙ୍କ ଭାଗ୍ୟରେ ଆନନ୍ଦ ନୁହେଁ, ଅଭିଶାପ ପାଲଟିଛି। କାରଣ ଦଶନ୍ଧି ଦଶନ୍ଧି ଧରି ଏହି ସମ୍ପଦକୁ ଲୁଣ୍ଠନ କରି ଆସିଛନ୍ତି ମାଫିଆ, ଦଲାଲ, ଅସାଧୁ ବ୍ୟବସାୟୀ ଓ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ର। ଏବେ ସେହି ଲୁଣ୍ଠନର ନୂତନ ଅଧ୍ୟାୟ ରଚିବାକୁ ଯାଉଛି ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ ୨୦୨୬, ଯାହାକୁ ରାଜ୍ୟବାସୀ କହୁଛନ୍ତି - ପ୍ରଥମେ ମାଫିଆ ଲୁଟି ଲୁଟି ଆସିଲେ, ଏବେ କେନ୍ଦ୍ର ଲୁଟିବ।

ଓଡ଼ିଶାର ଖଣିଜ ଇତିହାସ ହେଉଛି ରକ୍ତ, ଅଶ୍ରୁ ଓ ପ୍ରତାରଣାର ଇତିହାସ। କେନ୍ଦୁଝର, ସୁନ୍ଦରଗଡ଼, ଯୋଡ଼ା, ବରବିଲ, ତାଳଚେର, ଅନୁଗୁଳ, କୋରାପୁଟ, ରାୟଗଡ଼ାର ପାହାଡ଼ରେ ଦିନରାତି ଡିନାମାଇଟ ବିସ୍ଫୋରଣ ହୋଇଛି। ବିନା ପରିବେଶ ମଞ୍ଜୁରିରେ, ବିନା ଗ୍ରାମସଭାର ଅନୁମତିରେ, ବିନା ପୁନର୍ବାସ ଯୋଜନାରେ ହଜାର ହଜାର ଏକର ଜଙ୍ଗଲ ପଦା ହୋଇଛି। ହଜାର ହଜାର ଆଦିବାସୀ ପରିବାର ବିସ୍ଥାପିତ ହୋଇଛନ୍ତି। ଲୁହାପଥର ବୋଝେଇ ହାଇୱା, ଟ୍ରକ ଦିନ ରାତି ରାସ୍ତାକୁ ଧ୍ୱଂସ କରିଚାଲିଛି। ନଦୀନାଳକୁ ରକ୍ତବର୍ଣ୍ଣ କରିଛି। ସାହା କମିଶନ ରିପୋର୍ଟ ପ୍ରମାଣ କରିଛି କିପରି ପଚାଶ ହଜାର କୋଟିରୁ ଅଧିକ ଟଙ୍କାର ଖଣିଜ ଲୁଣ୍ଠନ ହୋଇଛି। ଏହା କରିଛନ୍ତି ଖଣି ମାଫିଆ। ସେମାନେ ରାଜନେତା, ଅମଲା ଓ ପୁଲିସକୁ ହାତ କରି ଓଡ଼ିଶାର ଛାତିକୁ ଚିରି ତା'ର ହୃତପିଣ୍ଡକୁ ବାହାର କରି ନେଇଛନ୍ତି। ଆଦିବାସୀ ପାଇଛି କେବଳ ଧୂଳି, ଧୂଆଁ, ବିସ୍ଥାପନ ଓ ରୋଗ। ଗଞ୍ଜାମ ବ୍ଲକର ବେଣୁଗୌରୀ ପାହାଡ଼ରୁ ପଥର ଲୁଟ, ଚିଲିକା ପାର୍ଶ୍ୱର ବାଲି ମାଫିଆ, କେନ୍ଦୁଝରର ଲୁହା ମାଫିଆ - ଏସମସ୍ତ ସମାନ ଲୁଣ୍ଠନର ଭିନ୍ନ ଭିନ୍ନ ରୂପ।

ଏବେ ଯେତେବେଳେ ମାଫିଆ ଲୁଣ୍ଠନ ବିରୁଦ୍ଧରେ ସାରା ରାଜ୍ୟରେ ସ୍ୱର ଉଠୁଛି, ଯେତେବେଳେ ଲୋକେ କହୁଛନ୍ତି ଆମ ସମ୍ପଦ ଆମର ରହୁ, ସେତେବେଳେ କେନ୍ଦ୍ର ସରକାର ଆଣିଛନ୍ତି ଏମଏମ୍‌ଡିଆର ସଂଶୋଧନ ଆଇନ ୨୦୨୬। ଏହି ଆଇନର ଅନ୍ତର୍ନିହିତ ଅଭିପ୍ରାୟ ଅତ୍ୟନ୍ତ ମର୍ମାନ୍ତିକ। ଏହି ଆଇନ କହୁଛି - ରାଜ୍ୟ ନୁହେଁ, କେନ୍ଦ୍ର ସ୍ଥିର କରିବ କିଏ ଖଣି ନେବ। ରାଜ୍ୟ ନୁହେଁ, କେନ୍ଦ୍ର ସ୍ଥିର କରିବ କେତେ ରୟାଲଟି ମିଳିବ। ଅର୍ଥାତ ଓଡ଼ିଶା କେବଳ ନିଜ ମାଟିର ପ୍ରହରୀ ହୋଇ ରହିବ, ମାଲିକ ହୋଇ ରହିବ ଦିଲ୍ଲୀ। ଏହା ହେଉଛି ସଂଘୀୟ ବ୍ୟବସ୍ଥାର ମୂଳରେ କୁଠାରଘାତ। ସମ୍ବିଧାନରେ ଖଣିଜ ହେଉଛି ରାଜ୍ୟ ତାଲିକାର ବିଷୟ। କିନ୍ତୁ ଏହି ସଂଶୋଧନ ତାହାକୁ କେନ୍ଦ୍ର ତାଲିକାକୁ ଟାଣି ନେଉଛି। ଯଦି ଏହା କାର୍ଯ୍ୟକାରୀ ହୁଏ, ଓଡ଼ିଶା ବର୍ଷକୁ ଦଶହଜାର କୋଟିରୁ ଅଧିକ ରାଜସ୍ୱ ହରାଇବ। ସେହି ଅର୍ଥ ଚାଲିଯିବ ବଡ଼ କର୍ପୋରେଟର ଆଲମାରୀକୁ। ମାଫିଆ ଯାହା ବେଆଇନ ଭାବେ ଲୁଟୁଥିଲା, ଏବେ କେନ୍ଦ୍ର ତାହା ଆଇନ ବନାଇ ଲୁଟିବ - ଏହା ହିଁ ଜନମାନସରେ ପ୍ରବଳ ଆକ୍ରୋଶ ସୃଷ୍ଟି କରିଛି।

ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ 'ପେସା' ଆଇନ ପ୍ରସଙ୍ଗ ଆଲୋଚନା ପରିସରକୁ ଆସୁଛି। 'ପେସା' କହୁଛି, ଜଳ, ଜଙ୍ଗଲ, ଜମିର ଅଧିପତି ହେବେ ଆଦିବାସୀ। ଗ୍ରାମସଭା ବିନା ସମ୍ମତିରେ କିଏ କୌଣସି ଖାଦାନ ଖୋଳିପାରିବ ନାହିଁ। ଗ୍ରାମସଭା ବିନା ଅନୁମତିରେ ଗୋଟିଏ ଗଛ କଟା ଯାଇପାରିବ ନାହିଁ। ଏହା ହେଉଛି ସ୍ୱରାଜର ମନ୍ତ୍ର। କିନ୍ତୁ ଏଠାରେ ହିଁ ରହିଛି ପ୍ରହେଳିକା। ଯଦି ଏମ୍‌ଏମ୍‌ଡିଆର ମାଧ୍ୟମରେ ସମସ୍ତ କ୍ଷମତା କେନ୍ଦ୍ରକୁ ଚାଲିଯାଏ, ତେବେ 'ପେସା' ଓ ଗ୍ରାମସଭା କ'ଣ କରିବ? ଗ୍ରାମସଭା ମନା କଲେ ମଧ୍ୟ ଯଦି କେନ୍ଦ୍ର କହିବ ଏହି ଖାଦାନ ଆଦାନୀ, ଅମ୍ବାନୀକୁ ଦିଆଗଲା, ତେବେ ଗ୍ରାମସଭାର ସ୍ୱର କିଏ ଶୁଣିବ? ଏହା ହେଉଛି ଦୁଇମୁହାଁ ନୀତି ଓ ଛଳନା।

ଏଣୁ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ସେ କାହା ପକ୍ଷରେ - ମାଫିଆ ପକ୍ଷରେ, କେନ୍ଦ୍ର ପକ୍ଷରେ ନା ଓଡ଼ିଶାବାସୀଙ୍କ ପକ୍ଷରେ? ପ୍ରଥମେ ଏମ୍‌ଏମ୍‌ଡିଆର ସଂଶୋଧନର ରାଜ୍ୟବିରୋଧୀ ଧାରାକୁ ସର୍ବସମ୍ମତିକ୍ରମେ ବିଧାନସଭାରେ ପ୍ରସ୍ତାବ ଆଣି ବିରୋଧ କରାଯାଉ ଏବଂ ଉଚ୍ଚତମ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରାଯାଉ। ଦ୍ୱିତୀୟ, 'ପେସା'କୁ କାଗଜକଲମରେ ନୁହେଁ, ଅନ୍ତରର ସହ ଲାଗୁ କରାଯାଉ। ପ୍ରତି ଖଣି ଲିଜ ପୂର୍ବରୁ ଗ୍ରାମସଭାର ଭିଡିଓ ରେକର୍ଡିଂ ସହ ସମ୍ମତି ବାଧ୍ୟତାମୂଳକ କରାଯାଉ। ତୃତୀୟ, ସାହା କମିଶନ ରିପୋର୍ଟ ଅନୁଯାୟୀ ମାଫିଆ ଲୁଟର ଟଙ୍କା ଆଦାୟ କରି ଖଣି ଅଞ୍ଚଳର ବିକାଶରେ ଖର୍ଚ୍ଚ କରାଯାଉ। ଚତୁର୍ଥ, ଖଣିଜ ରାଜସ୍ୱର ପଚାଶ ପ୍ରତିଶତ ସିଧା ଆଦିବାସୀ ଗ୍ରାମସଭାର ଖାତାକୁ ଯାଉ।

ଖଣିଜ ହେଉଛି ଅନବୀକରଣଯୋଗ୍ୟ ସମ୍ପଦ। ଥରେ ଖାଦାନ ଖୋଳିନେଲେ ତାହା ଶହ ଶହ ବର୍ଷ ଯାଏଁ ପୂରଣ ହେବ ନାହିଁ। ଯଦି ଆଜି ଆମେ ମାଫିଆକୁ ରୋକିପାରିଲୁ ନାହିଁ, ଏବେ କେନ୍ଦ୍ରୀୟ ଲୁଣ୍ଠନକୁ ରୋକିପାରିବୁ ନାହିଁ, ତେବେ ଆସନ୍ତା ପିଢ଼ି ଆମକୁ କ୍ଷମା କରିବ ନାହିଁ। ସେମାନେ ପଚାରିବେ - ଯେଉଁଠି ପାହାଡ଼ ଥିଲା, ସେଠି ଗାତ କାହିଁକି? ଯେଉଁଠି ଜଙ୍ଗଲ ଥିଲା, ସେଠି ମରୁଭୂମି କାହିଁକି? ଏହାର ଉତ୍ତର ଦେବାକୁ ଆଜି ଆମକୁ ହିଁ ସଂଗ୍ରାମ କରିବାକୁ ପଡ଼ିବ। ଲୁଣ୍ଠିତ, ଶୋଷିତ, ରିକ୍ତ ରାଜ୍ୟ ଭାବେ, ଯାହାର ଗର୍ଭରେ ସୁନା ଥିଲା, କିନ୍ତୁ ପିଲାମାନେ ଭୋକରେ ମରୁଥିଲେ ବୋଲି ଇତିହାସର ପୃଷ୍ଠାରେ ଓଡ଼ିଶା ରହିଯିବ।

ଗୌରାଙ୍ଗପାଟଣା(ଗଞ୍ଜାମ),
ମୋ: ୯୩୯୧୫୯୪୭୯୭

# ମାଉସୀ ମାଆଙ୍କ ପୋଡ଼ପିଠା

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ରତ୍ନବେଦୀରେ ଆରାଧିତ ହେବା ପରେ ତାଙ୍କର ମନେ ପଡ଼ିଲା ବୃନ୍ଦାବନ ଛାଡ଼ି ଆସିବା ବେଳେ ସେ କଥା ଦେଇଥିଲେ ଯେ ମାତା ଶ୍ରୀକ୍ଷେତ୍ରରେ 'ମାଉସୀ ମାଆ' ରୂପେ ଆରାଧିତା ହେବେ। ତେଣୁ ସେ ମାତା ଯଶୋଦାଙ୍କୁ ସ୍ମରଣ କଲେ। ମାତା ଯଶୋଦା ଆବିର୍ଭୂତା ହେବା ପରେ ମହାପ୍ରଭୁ କହିଲେ- 'ମାଆ! ବର୍ତ୍ତମାନ ମୁଁ ବଡ଼ ଭାଇ ବଳରାମ ଓ ସୁଭଦ୍ରା ସହ ଶ୍ରୀକ୍ଷେତ୍ରରେ ବାସ କରୁଛି। ଆମ ସଙ୍ଗରେ ଲକ୍ଷ୍ମୀ ମଧ୍ୟ ଆଉ ଏକ ମନ୍ଦିରରେ ବିରାଜମାନ କରୁଛନ୍ତି। ସେ ଆମ ତିନି ଭାଇଭଉଣୀଙ୍କ ମନ ଜାଣି ଷାଠିଏ ପଉଟିର ଛପନ ବ୍ୟଞ୍ଜନ ପ୍ରତିଦିନ ମଣୋହି କରାଉଛି। କିନ୍ତୁ ତୁମ ହାତତିଆରି ପୋଡ଼ପିଠା ଖାଇବାକୁ ମନ ହେଉଛି। ମୋର ଅନୁରୋଧ ରକ୍ଷା କରି ତୁମେ ଶ୍ରୀମନ୍ଦିରରେ ଆମ ସମସ୍ତଙ୍କୁ ତୁମର ସାନ୍ନିଧ୍ୟ ପ୍ରଦାନ କର।' ଯଶୋଦା କହିଲେ- କାହ୍ନା! ତୁ ତ ଆଉ ସେହି ଗୋପପୁରର ମୋର ଗେହ୍ଲା କଳାକାହ୍ନୁ ହୋଇ ନାହୁଁ। ତୁ ବର୍ତ୍ତମାନ ସାରାଜଗତର ରାଜଚକ୍ରବର୍ତ୍ତୀ ଜଗନ୍ନାଥ ମହାପ୍ରଭୁ। କାହ୍ନାର ବାଲ୍ୟ ଚପଳତା ତୋଠାରେ ଶୋଭା ପାଇବ ନାହିଁ। ଆଉ ମୋ ସାଙ୍ଗରେ ତୁ ଦୁଷ୍ଟାମି ନ କରି ରହି ପାରିବୁ ନାହିଁ। ତେଣୁ ମୁଁ କ୍ଷେତ୍ରରେ ରହିବି, କିନ୍ତୁ ଶ୍ରୀମନ୍ଦିରରେ ନୁହେଁ। ତୁ ମୋ ପାଇଁ ମାଳିନୀ ନଦୀ କୂଳରେ ଏକ ଛୋଟ ମନ୍ଦିର ନିର୍ମାଣ କରି ଦେ। ମାଳିନୀ ବେଳେ ବେଳେ କ୍ଷେତ୍ରକୁ ଜଳ ପ୍ଲାବିତ କରି ରଖୁଛି। ମୁଁ ତା'ର ପ୍ଲାବନରୁ କ୍ଷେତ୍ରକୁ ରକ୍ଷା କରିବି ଆଉ ତୋର ଗୁଣ୍ଡିଚା ଯାତ୍ରା ବେଳେ ତୋତେ ମନ ପୂରେଇ ଦେଖିବି। ତୋ ବାହୁଡ଼ା ଯାତ୍ରା ବେଳେ ତୋ ମନପସନ୍ଦର ପୋଡ଼ପିଠା ତୋତେ ଅପେକ୍ଷା କରିଥିବ।' ମାତା ଯଶୋଦାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ପ୍ରଭୁ ମାଳିନୀ ନଦୀକୂଳରେ ତାଙ୍କର ରହିବା ବନ୍ଦୋବସ୍ତ କରିଦେଲେ।

ମାଳିନୀ ନଦୀ ପୁରୀକୁ ଦୁଇଭାଗରେ ବିଭକ୍ତ କରୁଥିଲା। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଚତୁର୍ଦ୍ଧାମୂର୍ତ୍ତି ତିନିରଥ ଆରୋହଣ କରି ମାଳିନୀ ନଦୀ ପର୍ଯ୍ୟନ୍ତ ଯାଉଥିଲେ। ତା' ପରେ ରଥରୁ ଓହ୍ଲେଇ ଚାପଡଙ୍ଗାରେ ନଦୀ ପାର ହେଉଥିଲେ ଏବଂ ଆର ପଟେ ଅପେକ୍ଷା କରିଥିବା ଆଉ ତିନି ରଥ ଆରୋହଣ କରି ଗୁଣ୍ଡିଚା ଯାତ୍ରା କରୁଥିଲେ। ନଦୀକୂଳରେ ବିରାଜମାନ କରି ମାଆ ଏ ସବୁ ଦେଖି ବ୍ୟଥିତା ହେଉଥିଲେ। ତେଣୁ ସେ ଦିନେ ମାଳିନୀ ନଦୀକୁ ଡାକି ଶ୍ରୀକ୍ଷେତ୍ର ମଝିରୁ କୌଣସି ପାଖକୁ ସ୍ଥାନାନ୍ତରିତ ହେବା ପାଇଁ ଅନୁରୋଧ କଲେ। ମାଳିନୀ କହିଲେ, 'ମୋର ଅବସ୍ଥିତି ମହାପ୍ରଭୁଙ୍କ ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଛି, ସେ କଥା ସତ। କିନ୍ତୁ ତା' ଦ୍ୱାରା ମୁଁ ବର୍ଷରେ ଦୁଇଥର ପ୍ରଭୁଙ୍କର ପଦସ୍ପର୍ଶର ସୌଭାଗ୍ୟ ଅର୍ଜନ କରୁଛି। ତେଣୁ ଆପଣଙ୍କ ଅନୁରୋଧ ରକ୍ଷା କରିବା ମୋ ପକ୍ଷେ ସମ୍ଭବ ହେବ ନାହିଁ।' ଯଶୋଦା କହିଲେ, 'ପିଲାମାନଙ୍କର ଭଲ ପାଇଁ ଜଣେ ମାଆ କ'ଣ କରିପାରେ, ମୁଁ ଏହି ମୁହୂର୍ତ୍ତରେ ଦେଖେଇ ଦେଉଛି।'

ଦେଖୁ ଦେଖୁ ମାଆ ଉଗ୍ରଚଣ୍ଡୀ ରୂପ ଧାରଣ କଲେ। ଦଶଭୁଜରେ ଦଶଆୟୁଧ ଥିଲା। ଦୁଇ ଆଖି କ୍ରୋଧରେ ଉଲ୍‌କା ପରି ପ୍ରତୀୟମାନ ହେଉଥିଲେ ଏବଂ ସେଥିରୁ ଅଗ୍ନିବର୍ଷା ହେଉଥିଲା। ମାଆ ନଳିନୀର ଜଳକୁ ଶୋଷଣ କରିବାକୁ ଲାଗିଲେ। ନଳିନୀ ମହୋଦଧି ସହ ସଂଯୁକ୍ତ ହୋଇଥିଲା। ନଦୀର ଜଳ ଶୋଷି ହୋଇ ଅଧା ହୋଇଯିବା ପରେ ମହୋଦଧିର ଜଳ ନଦୀରେଦେବୀଙ୍କ ଆଡ଼କୁ ବହିବାକୁ ଲାଗିଲା। ନଦୀ ସହ ମହୋଦଧି ଜଳଶୂନ୍ୟ ହେବାର ଆଶଙ୍କା ସୃଷ୍ଟି ହେଲା। ଏହା ଦେଖି ଦେବ ଦେବ ମହାଦେବ ପ୍ରକଟ ହୋଇ କ୍ରୋଧ ଶାନ୍ତ କରିବା ପାଇଁ ଦେବୀଙ୍କୁ ଅନୁରୋଧ କଲେ। ମହାଦେବଙ୍କ ଅନୁରୋଧରେ ଦେବୀ ଜଳ ଶୋଷଣରୁ ନିବୃତ୍ତ ହେଲେ। ଦେବୀଙ୍କ ଇଚ୍ଛାନୁସାରେ ମହାଦେବଙ୍କ ଆଜ୍ଞାରେ ମାଳିନୀ କ୍ଷେତ୍ରର ମଧ୍ୟଭାଗରୁ ଲୁପ୍ତ ହୋଇଗଲେ। ମାତା ନଦୀର ଅଧା ଜଳ ଶୋଷଣ କରିଥିବାରୁ ତାଙ୍କର ନାମ 'ଅର୍ଦ୍ଧଶୋଷିଣୀ' ରହିଲା ଏବଂ ସେ ଶ୍ରୀକ୍ଷେତ୍ରର ଅଷ୍ଟଚଣ୍ଡୀଙ୍କ ଭିତରେ ଅଗ୍ରଗଣ୍ୟା ହେଲେ। ମହାଦେବ 'ପଶୁପତିନାଥ' ନାମ ଧାରଣ କରି ଦେବୀଙ୍କ ମନ୍ଦିରରେ ବିରାଜମାନ କଲେ। ମହାଦେବ ମାଆଙ୍କ ଉଗ୍ର ସ୍ୱରୂପକୁ ଲୋକଲୋଚନ ଆଢୁଆଳରେ ରଖିବା ପାଇଁ ଦେବୀ ସୁଭଦ୍ରାଙ୍କ ମୁଖ ପରି ଏକ ଦାରୁନିର୍ମିତ ମୁଖା ଦେବୀଙ୍କ ମୁଖମଣ୍ଡଳର ଉପରେ ଘୋଡ଼େଇ ଦେଲେ ଏବଂ ମାତା ଦେବୀ ସୁଭଦ୍ରାଙ୍କ ସ୍ୱରୂପ ଧାରଣ କରି ଦର୍ଶନ ଦେଲେ।

ବାହୁଡ଼ା ବିଜେ ସମୟରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ମାଉସୀ ମାଆଙ୍କ ମନ୍ଦିର ସମ୍ମୁଖରେ ଅଟକେ। ମହାପ୍ରଭୁ ଓ ମାଉସୀ ମାଆ ପରସ୍ପରକୁ ଦର୍ଶନ କରନ୍ତି। ମାଆଙ୍କ ତରଫରୁ ପୋଡ଼ପିଠା ମହାପ୍ରଭୁଙ୍କୁ ସମର୍ପଣ କରାଯାଏ। ପ୍ରଭୁ ଆନନ୍ଦର ସହ ସର୍ପାମଣୋହିରେ ଗ୍ରହଣ କରନ୍ତି। ପ୍ରତିଦିନ ମହାପ୍ରଭୁଙ୍କ ମହାପ୍ରସାଦରୁ ଅମାଲୁ, ଖେଚୁଡ଼ି ଓ ଡାଲମା ମାଆଙ୍କୁ ସମର୍ପଣ କରାଯାଏ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଟିବେ ୧୫ କୋଟି...

ଦେଶରେ ଏକ ଅବିଶ୍ୱାସ ବାତାବରଣ ସୃଷ୍ଟି କରିଛି। ତିନୋଟି ପର୍ଯ୍ୟାୟରେ ବାଦ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ପ୍ରାୟ ୩ ପ୍ରତିଶତଙ୍କୁ 'ମୃତ' ବୋଲି ଚିହ୍ନିତ କରାଯାଇଛି। ଅଧିକାଂଶଙ୍କୁ 'ଅନୁପସ୍ଥିତ' କିମ୍ବା 'ସ୍ଥାନାନ୍ତରିତ' ବର୍ଗରେ ରଖାଯାଇଛି। ଏହି ବର୍ଗଗୁଡ଼ିକର ସ୍ପଷ୍ଟ ପରିଭାଷା ଓ ଏକରୂପୀ ପ୍ରକ୍ରିୟା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପୁନଶ୍ଚ ଡ୍ରାଫ୍ଟ ତାଲିକାରେ ରହିଥିବା ଅନ୍ୟ ପ୍ରାୟ ଏକ-ପଞ୍ଚମାଂଶ ଭୋଟରଙ୍କୁ ଏସ୍ଆଇଆର୍‌ରେ ନିଯୁକ୍ତି ଅଧିକାରୀମାନେ ଠାବ କରିପାରୁ ନାହାନ୍ତି ବୋଲି କୁହାଯାଉଛି। ଓଡ଼ିଶା, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ଏହି ଭୋଟରଙ୍କ ସଂଖ୍ୟା ଅଧିକ ଥିବା କୁହାଯାଉଥିଲେ ହେଁ ଏହାର ଯୌକ୍ତିକତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏଭଳି ପରିସ୍ଥିତିରେ ଏସ୍ଆଇଆର୍‌ର ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏକ ସ୍ୱାଧୀନ ସାର୍ବଜନୀନ ଅଡିଟ୍ କରିବା ଆବଶ୍ୟକ ବୋଲି ଦାବି ହୋଇଛି।

## ୟୁଏଇ ଗସ୍ତରେ...

ସହ ଆଲୋଚନା କରି କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ସମନ୍ୱୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଶ୍ରୀ ଶର୍ମାଙ୍କ ସୂଚନା ଅନୁଯାୟୀ ଏହି ୩ ଦିନରେ ମୁଖ୍ୟମନ୍ତ୍ରୀଙ୍କର ମୋଟ ୩୦ଟି ମିଟିଂ, ୪ଟି ରାଉଣ୍ଡ ଟେବୁଲ ବୈଠକ ଏବଂ ୩ଟି କ୍ଷେତ୍ରସ୍ତରୀୟ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ରାତିରେ ମୁଖ୍ୟମନ୍ତ୍ରୀ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ମଧ୍ୟ ଭେଟିବେ ବୋଲି ଶ୍ରୀ ଶର୍ମା ସୂଚନା ଦେଇଛନ୍ତି।

ଅପରପକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଏନେଇ ଏକ୍ସରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ନିବେଶ ପାଇଁ ଓଡ଼ିଶା ଏକ ପସନ୍ଦର ଗନ୍ତବ୍ୟସ୍ଥଳ ଭାବରେ ଉଭା ହେଉଛି। ନିବେଶକଙ୍କ ବିଶ୍ୱାସ, ସକ୍ଷମ ନୀତି ଏବଂ ଦ୍ରୁତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଉପରେ ଦୃଢ଼ ଧ୍ୟାନ ଦେଇ, ଆମେ ଏକ ଇକୋସିଷ୍ଟମ ସୃଷ୍ଟି କରୁଛୁ ଯେଉଁଠାରେ ବ୍ୟବସାୟଗୁଡ଼ିକ ନିବେଶ କରିପାରିବେ, ବୃଦ୍ଧି ପାଇପାରିବେ ଏବଂ ଉନ୍ନତି କରିପାରିବେ। ସୁଯୋଗ, ସ୍ଥିରତା ଏବଂ ସ୍ଥାୟୀ ଅଭିବୃଦ୍ଧି ସନ୍ଧାନରେ ଥିବା ନିବେଶକଙ୍କ ପାଇଁ ଓଡ଼ିଶାକୁ ପ୍ରଥମ ପସନ୍ଦର ଗନ୍ତବ୍ୟସ୍ଥଳରେ ପରିଣତ କରିବା ନେଇ ଆମର ଲକ୍ଷ୍ୟ ସ୍ପଷ୍ଟ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ୨୦ ସାଂସଦଙ୍କ...

ଜଣ ସହଯୋଗ କରିଥିଲେ। ଏଭଳି ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ଇତିମଧ୍ୟରେ କଂଗ୍ରେସର ୩୨ ଜଣ ଏସ୍‌ସି/ଏସ୍‌ଟି ସାଂସଦ ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଏହା ସ୍ଥିର ହୋଇଛି। ଏହାକୁ ନେଇ ଏକ ଫୋରମ ଗଠନ କରାଯାଇଛି। ସେମାନେ କହିଛନ୍ତି ଯେ ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଓ ସୁବିଧା ଦିଆଯାଇଥିବା ବେଳେ ଶୁଦ୍ଧିକରଣ କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଛି ଯେ ସଂଘ ପରିବାର ଏବେ ବି ଅସ୍ପୃଶ୍ୟତା ମାନସିକତାରୁ ମୁକ୍ତ ହୋଇପାରି ନାହିଁ। ସର୍ବସାଧାରଣରେ ଏସସି/ଏସଟି ସଂପ୍ରଦାୟକୁ ଅପମାନିତ କରାଯାଉଥିବା ବେଳେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ।

ଇତିମଧ୍ୟରେ ହଲଦୱାନୀରୁ ମିଳିଥିବା ରିପୋର୍ଟ ଅନୁଯାୟୀ ପ୍ରବଳ ଚାପ ପରେ ସ୍ଥାନୀୟ ଥାନାରେ ଏହି ଶୁଦ୍ଧିକରଣ କାର୍ଯ୍ୟକ୍ରମ ବିରୋଧରେ ଆଜି ଏଫଆଇଆର ରୁଜ୍ଜୁ ହୋଇଛି। ତେବେ ଏଥିରେ କାହାରି ନାମ ନିଆଯାଇନାହିଁ। କେବଳ ଅପରିଚିତ ଲୋକଙ୍କ ବିରୋଧରେ ଏତଲା ଦାଏର ହୋଇଛି। ମାମଲାର ଯାଞ୍ଚ ପାଇଁ ଏସିପି (କ୍ରାଇମ)ଙ୍କୁ ଦାୟିତ୍ୱ ଦିଆଯାଇଛି।

## ୧୧ରୁ ୫ ଦିନ...

ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅପରପକ୍ଷେ ବ୍ୟାଙ୍କ ୟୁନିଅନଗୁଡ଼ିକ ସେପ୍ଟେମ୍ବରରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଧର୍ମଘଟ ଘୋଷଣା କରିଛନ୍ତି। ବ୍ୟାଙ୍କ ୟୁନିଅନଗୁଡ଼ିକ ଦୀର୍ଘ ଦିନ ଧରି ପାଞ୍ଚ ଦିନିଆ କାର୍ଯ୍ୟଦିବସ ପାଇଁ ଦାବି କରିଆସୁଛନ୍ତି। ଯଦି ଏହା ହୁଏ ତେବେ ଚଳିତମାସରେ ବ୍ୟାଙ୍କ ବନ୍ଦ ଦିବସ ଆହୁରି ବଢ଼ିପାରେ।

## ଭାଙ୍ଗିଲା ଗେରୁଆ...

ଇଣ୍ଡିଆକୁ ଏହାର ଜର୍ସି ରଙ୍ଗ ନିଶ୍ଚିତ କରିବାକୁ କୁହାଯାଇଥିଲା। ହକି ଇଣ୍ଡିଆ ପକ୍ଷରୁ ନୀଳକୁ ପ୍ରଥମ ଓ ଗେରୁଆକୁ ଦ୍ୱିତୀୟ ବିକଳ୍ପ ରଙ୍ଗ ବୋଲି ଅଲିମ୍ପିକ ଆସୋସିଏସନକୁ ଅବଗତ କରିଛି। ତେବେ ହକି ଇଣ୍ଡିଆର କୋଷାଧ୍ୟକ୍ଷ ଜେ. ମନୋହର ଏହି ନିଷ୍ପତ୍ତିକୁ ସାମୟିକ ବୋଲି ଉଲ୍ଲେଖ କରି କହିଛନ୍ତି ଯେ ଗେରୁଆ ଜର୍ସି ସମ୍ପୂର୍ଣ୍ଣ ଭାବରେ ନୀଳକୁ ପରିବର୍ତ୍ତନ କରାଯାଇନାହିଁ, ବା ଏ ସମ୍ପର୍କରେ ସ୍ପଷ୍ଟ ନିଷ୍ପତ୍ତି ହୋଇନାହିଁ। କେବଳ ଏସୀୟ କ୍ରୀଡ଼ା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

ପ୍ରକାଶଯୋଗ୍ୟ ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ନିକଟରେ ଅନୁଷ୍ଠିତ ହୋଇଥିବା ହକି ବିଶ୍ୱକପ ପୂର୍ବରୁ ଭାରତୀୟ ଦଳର ଜର୍ସି ପରିବର୍ତ୍ତନକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ଦୀର୍ଘ ବର୍ଷ ଧରି ଭାରତୀୟ ଖେଳାଳି ପରିଧାନ କରିଆସୁଥିବା ପାରମ୍ପରିକ ନୀଳ ରଙ୍ଗକୁ ହଠାତ୍ ବଦଳାଇ ଗେରୁଆକୁ ପରିବର୍ତ୍ତନ କରାଯାଇଥିଲା। ନୀଳ ରଙ୍ଗ ସହ ନୀଳ ଟର୍ଫର ରଙ୍ଗ ସମାନ ହେଉଯାଉଥିବାରୁ ଏହା ଖେଳାଳିଙ୍କ ଦୃଶ୍ୟମାନତା ଉପରେ ପ୍ରଭାବ ପକାଉଥିଲା ବୋଲି ହକି ଇଣ୍ଡିଆ ପକ୍ଷରୁ ଏହି ପରିବର୍ତ୍ତନକୁ ନେଇ ସଫେଇ ଦିଆଯାଇଥିଲା। ତେବେ ଏହାକୁ ନେଇ ଧନରାଜ ପିଲ୍ଲେ, ପର୍ଗତ ସିଂହ, ଅଜିତ ପାଲ୍ ସିଂହ, ବୀରେନ୍ଦ୍ର ରାସକିନାଙ୍କ ସହ ଏକାଧିକ ପୂର୍ବତନ ଭାରତୀୟ ହକି ଖେଳାଳି ଜୋରଦାର ବିରୋଧ କରିଥିଲେ। ଘଡ଼ିସନ୍ଧି ମୂହୂର୍ତ୍ତରେ ଭାରତୀୟ ହକିର ପ୍ରାୟୋଜକ ରହିଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ରଙ୍ଗ ପରିବର୍ତ୍ତନକୁ ନେଇ କଡ଼ା ସମାଲୋଚନା କରିଥିଲେ। ଚାରିଆଡ଼ୁ ସମାଲୋଚନାର ଶିକାର ହେବାପରେ ହକି ସଂଘ ପୁନର୍ବାର ନୀଳ ଜର୍ସିକୁ ଫେରିଥିବା ମନେ କରାଯାଉଛି।

## ଅଡୁଆ ବଢ଼ାଇଲା...

ଉଲ୍ଲେଖ ରହିଥିଲା। ଏହି ଦୁଇ ତଥ୍ୟ ମଧ୍ୟରେ ଅସଙ୍ଗତି ଥିବା ଆମିକସ୍ କ୍ୟୁରୀ ଦର୍ଶାଇଛନ୍ତି।

ରିପୋର୍ଟ ଅନୁଯାୟୀ, ଅଗଷ୍ଟ ୯ରେ ଦୁଇଟି ଅସ୍ଥାୟୀ ଡିଜି ପଦକୁ ଅନୁମୋଦନ ମିଳିବା ଏବଂ ଅଗଷ୍ଟ ୧୦ରେ ଦୁଇଜଣ ଅଧିକାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯିବା ପରେ ରାଜ୍ୟ ସରକାର ସଂଶୋଧିତ ତାଲିକା ୟୁପିଏସ୍‌ସିକୁ ପଠାଇଥିଲେ। ଏହି ସଂଶୋଧିତ ତାଲିକାରେ ନୂଆ ଭାବେ ଅଧିକାରୀଙ୍କୁ ଡିଜିପି ଚୟନର 'ଜୋନ୍ ଅଫ୍ କନ୍ସିଡରେସନ୍'ରେ ସାମିଲ କରାଯାଇଥିବା ନେଇ ମଧ୍ୟ ଆମିକସ୍ କ୍ୟୁରୀ ଆପତ୍ତି ଉଠାଇଛନ୍ତି।

### ସୁଶାନ୍ତ ନାଥଙ୍କୁ ବାଦ ଦେବା ନେଇ ମଧ୍ୟ ପ୍ରଶ୍ନ

ଡିଜି ଚୟନ ପ୍ରକ୍ରିୟାରୁ ଜେଲ୍ ଡିଜି ସୁଶାନ୍ତ ନାଥଙ୍କୁ ବାଦ ଦେବା ପାଇଁ ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇବା ଘଟଣାକୁ ମଧ୍ୟ ଆମିକସ୍ କ୍ୟୁରୀ ଗମ୍ଭୀରତାର ସହ ନେଇଛନ୍ତି।

ରିପୋର୍ଟ ଅନୁଯାୟୀ, ଅଗଷ୍ଟ ୫ରେ ଶ୍ରୀ ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇ ଦିଆଯାଇଥିଲା। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡର ଏସ୍ଆଇ ପରୀକ୍ଷା ସମ୍ପର୍କିତ ସିବିଆଇ ତଦନ୍ତକୁ ଆଧାର କରି ଏହି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଆମିକସ୍ କ୍ୟୁରୀଙ୍କ ରିପୋର୍ଟରେ ଉଲ୍ଲେଖ ଅଛି ଯେ, ସିବିଆଇର ଅଗଷ୍ଟ ୪ ତାରିଖର ରିପୋର୍ଟରେ ଶ୍ରୀ ନାଥଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନଥିବା, ଚାର୍ଜସିଟ୍ ଦାଖଲ ହୋଇନଥିବା ଏବଂ ତାଙ୍କୁ ଜେରା ପାଇଁ ଡକାଯାଇନଥିବା ଦର୍ଶାଯାଇଥିଲା।

ଏହି ପରିସ୍ଥିତିରେ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ କାହିଁକି ଅଟକାଯାଇଥିଲା, ତାହାର ଆଧାର କ'ଣ ଥିଲା ଏବଂ ଚୟନ ପ୍ରକ୍ରିୟାରୁ ଜଣେ ଯୋଗ୍ୟ ଅଧିକାରୀଙ୍କୁ ବାଦ ଦେବା ପାଇଁ ଏପରି ପଦକ୍ଷେପ ନିଆଯାଇଥିଲା କି ନାହିଁ—ସେ ନେଇ ଆମିକସ୍ କ୍ୟୁରୀ ପ୍ରଶ୍ନ ଉଠାଇଛନ୍ତି।

### ସୁପ୍ରିମକୋର୍ଟଙ୍କୁ ୩ ପ୍ରମୁଖ ସୁପାରିସ

ଏହି ସମସ୍ତ ଘଟଣାକ୍ରମର ପରିପ୍ରେକ୍ଷୀରେ ଆମିକସ୍ କ୍ୟୁରୀ ସୁପ୍ରିମକୋର୍ଟଙ୍କ ନିକଟରେ ତିନିଟି ପ୍ରମୁଖ ସୁପାରିଶ କରିଛନ୍ତି। ପ୍ରଥମତଃ, ଅଗଷ୍ଟ ୧୦ରେ ପଠାଯାଇଥିବା ସଂଶୋଧିତ ତାଲିକାକୁ ଗ୍ରହଣ ନକରି ମେ' ୧୪ରେ ୟୁପିଏସ୍‌ସିକୁ ପଠାଯାଇଥିବା ମୂଳ ଯୋଗ୍ୟତା ତାଲିକା ଆଧାରରେ ନୂଆ ଡିଜିପି ଚୟନ କରାଯାଉ। ଦ୍ୱିତୀୟତଃ, ସଞ୍ଜୀବ ପଣ୍ଡାଙ୍କ ଚାକିରି ଅବଧି ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ତଥ୍ୟ ନେଇ ଓଡ଼ିଶା ସରକାରଙ୍କଠାରୁ ସ୍ପଷ୍ଟୀକରଣ ତଲବ କରାଯାଉ। ତୃତୀୟତଃ, ସୁଶାନ୍ତ ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ କେଉଁ ଆଧାରରେ ଅଟକାଯାଇଥିଲା, ସେ ସମ୍ପର୍କରେ ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ସ୍ପଷ୍ଟୀକରଣ ଦିଅନ୍ତୁ।

ଆମିକସ୍ କ୍ୟୁରୀଙ୍କ ଏହି ରିପୋର୍ଟ ଏବେ ଡିଜି ଚୟନ ପ୍ରକ୍ରିୟାକୁ ନୂଆ ମୋଡ଼ ଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପର ଆଇନଗତ ଆଧାର ଏବଂ ଚୟନ ପ୍ରକ୍ରିୟାର ପାରଦର୍ଶିତା ଉପରେ ଏବେ ସୁପ୍ରିମକୋର୍ଟରେ ଅଧିକ ଗୁରୁତ୍ୱ ସହ ତର୍ଜମା ହେବାର ସମ୍ଭାବନା ରହିଛି।

## ଭୋଗରାଇରରୁ ୫...

ପରିସ୍ଥିତିକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସୁରକ୍ଷିତ ଭାବେ କାବୁ କରିବା ସହ ଖାଦ୍ୟ ଭାବେ କିଛି ଫଳ ଦିଆଯାଇଥିଲା। ପରେ ଉଦ୍ଧାର ହୋଇଥିବା ସମସ୍ତ ଓରାଙ୍ଗଉଟାନଙ୍କୁ ଉଦୟପୁର ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଖବର ପାଇ ଜଳେଶ୍ୱର ରେଞ୍ଜ ଅଧିକାରୀ ଶିଶିର କୁମାର ବେହେରା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦୟପୁରରେ ସେମାନଙ୍କୁ ଜଙ୍ଗଲ ଭିତରେ ସ୍ୱତନ୍ତ୍ର ଭାବେ ରଖାଯାଇ ସୁରକ୍ଷା ଓ ଯତ୍ନ ନିଆଯାଇଥିଲା। ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ ମଧ୍ୟରୁ ୩ଟି ପୁରୁଷ ଓ ୨ଟି ମହିଳା ଥିବା ଜଣାପଡ଼ିଛି। ସେମାନଙ୍କ ବୟସ ପ୍ରାୟ ୬ ମାସରୁ ୧ ବର୍ଷ ମଧ୍ୟରେ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ପରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ଚିଡ଼ିଆଖାନାକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି।

ଆରସିସିଏଫ ପ୍ରକାଶ ଚନ୍ଦ୍ର ଗଗିନେନି ଗଣମାଧ୍ୟମକୁ କହିଛନ୍ତି ଯେ ଓରାଙ୍ଗଉଟାନ ସାଧାରଣତଃ ଇଣ୍ଡୋନେସିଆ ଓ ମାଳ ଏସିଆରେ ଦେଖିବାକୁ ମିଳନ୍ତି। ଭୋଗରାଇର ଉପାନ୍ତ ଅଞ୍ଚଳରେ ଏକାଥରେ ୫ଟି ଓରାଙ୍ଗଉଟାନ ମିଳିବା ଘଟଣା ତେଣୁ ବନ ବିଭାଗ ପାଇଁ ମଧ୍ୟ ରହସ୍ୟ ସୃଷ୍ଟି କରିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏହି ବିରଳ ବିଦେଶୀ ଜୀବଗୁଡ଼ିକ ଭୋଗରାଇର ଉପାନ୍ତ ଅଞ୍ଚଳକୁ ଆସିଲେ କେମିତି? କିଏ ଏମାନଙ୍କୁ ଏଠାକୁ ଆଣିଲା? କେଉଁଠାରୁ ଆଣାଯାଇଥିଲା? ଏହାକୁ ନେଇ ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ଏମାନଙ୍କୁ କେହି ବେଆଇନ ଭାବେ ଆଣି ଜଙ୍ଗଲରେ ଛାଡ଼ି ଦେଇଥିଲା କି, ନା କୌଣସି ଅନ୍ୟ ମାଧ୍ୟମରେ ଏଠାକୁ ପହଞ୍ଚିଥିଲେ, ସେ ଦିଗରୁ ମଧ୍ୟ ତଦନ୍ତ କରାଯାଉଛି। ବିଶେଷକରି ଏହି ଅଞ୍ଚଳ ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ଜଳପଥ ଦେଇ ହୁଏତ ଏମାନଙ୍କୁ ଏଠାକୁ ଅଣାଯାଇଥାଇପାରେ ବୋଲି ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ତେବେ ଏହାର ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଜିଲ୍ଲା ବନ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକରଙ୍କ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନଙ୍କୁ ଆବଶ୍ୟକ ସୁରକ୍ଷା ଓ ଚିକିତ୍ସା ଯାଞ୍ଚ ପାଇଁ ନନ୍ଦନକାନନକୁ ପଠାଯାଇଛି। ଭୋଗରାଇର ଏକ ଝାଉଁ ଜଙ୍ଗଲ ଭିତରୁ ଇଣ୍ଡୋନେସିଆ ଓ ମାଳ ଏସିଆରେ ଦେଖାଯାଉଥିବା ଏଭଳି ବିରଳ ଜୀବ ମିଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏମାନଙ୍କ ପଛରେ କୌଣସି ବଡ଼ ଚୋରାଚାଲାଣ ଚକ୍ରର ସମ୍ପୃକ୍ତି ଅଛି କି ନାହିଁ, ତାହା ତଦନ୍ତରେ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

## ନନ୍ଦନକାନନରେ ସଙ୍ଗରୋଧ...

ପାଟ୍ରୋଲିଂ ବେଳେ ଜଳେଶ୍ୱର ପିଆର୍‌ଏଫ ନିକଟରୁ ଏହି ପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି। ଏହି ପ୍ରାଣୀ ଭାରତରେ ନାହାନ୍ତି। ପଶ୍ଚିମବଙ୍ଗରୁ ଏହି ଜୀବମାନଙ୍କୁ ଚୋରାରେ ଅନ୍ୟତ୍ର ନିଆଯାଉଥିବା ଓ କୌଣସି କାରଣରୁ ଏଠାରେ ଛାଡ଼ି ଦିଆଯାଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଗୋଟେ ଓରାଙ୍ଗଉଟାନର ବଜାରରେ ଦାମ ୨୫ ଲକ୍ଷ ଟଙ୍କା; ଏ ସମ୍ପର୍କରେ ଡବ୍ଲୁସିସିବିକୁ ଜଣାଯାଇଛି। ଏହାର ତଦନ୍ତ କରାଯିବ ଏବଂ ଏଆରପୋର୍ଟ, ରେଳବାଇ, ପୁଲିସ ପ୍ରଶାସନ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

# କନଷ୍ଟେବଲ ହତ୍ୟା ମାମଲା: କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

କଟକ, ୮।୯ (ସମିସ): ଓଏମଭିଡି କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କ ହତ୍ୟା ଘଟଣାରେ ପୁଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରି ମାମଲାର ତଦନ୍ତ ଭାର ତୁରନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ଗଞ୍ଜାମ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ କନଷ୍ଟେବଲଙ୍କ ଭଉଣୀ ନିବେଦିତା ଦେବୀଙ୍କ ତରଫରୁ ରୁଜ୍ଜୁ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୬ ଜୁନ ୫ରେ ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ପୁଲିସ କଲୋନୀରେ କନଷ୍ଟେବଲ ଆଶୁତୋଷ ଗୁରୁତର ଅବସ୍ଥାରେ ମିଳିଥିଲେ। ପରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ଆଶୁତୋଷଙ୍କ ଦୁଇ ଥର ମୃତ୍ୟୁକାଳୀନ ଜମାନବନ୍ଦି ରେକର୍ଡ ହୋଇଥିଲା। ଦୁଇ ଥର ଯାକ ପତ୍ନୀ ସନ୍ଧ୍ୟା ଓ ଶଳାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜ୍ଜୁ ହୋଇଥିଲା; କିନ୍ତୁ ଉଭୟଙ୍କୁ ପୁଲିସ ଗିରଫ କରି ନ ଥିଲା। ଅଭିଯୁକ୍ତଙ୍କୁ ପୁଲିସ ଘଣ୍ଟ ଘୋଡ଼ାଉଥିବା ନେଇ ଅଭିଯୋଗ କରିଥିଲେ ଆଶୁତୋଷଙ୍କ ଭଉଣୀ ନିବେଦିତା। ମୃତକଙ୍କ ଭଉଣୀ ନିବେଦିତା ଦେବୀ ପୁଲିସ ତଦନ୍ତରେ ନିଷ୍କ୍ରିୟତା ଅଭିଯୋଗ କରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଆଶୁତୋଷଙ୍କ ପତ୍ନୀ ଜଣେ ପୁଲିସ କନେଷ୍ଟବଳ ହୋଇଥିବାରୁ ପୁଲିସ ଜାଣିଶୁଣି ଗିରଫ କରୁନାହିଁ ବୋଲି ହାଇକୋର୍ଟରେ ତାଙ୍କ ଭଉଣୀ ଦର୍ଶାଇଥିଲେ। ଅଭିଯୁକ୍ତମାନଙ୍କ ସଂପୃକ୍ତି ବିଷୟରେ ମୃତକ କହିଥିବା ସତ୍ତ୍ୱେ ପୁଲିସ ତଦନ୍ତର ଫଳାଫଳ ସନ୍ତୋଷଜନକ ନ ଥିବାରୁ ହାଇକୋର୍ଟ ତୁରନ୍ତ କ୍ରାଇମବ୍ରାଞ୍ଚକୁ ତଦନ୍ତ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି।


## ପୂର୍ବ ତଟ ରେଳପଥ

ଶୁଦ୍ଧିପତ୍ର ସଂଖ୍ୟା-୦୩
ଟେଣ୍ଡର ବିଜ୍ଞପ୍ତି ସଂ.ETCECON IIBBS2026029 , ତା.17.08.2026 ରିଖ ପାଇଁ
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟାର ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି।

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବ |
|---|---|
| ତା.17.09.2026 ରିଖ 1200 ଘଟିକା | ତା.30.09.2026 ରିଖ 1200 ଘଟିକା |

ବିସ୍ତୃତ ସଂଶୋଧନ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-187/CJ/26-27

**AFFIDAVIT**

By virtue of an affidavit (CF No. 12, dtd- 15.05.2026) sworn before The Notary Public, Padampur. I, **Suresh Kumar Agrawal** (applicant name), S/o Late Roshanlal Agrawal, resident of Padampur, Ward No.3, PO: Rajborasambar, PS- Padampur, Dist: Bargarh, PIN-768036 declare that I have changed my minor son's name from **Binayak Agrawal** (old name) to **Pratham Agrawal** (new name). Henceforth, he shall be known as **Pratham Agrawal** (new name) for all purposes.

**Suresh Kumar Agrawal**

**AFFIDAVIT**

By virtue of an affidavit sworn before Executive Magistrate, Barpali, vide no. 542 dtd.28.08. 2026, I, Lingaraj Rana, S/o- Late Dambodar Rana, At/Po.- Satalma, Ps./Tahasil- Barpali, Dist.- Bargarh state that,my son's actual name is **Lukesh Rana** and **DOB: 29.04.2014** but in his Aadhaar Card no. 5792 9694 0334 his name has been wrongly mentioned as Manas Rana. Hence **Lukesh Rana** and **Manas Rana** is one and same person.

**AFFIDAVIT**

I, Suvrakanta Behura, aged about 38 years, S/O- Maheswar Behura, resident of At/Po- Sahira, Ps- Aul, Dist- Kendrapara, Odisha, PIN- 754215, do hereby declare by this affidavit No. 1856, dtd- 07/09/2026, that now onwards I shall be known as **SUBRAKANTA BEHURA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Rasgabindapur on Dated 8th september 2026, I Sri Buddhadev Marandi, S/o- Mr Hadibandhu Marandi, Address At-Baunsatofa, Po-Jharia, Ps-Rasgabindapur, Dist-Mayurbhanj, State-Odisha, Pin-757016, Odisha, have changed my name from "BDDHADEV MARANDI" to "BUDDHADEV MARANDI". Henceforth, I shall be known as **"BUDDHADEV MARANDI"** for all purposes.

**BUDDHADEV MARANDI**

**AFFIDAVIT**

I, Shaikh Amirul Islam, S/o SK Abdus Salam, resident of At- Nahanga, Po- Sukleswar, Ps- Bhadreswar, Dist- Cuttack Rural, PIN- 754221, Odisha declare by this affidavit No- 8926, dated- 08/09/2026 that now onwards I shall be known as **SK AMIRUL ISLAM** for all future purposes.

**AFFIDAVIT**

By virtue of an affidavit sworn before the Notary Public, Khordha, dtd. 14.08.2026, I, SAKABAT KHAN, Village- Haripur, P.O.-Anda, P.S.- Khordha Sadar, Dist.-Khordha, PIN-752060, declare that my minor son's name changed from FARIDA BIBI to AKBAR KHAN. Henceforth he shall be known as AKBAR KHAN for all purposes.

**Sd/- SAKABAT KHAN**

**AFFIDAVIT**

By virtue of an affidavit No- 2864, sworn before The Executive Magistrate Champua, on dtd- 08/09/2026. I, **Najab Arzoo**, permanent resident of At/Po/Ps-Champua, Dist- Keonjhar, Odisha, PIN- 758041 declared that I have changed my name from **NAZAF ARZOO** (old name) to **NAJAB ARZOO** (new name). Henceforth, I shall be known as **NAJAB ARZOO** for all future purposes.

**Najab Arzoo**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 08.09.2026, I, Ashish Sundaraya, S/o- Dillip Kumar Sundaray, At-Aiginia, PO- Aiginia, PS-Bharatpur, Dist.- Khordha, PIN-751030, declare that I have changed my name from Asutosh Sundaraya to Ashish Sundaraya. Henceforth, I shall be known as **Ashish Sundaraya** for all purposes.

**Sd/- Ashish Sundaraya**

**AFFIDAVIT**

By virtue of an affidavit (CF No. 03, dtd- 11/08/2026) sworn before The Executive Magistrate, Padampur. I, **Jagadiswar Sahu**, S/o Kashyamanidhi Sahu, permanent resident of AT/PO: Mahulapali, PS: Padampur, Dist: Bargarh, Odisha declare that I have changed my father's name & date of birth from **Kashyamanidhi Sahu (05.08.1956)** to **Kashyamanidhi Sahu (15.09.1956)** in my PAN Card, bearing No: DNMPS8311E. Henceforth, he shall be known as **Kashyamanidhi Sahu, DOB: 15.09.1956** for all official, non-official, and legal purposes.

**Jagadiswar Sahu**

**KARILOPATNA COLLEGE, KARILOPATNA**
Dist-Kendrapara, Odisha

No. 199/26 dt. 4.9.26

**WALK-IN-INTERVIEW**

Applications are invited from eligible candidates for engagement of Lecturer in Physics, Chemistry, I.T, Statistics, Botany & Night Watchman.

Interested candidates may attend the Walk-in Interview with original certificates and testimonials.

| | | |
|---|---|---|
| Date | : | 19.09.2026 (Saturday) |
| Reporting Time | : | 9.00 A.M to 10.00 A.M |
| Interview | : | 11.00 A.M onwards |
| Venue | : | College Premises, Karilopatna |

Candidates must complete registration and document verification within the stipulated reporting time.

Principal
Karilopatna College, Karilopatna
Mob-9437105017

32001/832/2627

**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Superintending Engineer,
Deo Head Works Division, Karanjia, At/Po-Karanjia, Dist.-Mayurbhanj-757037,
e-mail: teedhwd@gmail.com

**"e" Procurement Notice**
**Bid Identification No.: 03/SEDHWD of 2026-27**

| | | | |
|---|---|---|---|
| 1. | Nature of the Work | : | Civil Work |
| 2. | Number of Works | : | 02 (Two) Nos of Individual Work |
| 3. | Approximate amount put to tender | : | 94.71 Lakhs, 86.93 lakh |
| 4. | Period of Completion | : | 06 (Six) Calendar Months |
| 5. | Class of Contractor | : | "B" Class Contractor |
| 6. | Date & time of Availability of Bid document in the portal | : | Dt. 11.09.2026 - 10 AM to 25.09.2026 up to 5.30 PM |
| 7. | Last date & time of seeking tender clarification | : | Dt. 22.09.2026 up to 1.00 PM |
| 8. | Last date & time of receipt of Bids in the Portal | : | Dt. 25.09.2026 up to 5.30 PM |
| 9. | Date, time & place of opening of Technical Bid/s (Cover-I) | : | Dt.28.09.2026 at 11.30 AM in the O/o the Superintending Engineer, Deo Head Works Division, Karanjia, Mayurbhanj |
| 10. | Date, time & place of opening of Financial Bid/s (Cover-II) | : | To be intimated after evaluation of Technical BID |
| 11. | Name & address of the officer inviting Bid | : | Superintending Engineer, Deo Head Works Division, Karanjia. AT/PO-Karanjia, PS-Karanjia, Dist-Mayurbhanj, PIN-757037 |

*Further details can be seen from the Govt. web site www.tendersodisha.gov.in. Any addendum/corrigendum/ cancellation of tender can also be seen in the said Website.

Sd/-
Superintending Engineer,
Deo Head Works Division, Karanjia

OIPR-32001/32248/1/26-27/0004

e-mail: eeghatagaon2015@gmail.com

**Government of Odisha "e" procurement Notice**
**Bid Identification No. S.E. GTN (R&B)- 06/2026-27**

34001/762/2627 No. **7119** Dt. **7.9.2026**

| | | | |
|---|---|---|---|
| 1 | No. of the work :- | : | 7 No. Fire Fighting System Work & Electrical works |
| 2 | Estimated cost :- | : | From Rs. 11.82 to Rs. 3.09 Lakh |
| 3 | Period of completion :- | : | From 1 (One) Calendar Month. |
| 4 | Date and Time of availability of Bid document in the portal :- | : | From 11.00 Hr 10.09.2026 to 17.00 HR of 21.09.2026 |
| 5 | Last date / Time for receipt of bids in the portal :- | : | 17.00 Hr of 21.09.2026 |
| 6 | Date of opening of Bid from Portal :- | : | 11.30 Hr of 22.09.2026. |
| 7 | Name and address of the officer inviting Bid :- | : | Superintending Engineer, Ghatagaon (R&B) Division, Ghatagaon |

Further details can be seen from the e-procurement portal **"http://tendersodisha.gov.in"**

Superintending Engineer
Ghatagaon (R&B) Division

OIPR-34001/34140/1/26-27/0006

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**BARPALI IRRIGATION DIVISION, BARPALI**
E-mail id - ee.barpali.canal@gmail.com
32001/836/2627

**Tender Call Notice No.BID-03(01-01)/2026-27(Online)**

| | | | |
|---|---|---|---|
| 1. | **Nature of Works** | : | Engagement of different categories of personnel on outsourcing basis for operation and maintenance of Hirakud System for Barpali Irrigation Division, Barpali under Additional Chief Engineer, Canal Circle, Burla for the year 2026-27 (From 01.10.2026 to 31.03.2027). |
| 2. | **Nos. of works** | : | 01 (One)No. |
| 3. | **Amount Put to Tender** | : | **Rs. 44,21,586/-** |
| 4. | **Period of Completion** | : | As per D.T.C.N. |
| 5. | **Date and time of availability of Bid Document in the Portal** | : | Dt: 10.09.2026 at 11.00A.M. to Dt:19.09.2026 upto 05.00P.M. |
| 6. | **Last Date/Time for receipt of Bids in the Portal** | : | Dt:19.09.2026 upto 05.00 P.M. |
| 7. | **Date of opening of Bid** | : | Dt:21.09.2026 at11.00A.M. |
| 8. | **Last date & time of seeking tender clarification** | : | Dt:19.09.2026 upto 02.00 P.M. |
| 9. | **Name and address of the Officer Inviting Bid** | : | Superintending Engineer, Barpali Irrigation Division, Barpali At/Po- Barpali, Pin-768029, Dist.-Baragada Email Id - ee.barpali.canal@gmail.com |

1 Any addendum/corrigendum/cancellation of tender can also be seen in the said Website.
2 Further details can be seen from Government Website-http://tenderodisha.gov.in

Superintending Engineer
Barpali Irrigation Division, Barpali

OIPR-32001/32413/1/26-27/0002

बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର**
**ବ୍ୟାଙ୍କ ଅଫ୍ ବରୋଦା,** କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨,ଓଡ଼ିଶା

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)**

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉପର କଥିତ ନିୟମର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଦର୍ଶିତ ତାରିଖରେ ନିମ୍ନଲିଖିତ ସମ୍ପତ୍ତି ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ ।

**ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ସାମନ୍ତରାପୁର ଶାଖା** **ଋଣଗ୍ରହୀତା: (୧)ଲୋପାମୁଦ୍ରା ଦାସ, (୨)କଳ୍ପନା ଦାସ,** ଉଭୟଙ୍କ ଠିକଣା: ସୁଧବାରିମୂଳ, ତୁଳସୀପୁର, ନିମାପଡା, ପୁରୀ, ଓଡ଼ିଶା, ପିନ୍ - ୭୫୨୧୧୩। | ଖାତା ନଂ.୩୨୭/୧୫୦, ପ୍ଲଟ ନଂ.୩୧୧/୧୦୧୫, ଅନୁରୂପ ପୂର୍ବ ଖାତା ନଂ.୩୨୭/୩, ପ୍ଲଟ ନଂ.୩୧୧, ଏରିଆ: ଏ୦.୫୧୦ ଡିସିମିଲି ମଧ୍ୟରୁ ଏ୦.୨୦୦ ଡିସିମିଲି ଯାହାର ପୁନଃ ଅନୁରୂପ ଖାତା ନଂ.୨୬୨, ପ୍ଲଟ ନଂ.୩୧୧, ଏରିଆ: ଏ୦.୫୧୦ ଡିସିମିଲି ମଧ୍ୟରୁ ଏ୦.୨୦୦ ଡିସିମିଲି, ଜିଲ୍ଲା: ପୁରୀ, ଏସ୍ଆରଓ/ ତହସିଲି: ନିମାପଡା, ଥାନା: ନିମାପଡା, ଥାନା ନଂ.୨୨୦, ମୌଜା: ସୁଧବାରିମୂଳ, ଓଡ଼ିଶା, ଚାରିପାର୍ଶ୍ୱରେ: ଉତ୍ତର - ରାସ୍ତା, ଦକ୍ଷିଣ- କ୍ରେତା, ପୂର୍ବ- ଗନ୍ଧର୍ବ ସାହୁ, ପଶ୍ଚିମ- ଭେଣ୍ଡର, ସମ୍ପତ୍ତି **ଶ୍ରୀମତୀ କଳ୍ପନା ଦାସ,** ସ୍ୱା: ଶ୍ରୀ ସନାତନ ଦାସ ଙ୍କ ନାମରେ ଅଛି । | ୨୫.୦୬.୨୦୨୬ / ୦୩.୦୯.୨୦୨୬ | ତା.୦୮.୦୬.୨୦୨୬ ସୁଦ୍ଧା **ଟ.୫୩,୩୦,୧୦୨/-** + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ:ଭୁବନେଶ୍ୱର, ତାରିଖ-୦୮.୦୯.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**OFFICE OF THE SUPERINTENDING ENGINEER**
**LOWER INDRA CANAL DIVISION, KHADIAL,**
**DIST:-NUAPADA, ODISHA, PIN: 766107**
E-Mail: eelidc.khr@gmail.com
32001/825/2627

**No: 2224** **Date: 03.09.2026**

**e-Procurement Notice No. SELICD-04/2026-27 dated 03.09.2026**

The Superintending Engineer, Lower Indra Canal Division, Khadial Dist-Nuapada, on behalf of the Governor of Odisha, invites Request for Proposal (RFP) through online mode in double cover system from eligible bidders for the works as detailed below: -

**Name of work :- "Concurrent Evaluation Study in respect of Lower Indra Irrigation Project under PMKSY- AIBP & PMKSY- CADWM scheme for the Financial Years 2021-22 to 2025-26."**

| | | |
|---|---|---|
| 1 | Period of completion | 02 (Two) calendar months |
| 2 | Period of Availability | From 10.00AM of 10.09.2026 of Bid Document in the Portal to 28.09.2026 up to 5.00 PM. |
| 3 | Last Date / Time for Receipt of Bid | 28.09.2026 up to 5.00 PM |
| 4 | Date and Time of Opening of Technical Bid | 29.09.2026 at 11.30 AM |
| 5 | Place of Sale & Receipt of Bid | On- Line through e-Procurement i.e. www.tendersodisha.gov.in |
| 6 | Name & address of the officer inviting Bid | Superintending Engineer, Lower Indra Canal Division, Khadial |
| 7 | Further details can be seen from e-Procurement Portal | "https://www.tendersodisha.gov.in" |

Superintending Engineer
Lower Indra Canal Division,
Khadial

OIPR-32001/32206/1/26-27/0003

# ଆରମ୍ଭ ହେଲା ତାମୁଲିଆ ଉଡ଼ନ୍ତା ପୋଲ ମରାମତି କାମ

ବାଲେଶ୍ୱର, ୮।୯ (ସମିସ)



**୭ ଦିନ ଯାତାୟାତ ବନ୍ଦ**

ବାରମ୍ବାର ଦାବି ପରେ ଆଜି ଆରମ୍ଭ ହୋଇଛି ତାମୁଲିଆ ଉଡ଼ନ୍ତା ପୋଲର ମରାମତି କାମ। ଏଥିପାଇଁ ପୋଲ ଉପରେ ଯାତାୟାତ ବନ୍ଦ କରାଯାଇଛି। ତାମୁଲିଆ ଉଡ଼ନ୍ତା ପୋଲ ଯାହା ଦୀର୍ଘ ଦିନ ଧରି ମରଣଯନ୍ତ୍ର ପାଲଟିଥିଲା। ପୋଲର ମରାମତି ପାଇଁ ୪ କୋଟି ୫୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ଉକ୍ତ ପୋଲରେ ଯାତାୟାତ ବନ୍ଦ ପାଇଁ ଅନେକ ଲୋକ ହଇରାଣ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ବିକଳ୍ପ ବାଟରେ ଯାତାୟାତ ପାଇଁ ପରାମର୍ଶ ଦିଆଯାଇଛି। ପୋଲର ରାସ୍ତା ମରାମତି କାର୍ଯ୍ୟ ଚାଲୁଥିବାରୁ ୭ (ସାତ) ଦିନ ପର୍ଯ୍ୟନ୍ତ ତାମୁଲିଆ ବ୍ରିଜ୍ ଓ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିବ। ଦିନ ରାତି କାମ ଚାଲିବ। ଏହି ସାତ ଦିନ ମଧ୍ୟରେ ଆପ୍ରୋଚ ରୋଡ୍ ଓ ପୋଲ କାମ ଶେଷ ହେବା ନେଇ ସୂଚନା ମିଳିଛି। କାର୍ଯ୍ୟ ସମାପ୍ତ ହେବା ପରେ ତକ୍ଷମୁଳିଆ ବ୍ରିଜ୍ ଓ ରାସ୍ତା ପୁନର୍ବାର ଯାତାୟାତ ପାଇଁ ଖୋଲାଯିବ।

ସୂଚନା ଅନୁସାରେ, ପୋଲର ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଉଠିଯାଇ ଲୁହା ରଡ଼ ବାହାରି ପଡ଼ିଛି। ତଥାପି ପ୍ରତିଦିନ ହଜାର ହଜାର ଭାରୀଯାନ, ଯାତ୍ରୀବାହୀ ବସ୍, ସ୍କୁଲ ବସ୍ ଏହି ପୋଲ ଦେଇ ଯାତାୟାତ କରୁଛନ୍ତି। ଜିଲ୍ଲା ମୁଖ୍ୟ ସଡ଼କରେ ରେଳ ଧାରଣା ଉପରେ ଥିବା ଏହି ପୋଲର ଦୟନୀୟ ସ୍ଥିତି ଯୋଗୁଁ ସାଧାରଣ ଲୋକେ ଚିନ୍ତିତ। ତାମୁଲିଆ ଉଡ଼ନ୍ତା ପୋଲ ଗାତ ଓ ଖାଲଢିପ ଭରି ରହିଥିବାରୁ ନିତି ଦୁର୍ଘଟଣା ଘଟୁଥିଲା। ତାମୁଲିଆ ଉଡ଼ନ୍ତା ପୋଲ ଏକପ୍ରକାର ମରଣଯନ୍ତ୍ର ପାଲଟିଛି। ନିମ୍ନମାନର କାମ ଯୋଗୁଁ ପ୍ରତିବର୍ଷ ମରାମତି ଦରକାର ପଡୁଥିବା ବେଳେ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଉଛି ବୋଲି ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବାଲେଶ୍ୱର ରାସ୍ତା ଓ ଗୃହ ନିର୍ମାଣ ବିଭାଗ-୧ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସମୟରେ ପ୍ରତିବାଦ ହୋଇଛି। ଗତବର୍ଷ ଅଧୀକ୍ଷକ ଯନ୍ତ୍ରୀ ମରାମତି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କାମ ହୋଇନଥିଲା। ମଝିରେ କାମ ଆରମ୍ଭ ହୋଇ ବନ୍ଦ ହୋଇଯାଇଥିଲା। ମାତ୍ର ଆଜିଠୁ ୪ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟରେ ମରାମତି କାମ ଆରମ୍ଭ ହୋଇଛି। ଯାହା ସାତ ଦିନ ଭିତରେ ସରିବ ବୋଲି କୁହାଯାଇଛି। ଏହି ସମୟରେ ଜନସାଧାରଣଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। କାର୍ଯ୍ୟ ସମାପ୍ତ ପରେ ରାସ୍ତା ପୁନର୍ବାର ଖୋଲାଯିବ ବୋଲି ବିଭାଗ ସୂଚନା ଦେଇଛି।

## ଆସୁଛନ୍ତି ବିଘ୍ନରାଜ

# ଦି ବଏଜ୍ କ୍ଲବ୍‌ର ଆକର୍ଷଣ ୧୬ ଫୁଟ୍‌ର ମୂର୍ତ୍ତି



**ବାଲେଶ୍ୱର, ୮।୯ (ସମିସ):** ଗଣେଶ ପୂଜାକୁ ନେଇ ବାଲେଶ୍ୱର ସହରରେ ପ୍ରସ୍ତୁତି ଆରମ୍ଭ। ସହରର ଜନରେଣ୍ଡ ଲାଇନ୍ ଛକ ଲେଲ୍ଲି ଅଫିସ ନିକଟରେ ଥିବା 'ଦି ବଏଜ୍ କ୍ଲବ୍' ଚଳିତ ବର୍ଷ ଚତୁର୍ଥ ବର୍ଷ ଗଣେଶ ପୂଜା ନିଆରା ଢଙ୍ଗରେ ପାଳନ ହେବ। ୨୦୨୩ ମସିହାରୁ ଆରମ୍ଭ ହୋଇଥିବା କ୍ଲବର ଏଥର ପୂଜାର ମୁଖ୍ୟ ଆକର୍ଷଣ ୧୬ ଫୁଟ୍ ଉଚ୍ଚର ମୂର୍ତ୍ତି। ଚିନ୍ତାମଣି ଅବତାରରେ ଗଜାନନଙ୍କ ମୂର୍ତ୍ତି ନୂଆ ଶୈଳୀରେ ପ୍ରସ୍ତୁତ ହେଉଛି। ଶିଳ୍ପୀ ଅଭିନାଶ ବଡ଼େଇ ଓରଫ ପିପୁନ୍ ନିର୍ଦ୍ଦେଶରେ ୫ ଜଣ କାରିଗର ମୂର୍ତ୍ତି ନିର୍ମାଣ କରୁଛନ୍ତି। ଚଳିତ ବର୍ଷ ସାଜସଜ୍ଜା ଓ ଆଲୋକମାଳା ପୂଜାର ବିଶେଷ ଆକର୍ଷଣ ହେବ। କ୍ଲବ୍‌ର ୨୦୦ରୁ ଅଧିକ ସଦସ୍ୟଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହେଉଛି। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ସହ ଶାନ୍ତି ଶୃଙ୍ଖଳାର ସହ ପୂଜା ଓ ବିସର୍ଜନ କରାଯିବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

## ସରକାର ବଏଜ୍ କ୍ଲବ୍

# ମହାଦେବଙ୍କ ତପସ୍ୟା ଶୈଳୀରେ ପୂଜା ପାଇବେ ବିଘ୍ନରାଜ

**ବାଲେଶ୍ୱର, ୮।୯ (ସମିସ):** ପାର୍ବତୀ ନନ୍ଦନ ଶ୍ରୀଗଣେଶଙ୍କ ପାଇଁ ସହରର ବିଭିନ୍ନ ପୂଜା ମଣ୍ଡପରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଚଳିତ ବର୍ଷ ସରକାର ବଏଜ୍ କ୍ଲବ ପକ୍ଷରୁ ୪ର୍ଥ ଥର ପାଇଁ ଧୁମ୍‌ଧାମରେ ଗଣେଶ ପୂଜା ପାଳନ କରାଯିବ। ଚଳିତ ବର୍ଷ ମହାଦେବଙ୍କ ତପସ୍ୟା ଶୈଳୀରେ ବିଘ୍ନରାଜଙ୍କ ମୂର୍ତ୍ତି ନିର୍ମାଣ କରାଯାଉଛି। ମୂର୍ତ୍ତିର ଉଚ୍ଚତା ପ୍ରାୟ ୧୪ ଫୁଟ୍ ଏବଂ ମଣ୍ଡପର ଉଚ୍ଚତା ପ୍ରାୟ ୨୫ ଫୁଟ୍ ରହିବ। ଆକର୍ଷଣୀୟ ତୋରଣ ଓ ରଙ୍ଗବେରଙ୍ଗ ଆଲୋକସଜ୍ଜାରେ ମଣ୍ଡପ ସଜାଯିବ। ପୂଜା ଅବସରରେ ଭକ୍ତଙ୍କ ପାଇଁ ଦୁଇ ଦିନ ଧରି ଲଡୁ, ପ୍ରସାଦ ଓ ଖିରି ବଣ୍ଟନର ବ୍ୟବସ୍ଥା କରାଯାଇଛି। ଏଥିପାଇଁ କ୍ଲବର ୨୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ସକ୍ରିୟ ସହଯୋଗ କରୁଛନ୍ତି। ଶେଷ ଦିନରେ ବିସର୍ଜନ ଶୋଭାଯାତ୍ରାକୁ



ଆକର୍ଷଣୀୟ କରିବା ପାଇଁ ଓଡ଼ିଶାର ପାରମ୍ପରିକ ବାଦ୍ୟଯନ୍ତ୍ର ଓ ବାଜାର ବ୍ୟବହାର କରାଯିବ। ଏହି ଆୟୋଜନରେ କ୍ଲବ ଉପଦେଷ୍ଟା ବିଭୁଦତ୍ତ ପରିଡ଼ା, କ୍ଷୀରୋଦ ଦାସ, ଦେବୀ ପ୍ରସାଦ ପରିଡ଼ା, ସଭାପତି ଆଦର୍ଶ ମୁଖୀ, ସମ୍ପାଦକ ରାକେଶ ରୋଶନ ଦାସ, ନୀତିଶ ଦାସ, ଲଲାଟେନ୍ଦୁ ସିଂହ, କୋଷାଧ୍ୟକ୍ଷ ଶଙ୍କର ରାଓ, ଜୟନ୍ତ, ଅନିଲ ରାଓ, ରିତିକ ରୋଶନ, ସତ୍ୟ ଲେଙ୍କା, ଜିତେନ୍ଦ୍ର ବେହେରା, ଗୋପାଳ ମଲ୍ଲିକ୍ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟଙ୍କ ମିଳିତ ପ୍ରୟାସରେ ପୂଜାକୁ ଅଧିକ ଶୃଙ୍ଖଳିତ ଓ ସ୍ମରଣୀୟ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି।

# ଷ୍ଟେସନରେ ଚୋରି; ୨ ଗିରଫ

**ବାଲେଶ୍ୱର, ୮।୯ (ସମିସ):** ବାଲେଶ୍ୱର ରେଳ ଷ୍ଟେସନ ଅଞ୍ଚଳରେ ଆରପିଏଫର ସ୍ୱତନ୍ତ୍ର ଡ୍ରାଇଭ୍ ବେଳେ ଚୋରି ମୋବାଇଲ ସହ ୨ ଯୁବକ ଧରାପଡିଛନ୍ତି। ଗତ ୬ ତାରିଖ ସକାଳ ୮ଟା ୧୦ରେ ପୋଷ୍ଟ ଡାଏରୀ ଏଣ୍ଟ୍ରି ନଂ ୧୬ ଅନୁଯାୟୀ ପୋଷ୍ଟ କମାଣ୍ଡରଙ୍କ ନିର୍ଦ୍ଦେଶରେ ଏଏସଆଇପିଏଫ ଅଭୟ କୁମାର ମହାଲିକ, ବିରଞ୍ଚି ବେହେରା, ହେଡ୍ କନେଷ୍ଟେବଲ ସୂର୍ଯ୍ୟକାନ୍ତ ସାହୁ, ପୁରୁଷୋତ୍ତମ ରଣା ଓ କନେଷ୍ଟବଲ ଜିତେନ୍ଦ୍ର କୁମାର ବାଲେଶ୍ୱର ଷ୍ଟେସନ ଓ ଗୋଳାପୋଲ-ନୁଣିଆଯୋଡି ସେକ୍ସନରେ ଟିଓପିବି ବିରୋଧରେ ଡ୍ରାଇଭ୍ କରୁଥିଲେ। ସକାଳ ୯ଟା ୫୦ ସମୟରେ ପ୍ଲାଟଫର୍ମ ନଂ ୧ ନୂଆ ଏସଏମଆର ବିଲ୍ଡିଂ ସମ୍ମୁଖରେ ଥିବା ସିମେଣ୍ଟ ବେଞ୍ଚରେ ୨ ଜଣ ଯୁବକ ସନ୍ଦେହଜନକ ଭାବେ ବସିଥିବା ଦେଖି ଯାଞ୍ଚ କରାଯାଇଥିଲା। ସେମାନେ ଷ୍ଟେସନରେ ରହିବାର ସନ୍ତୋଷଜନକ ଉତ୍ତର ଦେଇନଥିଲେ। ପଚରାଉଚରା ବେଳେ ସେମାନେ ନିଜ ନାମ ଯତୀନ ବିଶ୍ୱାଳ(୨୧), ପିତା-ସଦାନନ୍ଦ ବିଶ୍ୱାଳ, ଗଡସାହି, ନୂଆବଜାର ଓ ସେକ୍ ସୁକୁରୁଦ୍ଦିନ(୨୯), ପିତା-ସେକ୍ ସତ୍ତାର, ଗଲାପୋଲ, ଅରଡ ବଜାର, ସହଦେବଖୁଣ୍ଟା ବୋଲି କହିଥିଲେ। ସେମାନଙ୍କଠାରୁ ୩ ଟି ଚୋରି ମୋବାଇଲ ଜବତ ହୋଇଛି। ଜବତ ମୋବାଇଲର ମୋଟ ମୂଲ୍ୟ ୬୫ ହଜାର ଟଙ୍କା। ସେମାନେ ବିଭିନ୍ନ ସମୟରେ ଯାତ୍ରୀଙ୍କଠାରୁ ମୋବାଇଲ ଚୋରି କରି ବିକିବାକୁ ଯୋଜନା କରୁଥିଲେ ବୋଲି ସ୍ୱୀକାର କରିଛନ୍ତି। ଏହା ପରେ ସକାଳ ୧୦ ଟା ୫୦ରେ ଆରପିଏଫ ଆକ୍ଟ ଧାରା ୧୨ ରେ ସେମାନଙ୍କୁ ଅଟକ ରଖି ମୋବାଇଲ ଜବତ କରାଯାଇ ଜିଆରପି ଥାନାକୁ ହସ୍ତାନ୍ତର କରାଯାଇଛି।

# ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

**ଜଳେଶ୍ୱର ବ୍ଲକ, ୮।୯ (ସମିସ) :** ଜଳେଶ୍ୱର ବ୍ଲକ ଶିଖରପୁର ଗ୍ରାମପଞ୍ଚାୟତ ବଜାରଶୋଳ ଗ୍ରାମର ନରହରୀ ଘୋଷଙ୍କ ଘରଠାରୁ ଶ୍ରୀଧର ବାରିକ୍ ଘର ପର୍ଯ୍ୟନ୍ତ ଚାଲିଥିବା କଂକ୍ରିଟ ରାସ୍ତା ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ମାଧ୍ୟମରେ ୩ ଲକ୍ଷ ୮୩ ହଜାର ୧୫୧ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ରାସ୍ତା ଅତି ନିମ୍ନ ମାନର ହେବା ସାଙ୍ଗକୁ ସେହି ଗ୍ରାମରେ ସରକାରୀ ବାଲି ନଦୀର ସୈରାତ ଥିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ଲାଗିଥିବା ମାଟି ମିଶା ପତଳା ଅପରିଷ୍କାର ବାଲି ସାଙ୍ଗକୁ ବଡ଼ ମେଟାଲ ପରିବର୍ତ୍ତେ ଛୋଟ ଛୋଟ ମେଟାଲ୍ ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱରେ ୱାଲ୍ ନଦେବା ସହିତ କାର୍ଯ୍ୟର ଥିକନେସ କମ କରିବା ଓ ସିମେଣ୍ଟ ପରିମାଣ କମ୍ କରି ଚାଲିଛି ନିମ୍ନ ମାନର ରାସ୍ତା ନିର୍ମାଣ। ଯେହେତୁ ଜଳେଶ୍ୱର ବ୍ଲକ ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇ ଥିବା ବେଳେ ଏହି ନିମ୍ନ ମାନର ରାସ୍ତାଟି ମଧ୍ୟ ସୁବର୍ଣ୍ଣରେଖା ନଦୀ ପଠାରେ ନିର୍ମାଣ ଚାଲିଛି। ତେଣୁ ଏହି ରାସ୍ତାରେ ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ? ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ନାଥ ପ୍ରଧାନ ଓ ବିନୟ ଗିରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# 'ସହାୟକ'ର ଗୁରୁତ୍ୱପୂର୍ଣ୍ଣ ବୈଠକ

**ବାଲେଶ୍ୱର,୮।୯ (ସମିସ):** ଜନକଲ୍ୟାଣକାରୀ ସଂଗଠନ "ସହାୟକ'ର ଏକ ବୈଠକ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘଗୃହରେ ଅନୁଷ୍ଠିତ ହୋଇଯାଇଛି। ଡ. କ୍ଷିତୀଶ୍ୱର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂପାଦକ ହୃଷିକେଶ ସାହୁ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଇଂ. ଡ ସାହୁ ଉକ୍ତ ସଂଗଠନ ଦୀର୍ଘ ୨୦ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ କରିବା ଉପରେ ସୂଚନା ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସାହାଯ୍ୟାର୍ଥେ ୧୦ହଜାର ଟଙ୍କା ରିଲିଫ୍ ଫଣ୍ଡକୁ ଦିଆଯିବ ବୋଲି ସ୍ଥିର ହୋଇଛି। ବରିଷ୍ଠ ଉପଦେଷ୍ଟା ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ଗଙ୍ଗାଧର ପୃଷ୍ଟି, ଅକ୍ଷୟ କୁମାର କର, ରବୀନ୍ଦ୍ର ନାଥ ଗିରି, ଦୟାନିଧି ମହାପାତ୍ର, ଲକ୍ଷ୍ମଣ ଚରଣ ବିଶ୍ୱାଳ, କେଶବ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପ୍ରସାଦ ଧଳ, ରାଜେନ୍ଦ୍ର ନାଥ ରାଉତ, ରଜନୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ସଂପାଦକ ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।

# ଖଇରା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



**ଖଇରା, ୮।୯ (ସମିସ):** ଖଇରା ଥାନାରେ ନୂତନ ଆଇଆଇସି ଭାବେ ପ୍ରଶାନ୍ତ ଜେନାଙ୍କ ଯୋଗଦାନ । ଆଜି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ କାର୍ଯ୍ୟରତ ଆଇଆଇସି ଜହ୍ନ ପଟ୍ଟନାୟକ ବ୍ରହ୍ମପୁରକୁ ବଦଳି ପରେ ସେ ଏହି ପଦବୀରେ ଯୋଗ ଦେଇଛନ୍ତି ପ୍ରଶାନ୍ତ ଜେନା। ଶ୍ରୀ ଜେନା ପୂର୍ବରୁ ମୟୁରଭଞ୍ଜ ତିରିଂ ଥାନାରେ କାର୍ଯ୍ୟରତ ଥିଲେ।ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ଆଇଆଇସି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା, ଅପରାଧ ନିୟନ୍ତ୍ରଣ କରିବା ଏବଂ ସାଧାରଣ ଜନତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ତାଙ୍କର ମୁଖ୍ୟ ପ୍ରାଥମିକତା ହେବ ବୋଲି ପ୍ରକାଶ କରିଛନ୍ତି।

# ପରିବେଶ ସଚେତନତା ଅଭିଯାନ



**ବାଲେଶ୍ୱର, ୮।୯ (ସମିସ):** ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ସୋମବାର ବାଲେଶ୍ୱରରେ ଏକ ପରିବେଶ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଅଭିଯାନରେ ବାଲେଶ୍ୱର ସ୍କୁଲ ଅଫ ଇଞ୍ଜିନିୟରିଂର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ବୋର୍ଡର କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ବାଲେଶ୍ୱର ସ୍କୁଲ ଅଫ ଇଞ୍ଜିନିୟରିଂ ପରିସରରୁ ଆରମ୍ଭ ହୋଇଥିବା ଏହି ପରିବେଶ ସଚେତନତା ପରିକ୍ରମା ମିର୍ଜା ପୋଖରୀ ପର୍ଯ୍ୟନ୍ତ ଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମନମୋହନ ମୁର୍ମୁଙ୍କ ନେତୃତ୍ୱରେ ଇଂ. ଅନିଲ କୁମାର ବାରିକ, ଭୀମ ଚରଣ ମାଣ୍ଡରୀ , ପ୍ରଦୀପ କୁମାର ରାଉତ, ଧନେଶ କୁମାର, ରାଧା ମାଧବ ପାଠୀଙ୍କ ସମେତ ପରିବେଶ ଯନ୍ତ୍ରୀ, ବୈଜ୍ଞାନିକ ଓ ଅନ୍ୟ କର୍ମଚାରୀମାନେ ଏହି ଅଭିଯାନରେ ସହଯୋଗ କରିଥିଲେ। ସେହିପରି ବାଲେଶ୍ୱର ସ୍କୁଲ ଅଫ ଇଞ୍ଜିନିୟରିଂର ଅଧ୍ୟକ୍ଷ କରୁଣାକର ମହାଲିକଙ୍କ ସମେତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ସଂସ୍କୃତ ଦିବସ ସମାରୋହର ଉଦ୍‌ଯାପନୀ ଉତ୍ସବ




**ଜଳେଶ୍ୱର, ୮।୯ (ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶାଳିକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ ଦ୍ୱାରା ୧୦ଦିନ ବ୍ୟାପୀ ଆୟୋଜିତ ସଂସ୍କୃତ ଦିବସ ସମାରୋହର ଉଦ୍‌ଯାପନୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଶାଳିକୋଠା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ସଂସ୍କୃତ ଭାଷା ଆମ ଶରୀରର ଅଙ୍ଗ ସହିତ ଜଡିତ। ଯାହା ବିଶ୍ୱର ପ୍ରଥମ ଓ ସର୍ବପୁରାତନ ଭାଷା ଯାହା ବେଦ ପୁରାଣରେ ବର୍ଣ୍ଣିତ ତେଣୁ ଆମେ ସମସ୍ତେ ତାର ଆଦର କରିବା ଉଚିତ ବୋଲି ମତ ପୋଷଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୁରୀ ଶ୍ରୀବିହାର, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଡ.ପ୍ରଭାତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରୀୟବାଗ ସ୍ଥିତ ନରେନ୍ଦ୍ରନାଥ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କେଶବ ଚନ୍ଦ୍ର ମହାପାତ୍ର, ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ସୃଷ୍ଟି ଚରଣ ନନ୍ଦ, ଶାଳିକୋଠା ଶଦାଶିବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ କିରଣ କୁମାର ଦାଶ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ପ୍ରଦୀପ ପ୍ରଜ୍ୱଳନରେ ପଣ୍ଡିତ ଆଶୁତୋଷ ରଥ ମନ୍ତ୍ର ଉଚ୍ଚାରଣ କରିଥିଲେ। ପଣ୍ଡିତ ଜନାର୍ଦ୍ଦନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ରବିନ୍ କୁମାର ମିଶ୍ର ଅଭିଲେଖ ପାଠ କରିଥିବା ବେଳେ ଇଂରାଜୀ ଅଧ୍ୟାପକ କାର୍ତିକେଶ୍ୱର ପାତ୍ର ମହାବିଦ୍ୟାଳୟର ପୂର୍ବ ଇତିହାସ ଓ ଆଗକୁ ଆସୁଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କର ନାମ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ପଣ୍ଡିତ ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଷ୍ୟଗ୍ରାମରେ ସାକ୍ଷରତା ଅଭିଯାନ



**ବାଲେଶ୍ୱର, ୮।୯ (ସମିସ):** ଆଜି ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପୋଷ୍ୟଗ୍ରାମ ମଛୁଆ ସହ ନିକଟସ୍ଥ ସିଙ୍ଗିରି ଓ ସାନକାଳିଆପଦା ଗ୍ରାମଠାରେ ଏହି ଅବସରରେ ବିଭିନ୍ନ ସାକ୍ଷରତା ଓ ଶିକ୍ଷା ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସମାଜକାର୍ଯ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ତଥା ଅଧ୍ୟାପିକା ମାନଙ୍କ ଦ୍ୱାରା - ଗ୍ରାମୀଣ ପରିବାରଗୁଡ଼ିକର ଶିକ୍ଷାଗତ ସ୍ଥିତି ଅନୁଧ୍ୟାନ, ଶିଶୁମାନଙ୍କ ଶିକ୍ଷାରେ ରହିଥିବା ପ୍ରତିବନ୍ଧକ ଚିହ୍ନଟ ଏବଂ ଉପଲବ୍ଧ ଶିକ୍ଷା ସୁଯୋଗ ଓ ସରକାରୀ ସହାୟତା ସମ୍ପର୍କରେ ପରିବାରଗୁଡ଼ିକୁ ସଚେତନ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏବଂ ସମାଜକାର୍ଯ୍ୟ ବିଭାଗର ସଂଯୋଜିକା ଡ଼କ୍ଟର ଗ୍ରେସ୍ ବାହାଲେନ୍ ମୁଣ୍ଡୁଙ୍କ ପ୍ରଚେଷ୍ଟାରେ ଏହି ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଘରକୁ ଘର ଯାଇ ସାକ୍ଷରତା ଓ ଶିକ୍ଷା ସର୍ବେକ୍ଷଣ କରିଥିଲେ। ଏହି ସର୍ବେକ୍ଷଣ ମାଧ୍ୟମରେ ପରିବାରଗୁଡ଼ିକର ସାକ୍ଷରତା ସ୍ଥିତି ଜାଣିବା ସହିତ ବିଦ୍ୟାଳୟ ଛାଡ଼ିଥିବା ଶିଶୁ ଏବଂ ଶିକ୍ଷାରୁ ବିଚ୍ଛିନ୍ନ ହେବାର ଆଶଙ୍କା ଥିବା ଶିଶୁମାନଙ୍କୁ ଚିହ୍ନଟ କରାଯାଇଥିଲା। ପୋଷ୍ୟଗ୍ରାମଗୁଡ଼ିକର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ନିୟମିତ ବିଦ୍ୟାଳୟ ଯିବା ଓ ଶିକ୍ଷା ଜାରି ରଖିବାର ଗୁରୁତ୍ୱ ସମ୍ପର୍କରେ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯିବା ସହିତ ଶିଶୁମାନଙ୍କ ପାଇଁ ଉପଲବ୍ଧ ସରକାରୀ ଶିକ୍ଷା ଯୋଜନା, ସୁବିଧା ଓ କଲ୍ୟାଣମୂଳକ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ସହକାରୀ ଅଧ୍ୟାପିକା ରଶ୍ମିରେଖା ରାଉତ ଓ ଶ୍ରୀମତୀ ସୁପ୍ରିୟା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସମଗ୍ର ଗୋଷ୍ଠୀସମ୍ପର୍କ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ନୀଳଗିରି, ୮।୯ (ସମିସ):** ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ୧୫ ତମ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଆୟୋଜିତ କରାଯାଇଥିଲା। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଶୁଭ ଉଦଘାଟନ କରିଥିବା ବେଳେ ବିଧାୟକ ସନ୍ତୋଷ ଖଟୁଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ମଙ୍ଗଳ ସଂପ୍ରସାରଣ ଅଧିକାରୀ ତଥା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶତପୋଥି ପ୍ରମୁଖ ଉପସ୍ଥିତ ଥିଲେ। ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୨୨୪ ଜଣ ଦିବ୍ୟାଙ୍ଗ ନିଜ ନିଜ ନାମ ପଞ୍ଜୀକରଣ କରିଥିଲେ। ଉକ୍ତ ପଞ୍ଜୀକୃତ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ଉପଖଣ୍ଡ ଏବଂ ଜିଲ୍ଲା ସ୍ତରୀୟ ଦକ୍ଷ, ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ



ଦୃଷ୍ଟିବାଧିତ ବର୍ଗରେ ୪୦ ଜଣ, ମାନସିକ ଅନଗ୍ରସରରେ ୨୧ ଜଣ ଏବଂ ଅନାନ୍ୟରେ ୧୬୩ଜଣ ହିତାଧିକାରୀଙ୍କ ପରୀକ୍ଷା ନିରୀକ୍ଷା କରାଯାଇ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ କରାଯାଇଛି। ଏଥିରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ କିସମର ପ୍ରମାଣ ପତ୍ର, ବାର୍ଷିକ ଆୟ ପ୍ରମାଣ ପତ୍ର, ବସ୍, ରେଳ ରିହାତି ଅନୁମତି ପତ୍ର, ଋଣ ଆବେଦନ ଫର୍ମ, ରେସନ କାର୍ଡ ଯୋଗାଇ ଦେବା ପାଇଁ ସୁବିଧା ଉପଲବ୍ଧ କରାଯାଇଥିଲା। ଏହି ଶିବିରରେ ୧ଜଣ ତିନି ଚକିଆ ସାଇକେଲ, ୧ଜଣ କୁ ହ୍ୱିଲ ଚେୟାର ଏବଂ ୨ ଜଣ ହିତାଧିକାରୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଅଛି।

# ସିପିଏମ୍ ପକ୍ଷରୁ ବାଘାଯତୀନଙ୍କ ସ୍ମୃତିପୀଠ ପରିଦର୍ଶନ

**ବାଲେଶ୍ୱର,୮।୯ (ସମିସ):** ଆଜି ସିପିଆଇଏମର ପଲିଟବ୍ୟୁରୋ ସଭ୍ୟ,ପଶ୍ଚିମବଙ୍ଗ ରାଜ୍ୟ ସମ୍ପାଦକ, ପୂର୍ବତନ ପଶ୍ଚିମବଙ୍ଗ ମନ୍ତ୍ରୀ ଓ ପୂର୍ବତନ ସାଂସଦ ମହମ୍ମଦ ସଲିମ ବାଘାଯତୀନଙ୍କ ସ୍ମୃତି ପୀଠ ପରିଦର୍ଶନ କରିଥିଲେ । ସିପିଆଇଏମ ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶିଶିର ହୁଇ, ବରିଷ୍ଠ ସିପିଆଇଏମ ନେତା ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରେମ ରଞ୍ଜନ ପାତ୍ର, ଯୁବ ନେତା ମଣ୍ଟୁ ନାୟକ, ସୁଦର୍ଶନ ଆଚାର୍ଯ୍ୟ, ଏସ ଏଫ ଆଇ. ନେତା ପ୍ରମଥ ପରମାଣିକ ଏବଂ ଚାଷଖଣ୍ଡ ଗ୍ରାମର ଗ୍ରାମବାସୀ ମହମ୍ମଦ ସଲିମଙ୍କ ସହ ସ୍ମୃତି ପୀଠକୁ ଯିବା ସହିତ ସହିଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ଫୁଲାଡ଼ିଠାରୁ ସ୍ମୃତି ପୀଠ ପର୍ଯ୍ୟନ୍ତ ଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ଦେଖି ପୂର୍ବତନ ସାଂସଦ କ୍ଷୋଭ ପ୍ରକାଶ କରିଥିଲେ ।

## ବିସିଇଟି କଲେଜ ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ପରେ ପୁଲିସର ତନାଘନା

ବାଲେଶ୍ୱର, ୮।୯ (ସମିସ)

ଘରୋଇ ବିସିଇଟି କଲେଜ ହଷ୍ଟେଲରେ ବିଟେକ୍ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା ଏବେ ନୂଆ ମୋଡ଼ ନେଇଛି। ଛାତ୍ରୀଙ୍କ ପରିବାର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିବା ପରେ ଘଟଣାକୁ ନେଇ ସନ୍ଦେହ ଓ ଉତ୍ତେଜନା ଆହୁରି ବଢ଼ିଛି। ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି ରହସ୍ୟ ରହିଛି, ତାହା ଏବେ ପୁଲିସ ତଦନ୍ତର ମୁଖ୍ୟ ପ୍ରସଙ୍ଗ ପାଲଟିଛି।

ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ସ୍ଥିତ ବିସିଇଟି କଲେଜ ହଷ୍ଟେଲରେ ସୋମବାର ରାତି ପ୍ରାୟ ୯ଟା ୪୫ମିନିଟ୍ ସମୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ମୃତ ଛାତ୍ରୀ ହେଲେ ସୋର ଥାନା ଗୋପୀନାଥପୁର ଗାଁର ଭାଗ୍ୟଶ୍ରୀ ରାଉତ। ସେ ବିସିଇଟି କଲେଜରେ ବିଟେକ୍ କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷରେ ପଢୁଥିଲେ। ହଷ୍ଟେଲର ଏକ ରୁମ୍‌ରେ ତାଙ୍କୁ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ଘଟଣା ପ୍ରଘଟ ହୋଇଥିଲା। ଖବର ପ୍ରଚାର ହେବାମାତ୍ରେ ହଷ୍ଟେଲ ପରିସରରେ ଆତଙ୍କ ଖେଳିଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଖନ୍ତାପଡ଼ା ପୁଲିସ ହଷ୍ଟେଲରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲା। ମଙ୍ଗଳବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିବା ଘଟଣାର ଗୁରୁତ୍ୱକୁ ଆହୁରି ବଢ଼ାଇ ଦେଇଛି। ଘଟଣାସ୍ଥଳରୁ ବିଭିନ୍ନ ପ୍ରକାର ତଥ୍ୟ ଓ ସମ୍ଭାବ୍ୟ ପ୍ରମାଣ ସଂଗ୍ରହ କରାଯାଉଥିବା ବେଳେ ପୁଲିସ ମଧ୍ୟ ଘଟଣାର ପ୍ରତ୍ୟେକ ଦିଗକୁ ଯାଞ୍ଚ କରୁଛି। ସବୁଠାରୁ ବଡ଼ କଥା ହେଉଛି, ପରିବାର ଲୋକେ ଆ।ହତ୍ୟା ନୁହେଁ, ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି। ତେଣୁ ଛାତ୍ରୀଙ୍କ ମୃତ୍ୟୁ ପୂର୍ବରୁ କ'ଣ ଘଟିଥିଲା, ସେ କାହା ସହ କଥା ହୋଇଥିଲେ, ତାଙ୍କ ମୋବାଇଲ୍ ଫୋନ୍‌ରେ କ'ଣ ତଥ୍ୟ ରହିଛି, ହଷ୍ଟେଲରେ ତାଙ୍କ ଗତିବିଧି କିପରି ଥିଲା ଏବଂ ମୃତ୍ୟୁ ପୂର୍ବରୁ କୌଣସି ବିବାଦ କିମ୍ବା ଚାପ ଥିଲା କି ନାହିଁଏସବୁ ଦିଗ ଏବେ ତଦନ୍ତର ପରିସରକୁ ଆସିଛି। ଏହି ଘଟଣା ହଷ୍ଟେଲର ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ମଧ୍ୟ କାଠଗଡ଼ାରେ ଠିଆ କରିଛି। ହଷ୍ଟେଲରେ ରାତି ସମୟରେ ଦାୟିତ୍ୱରେ କିଏ ଥିଲେ? ୱାର୍ଡେନ୍ କିମ୍ବା ଦାୟିତ୍ୱରତ କର୍ମଚାରୀ ନିୟମିତ ଭାବେ ଛାତ୍ରୀମାନଙ୍କ ରୁମ୍ ଓ ହଷ୍ଟେଲ ପରିସର ଯାଞ୍ଚ କରୁଥିଲେ କି? ହଷ୍ଟେଲରେ ସିସିଟିଭି କ୍ୟାମେରା କେତେ ସକ୍ରିୟ? ଘଟଣା ପୂର୍ବରୁ ଛାତ୍ରୀଙ୍କ ଗତିବିଧି କ୍ୟାମେରାରେ କଏଦ ହୋଇଛି କି? ଘଟଣା ସମୟରେ ହଷ୍ଟେଲରେ କେଉଁମାନେ ଥିଲେ? ଏସବୁ ପ୍ରଶ୍ନର ଉତ୍ତର ତଦନ୍ତରୁ ମିଳିବା ଏବେ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି। ପୁଲିସ ଛାତ୍ରୀଙ୍କ ସହପାଠୀ, ରୁମ୍‌ମେଟ୍, ହଷ୍ଟେଲ କର୍ତ୍ତୃପକ୍ଷ, ୱାର୍ଡେନ୍ ଓ ଅନ୍ୟ ଛାତ୍ରୀମାନଙ୍କଠାରୁ ତଥ୍ୟ ସଂଗ୍ରହ କରିବା ସହ ଘଟଣାର ଖିଅ ଖୋଜୁଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଷ୍ଟମର୍ଟମ୍ ରିପୋର୍ଟ ଓ ସାଇଣ୍ଟିଫିକ୍ ତଦନ୍ତ ରିପୋର୍ଟ ଆସିଲେ ଘଟଣା ଉପରୁ ପରଦା ଉଠିବ। ପରିବାରର ହତ୍ୟା ଅଭିଯୋଗ ପରେ ତଦନ୍ତକୁ ନିରପେକ୍ଷ ଓ ବୈଜ୍ଞାନିକ ଭାବେ ଆଗକୁ ବଢ଼ାଇ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତଦନ୍ତର ଫଳାଫଳ ପରେ ହିଁ ଭାଗ୍ୟଶ୍ରୀଙ୍କ ମୃତ୍ୟୁ ପଛର ଅସଲ ରହସ୍ୟ ଉପରୁ ପରଦା ହଟିବ।



# ବଜ୍ରପାତରେ ଯୁବକ ମୃତ

**ନୀଳଗିରି, ୮।୯ (ସମିସ):** ସୋମବାର ଅପରାହ୍ନ ସମୟରେ ବିଜୁଳି ମାରିବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ଡାଳିମ୍ବପାଳ ଗ୍ରାମର ରବିନ୍ଦ୍ର ମହାକୁଡଙ୍କ ପୁଅ ଚିତ୍ତରଞ୍ଜନ ମହାକୁଡ ଓରଫ ବାବୁଲି (୪୨) ନିକଟସ୍ଥ ବିଲକୁ ଘାସ କାଟିବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ବିଲରେ ଘାସ କାଟୁଥିବା ସମୟରେ ହଠାତ୍ ବର୍ଷା ଓ ବଜ୍ରପାତ ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ତେବେ ପରିବାରଲୋକ ବାବୁଲି ଫେରିବାରେ ବିଳମ୍ବହେବାରୁ ସନ୍ଧ୍ୟାରେ ବିଲକୁ ଖୋଜିବାପାଇଁ ଯାଇ ବାବୁଲିର ମୃତଦେହ ବିଲରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ବଜ୍ରପାତ ଯୋଗୁଁ ଯୁବକ ଚିତ୍ତରଞ୍ଜନଙ୍କ ଆଖି ସମ୍ପୂର୍ଣ୍ଣ ପୋଡିଯାଇଥିବା ଦେଖିଥିଲେ। ତୁରନ୍ତ ବରହମପୁର ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତଘୋଷଣା କରିଥିଲେ। ତେବେ ଖବର ମଙ୍ଗଳବାର ମୃତ ଚିତ୍ତରଞ୍ଜନଙ୍କ ଶବକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

# ୧୬ ପଞ୍ଚାୟତରୁ ୧୬୪ ସମସ୍ୟା ହସ୍ତଗତ

ରାସଗୋବିନ୍ଦପୁର, ୮।୯(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ରାସଗୋବିନ୍ଦପୁର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନରେଗା କାର୍ଯ୍ୟରେ ସ୍ୱଚ୍ଛତା, ପାରଦର୍ଶିତା ଓ ଜବାବ ଦେହିତା ସୁନିଶ୍ଚିତ କରିବା ସହ ଯୋଜନାର ନିୟମାନୁଯାୟୀ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା ଏହି ଜନଶୁଣାଣି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶିବିରରେ ୧୬ଟି ପଞ୍ଚାୟତରୁ ୧୬୪ଟି ସମସ୍ୟା ହସ୍ତଗତ ହୋଇଥିବା ଜଣାପଡ଼ିଛି।

ରାସଗୋବିନ୍ଦପୁର ବ୍ଲକ ଅଧୀନ ୧୬ଟି ପଞ୍ଚାୟତରେ ହୋଇଥିବା ସାମାଜିକ ସମୀକ୍ଷା ସମୟରେ ଚିହ୍ନଟ ବିଭିନ୍ନ ଅନିୟମିତତା, ପ୍ରକ୍ରିୟାଗତ ତ୍ରୁଟି ଓ ଅଭିଯୋଗ ସମ୍ପର୍କରେ ଜନଶୁଣାଣିରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମୀକ୍ଷାରୁ ମୋଟ ୧୬୪ଟି ସମସ୍ୟା ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଚିହ୍ନଟ ସମସ୍ୟାକୁ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇଛି। ସେଥିମଧ୍ୟରେ ୩୬ଟି ଆର୍ଥିକ ଅନିୟମିତତା, ୪୨ଟି ପ୍ରକ୍ରିୟାଗତ ଉଲ୍ଲଂଘନ ଓ ୪୯ଟି ଅଭିଯୋଗ ରହିଥିବା ଜଣାପଡ଼ିଛି। ଅବଶିଷ୍ଟ ସମସ୍ୟା ଅନ୍ୟାନ୍ୟ ବର୍ଗରେ ଅନ୍ତର୍ଭୁକ୍ତ ଥିବା ସୂଚନା ମିଳିଛି। ସାମାଜିକ ସମୀକ୍ଷା ସମୟରେ ଚିହ୍ନଟ ଆର୍ଥିକ ଅନିୟମିତତା ସମ୍ପର୍କିତ ୬୧, ୪୬୮ ଟଙ୍କା ଅର୍ଥରାଶି ଜିଲ୍ଲାସ୍ତରୀୟ ଜମା ଖାତାରେ ଜମା କରାଯାଇଥିବା ଜଣାପଡ଼ିଛି। ଏହି ଜନଶୁଣାଣିରେ ବିଭିନ୍ନ ପଞ୍ଚାୟତରୁ ଚିହ୍ନଟ ଅଭିଯୋଗ ଓ ସମସ୍ୟାର ତଥ୍ୟ ଉପସ୍ଥାପନ କରାଯିବା ସହ ସେଗୁଡ଼ିକର ନିୟମାନୁଯାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ନେଇ ଆଲୋଚନା ହୋଇଥିଲା। ଶିବିରରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅନୁପମ ପ୍ରକାଶ ବେହେରା, ଡିଏସ୍ଏ ସୀମା ଦାସ,




ସେକ୍ସନ ଅଫିସର ଶିବଶଙ୍କର ପଣ୍ଡା, ବିଏସ୍ଏ ତପସ୍ୱିନୀ ତରେଇ ଓ ଏପିଓ ଦୀପ୍ତି ନାରାୟଣ ପାଣିଗ୍ରାହୀଙ୍କ ସମେତ ବ୍ଲକର ବିଭିନ୍ନ ଅଧିକାରୀ, କର୍ମଚାରୀ ଓ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଜନଶୁଣାଣିରେ ଉପସ୍ଥାପିତ ସମସ୍ତ ଅଭିଯୋଗ ଓ ସମସ୍ୟାକୁ ନିୟମାନୁଯାୟୀ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବା ସହ ମନରେଗା ଯୋଜନାର କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା, ପାରଦର୍ଶିତା ଓ ଜବାବ ଦେହିତା ଅଧିକ ସୁଦୃଢ଼ କରିବାକୁ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ।

## ଜଙ୍ଗଲ ଜମି ପଟ୍ଟା ପାଇଁ ଗ୍ରାମସଭାରେ ହିତାଧିକାରୀଙ୍କ ଆବେଦନ



ବଡ଼ସାହି/ସାନକେରକୋ, ୮।୯(ସମିସ): ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁସାରେ ୨୦୦୫ ଡିସେମ୍ବର ମାସ ପୂର୍ବରୁ ଜଙ୍ଗଲ ଜମିରେ ବସବାସ କରିଆସୁଥିବା ଆଦିବାସୀଙ୍କୁ 'ମୋ ଜଙ୍ଗଲ ଜମି' ଯୋଜନାରେ ପଟ୍ଟା ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ଦୁଃଖର ବିଷୟ ଜଙ୍ଗଲ ଜମି ଅଧିକାର ଆଇନ ପ୍ରଚଳନ ହେବାର ଦୀର୍ଘ ୨୦ ବର୍ଷ ବିତିଯିବା ପରେ ମଧ୍ୟ ବଡ଼ସାହି ବ୍ଲକ ଯଦୁନାଥପୁର ପଞ୍ଚାୟତ ଅନ୍ତର୍ଭୁକ୍ତ ଚନ୍ଦନଚଟୁରି ଗ୍ରାମର ଆଦିବାସୀ ଏହି ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଆବେଦନ କରିବା ସତ୍ତ୍ୱେ ସରକାର ଓ ପ୍ରଶାସନ ଏଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ମଙ୍ଗଳବାର ଚନ୍ଦନଚଟୁରି ଜଙ୍ଗଲ ଜମି ଅଧିକାର କମିଟିର ସଭାପତି ଗଣେଶ୍ୱର ସିଂଙ୍କ ସଭାପତିତ୍ୱରେ ଏକ ଗ୍ରାମସଭା ଆୟୋଜନ କରି ହିତାଧିକାରୀ ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରିଥିଲେ। ଉକ୍ତ ଗ୍ରାମସଭାରେ ଯଦୁନାଥପୁର ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଟୁନି ସିଂ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପକ କୁମାର ସିଂ, ପେସା ଗ୍ରାମସଭା ପ୍ରବର୍ତ୍ତିକା ଶାନ୍ତିଲତା ସିଂ ଉପସ୍ଥିତ ଥିଲେ।

● ବିଶ୍ୱ ଫିଜିଓଥେରାପି ଦିବସ ଉପଲକ୍ଷେ ଚିକିତ୍ସା ଓ ସଚେତନତା ଶିବିର

## ୧୦ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ଓ ୨ ଜଣ ଦୃଷ୍ଟିବାଧିତ ଛାତ୍ରଙ୍କୁ ଲାପଟପ୍ ପ୍ରଦାନ

ବାରିପଦା, ୮।୯(ସମିସ): ବିଶ୍ୱ ଫିଜିଓଥେରାପି ଦିବସ-୨୦୨୬ ଉପଲକ୍ଷେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ବାରିପଦାଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଫିଜିଓଥେରାପି ଚିକିତ୍ସା ଓ ସଚେତନତା ଶିବିର ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୧୦ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ଓ ୨ ଜଣ ଦୃଷ୍ଟିବାଧିତ ଛାତ୍ରଙ୍କୁ ମାଗଣା ଲାପଟପ୍ ପ୍ରଦାନ କରାଯାଇଛି। ଏଥିସହ ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ରୋଗୀ ଶିବିରରେ ଯୋଗଦେଇ ଫିଜିଓଥେରାପି ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଅଧ୍ୟାପକ ଡା ପ୍ରଫେସର ରିତାଞ୍ଜଳି ବେହେରା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା ବିଜୟ କୁମାର ଦାଶ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ, ବରିଷ୍ଠ ନାଗରିକ ସଂଘର ପ୍ରତିନିଧି ଡା ଶ୍ୟାମସୁନ୍ଦର ଦାସ, ଅଭିନବ ଫ୍ୟୁଚରଷ୍ଟିକ୍ ସଂସ୍ଥାର ପରିଚାଳକ ଡା କେ ଗଣେଶନ ଓ ନୋଡାଲ ଅଫିସର ଚନ୍ଦ୍ରଶେଖର ନାୟକ ପ୍ରମୁଖ ଉପସ୍ଥିତ ରହି ଫିଜିଓଥେରାପି ଚିକିତ୍ସାର ଗୁରୁତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ଡା ରାମେଶ୍ୱର ପୁଥାଳ, ଡା ଜୟଶ୍ରୀ ଦାସ ଓ ଡା ସୌମ୍ୟା ବେହେରା ଉପସ୍ଥିତ ରହ ଅଂଶଗ୍ରହଣକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଚିକିତ୍ସା



ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସୁପରିଚାଳନାରେ ଜିଲ୍ଲା ପୁନର୍ବାସ କେନ୍ଦ୍ର ଏବଂ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

## କାପୋଇ ହାଟ ଛକରୁ କାଠ ବୋଝେଇ ପିକ୍ଅପ୍ ଭ୍ୟାନ ଜବତ

ରାସଗୋବିନ୍ଦପୁର, ୮।୯(ସମିସ): ମୟୂରଭଞ୍ଜ ଜିଲ୍ଲାର କାପୋଇ ହାଟ ଛକ ନିକଟରୁ ବନ ବିଭାଗ ପକ୍ଷରୁ ଏକ ପିକ୍ଅପ୍ ଭ୍ୟାନ ସହ ବିପୁଳ ପରିମାଣର କାଠ ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କାପୋଇ ହାଟ ଛକ ନିକଟରେ ଏକ ପିକ୍ଅପ୍ ଭ୍ୟାନରେ ବେଆଇନ ଭାବେ କାଠ ପରିବହନ ହେଉଥିବା ନେଇ ବନ ବିଭାଗ କର୍ମଚାରୀ ଖବର ପାଇଥିଲେ। ପରେ ବନ ବିଭାଗ ଟିମ୍ ଚଢ଼ଉ କରି ଗାଡ଼ିକୁ ଜବତ କରିବା ସହ ଏଥିରେ ଥିବା କାଠ ଜବତ କରିଥିଲେ। ତେବେ ଚଢ଼ଉ ସମୟରେ ଚାଳକ ଓ ଗାଡ଼ି ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଫେରାର ଚାଳକ ଓ ଗାଡ଼ି ମାଲିକଙ୍କୁ ଧରିବା ସହ କାଠ କେଉଁଠାରୁ ଆସିଥିଲା ଓ କେଉଁଠାକୁ ଚାଲାଣ ହେଉଥିଲା, ସେ ନେଇ ତଦନ୍ତ କରାଯାଉଛି। ଏହି ଚଢ଼ଉରେ



ରେଞ୍ଜର ଜ୍ୟୋତିରଞ୍ଜନ ସେନାପତି, ଫରେଷ୍ଟର ଦୀପକ କୁମାର ପାତ୍ର, ଫରେଷ୍ଟ ଗାର୍ଡ ବିନୟ ଦାସ ମହାପାତ୍ର ଓ ଫରେଷ୍ଟ ଗାର୍ଡ ବିଜୟ ଶଙ୍କର ଦାଶ ପ୍ରମୁଖ ସାମିଲ ଥିଲେ।

### ସ୍କୁଲକୁ ଚୋରଙ୍କ ଟାର୍ଗେଟ

## ପୁଣି ଚୋରି ଉଦ୍ୟମ, ବର୍ଷେ ମଧ୍ୟରେ ୫ ଥର ଚୋରି

ବୈଶିଙ୍ଗା, ୮।୯(ସମିସ): ବିଦ୍ୟାଳୟକୁ ଚୋର ବାରମ୍ବାର ଟାର୍ଗେଟ କରୁଛନ୍ତି। ଗୋଟିଏ କି ଦୁଇଥର ନୁହେଁ, ଏକ ବର୍ଷ ମଧ୍ୟରେ ୫ ଥର ଚୋରି ଓ ଚୋରି ଉଦ୍ୟମ ଘଟଣା ସାମ୍ନାକୁ ଆସିବା ପରେ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଦ୍ୟାଳୟରେ ପୁଣି ଚୋରି ଉଦ୍ୟମ ଘଟଣା ଅଭିଭାବକ ଓ ଶିକ୍ଷକ ମହଲରେ ଚିନ୍ତା ବଢ଼ାଇଛି। ଶନିବାର ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟର କମନରୁମ ଓ ଶ୍ରେଣୀଗୃହ ତାଲା ଭାଙ୍ଗି ଭିତରକୁ ପଶିଥିଲେ। କୌଣସି ମୂଲ୍ୟବାନ ସାମଗ୍ରୀ ନେଇ ନ ପାରି ସେଠାରୁ ଚମ୍ପଟ ମାରିଥିଲେ। କିନ୍ତୁ ଚୋରଙ୍କ ଉଦ୍ୟମ ଏତିକିରେ ଥମିନଥିଲା, ଅଫିସ ଗୃହ ତାଲାରେ ଏସିଡ୍ ପକାଇ ତାଲା ଭାଙ୍ଗିବା ସହ କମନରୁମର ତାଲା ଭାଙ୍ଗିବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏଥିରେ ସଫଳ ହୋଇ ନ ଥିଲେ ମଧ୍ୟ ଅନ୍ୟ ଏକ ଗୃହରେ ରଖାଯାଇଥିବା ସିମେଣ୍ଟ ବ୍ୟାଗ ଓ ଲୁହାରଡ୍ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ପ୍ରଧାନ ଶିକ୍ଷୟିତ୍ରୀ ମିତାଲି ନାୟକଙ୍କ ସମେତ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ବିଦ୍ୟାଳୟରେ ପହଞ୍ଚିବା ପରେ ଘଟଣା ସାମ୍ନାକୁ ଆସିଥିଲା। ବିଦ୍ୟାଳୟର ବିଭିନ୍ନ ଗୃହର ତାଲା ଭଙ୍ଗାଯାଇଥିବା ଦେଖି ଶିକ୍ଷକମାନେ ହତବାକ୍ ହୋଇଥିଲେ।

ପୂର୍ବରୁ ଏକାଧିକ ଥର ବିଦ୍ୟାଳୟର ବିଭିନ୍ନ ସାମଗ୍ରୀ, ଛାତ୍ରଛାତ୍ରୀଙ୍କ ଖେଳକୁଦ ସାମଗ୍ରୀ ଓ ଦାମୀ ଫ୍ୟାନ୍ ଚୋରି ହୋଇଛି। ଏ ନେଇ ପୂର୍ବରୁ ଥାନାରେ ଅଭିଯୋଗ ଓ ମାମଲା ହୋଇଥିଲେ ମଧ୍ୟ ଚୋରଙ୍କ ସମ୍ପର୍କରେ ଠୋସ୍ ସୁରାକ୍ ମିଳି ନ ଥିବା ଅଭିଯୋଗ ରହିଛି। ବାରମ୍ବାର ସମାନ ବିଦ୍ୟାଳୟକୁ କାହିଁକି ଟାର୍ଗେଟ କରୁଛନ୍ତି ଦୁର୍ବୃତ୍ତ? ବିଦ୍ୟାଳୟର ଭିତର ସାମଗ୍ରୀ ସମ୍ପର୍କରେ ଚୋରଙ୍କୁ କିଏ ସୂଚନା ଦେଉଛି କି? ଏଭଳି ଅନେକ ପ୍ରଶ୍ନ ଏବେ ସାମ୍ନାକୁ ଆସିଛି। ଘଟଣା ପଛରେ ଏକ ସଂଗଠିତ ଚୋର ଗ୍ୟାଙ୍ଗର ସମ୍ପୃକ୍ତି ରହିଛି କି ନାହିଁ, ତାହା ମଧ୍ୟ ତଦନ୍ତର ପରିସରକୁ ଆସିଛି। ଚୋରି ନେଇ ପ୍ରଧାନଶିକ୍ଷୟିତ୍ରୀ ମିତାଲି ନାୟକ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ନୂଆ କରି ଦାୟିତ୍ୱ ଗ୍ରହଣ କରିଥିବା ଥାନା ଅଧିକାରୀ ବାବାଶଙ୍କର ସରାଫ ଘଟଣାକୁ ଗୁରୁତର ସହ ନେଇ ନିଜେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାରମ୍ବାର ଚୋରି ଘଟଣାକୁ ନେଇ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ସହ ପୁଲିସର ପୂର୍ବ ତଦନ୍ତକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

### ଅବକାରୀ ବିଭାଗର ଚଢ଼ଉ

## ୩୮.୬୧୦ ଲିଟର ନକଲି ବିଦେଶୀ ମଦ ଜବତ, ଜଣେ ଗିରଫ

ସାରସକଣା, ୮।୯(ସମିସ):ସାରସକଣା ବ୍ଲକ ଝାରପୋଖରୀଆ ଥାନା ଅଞ୍ଚଳରେ ନକଲି ଓ ଅପମିଶ୍ରିତ ବିଦେଶୀ ମଦ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଜୋରଦାର କରାଯାଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ମୋବାଇଲ୍ ୟୁନିଟ୍ ଓ ବିଭାଗୀୟ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ଧାଙ୍ଗୁଡ଼ିଶୋଳ ଅଞ୍ଚଳରେ ଚଢ଼ଉ କରାଯାଇ ୩୮.୬୧୦ ଲିଟର ନକଲି ତଥା ଅପମିଶ୍ରିତ ବିଦେଶୀ ମଦ ଜବତ କରାଯାଇଛି। ଏ ଘଟଣାରେ ଧାଙ୍ଗୁଡ଼ିଶୋଳ ଅଞ୍ଚଳର ଭାସ୍କର ଧଳ (୪୫)ଙ୍କୁ ଗିରଫ କରାଯାଇଛି।



ଧାଙ୍ଗୁଡ଼ିଶୋଳ ଅଞ୍ଚଳରେ ନକଲି କିମ୍ବା ଅପମିଶ୍ରିତ ବିଦେଶୀ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ବାରିପଦା ମୋବାଇଲ୍ ୟୁନିଟ୍ର ଅଧିକାରୀ ଓ କର୍ମଚାରୀମାନେ ଉକ୍ତ ଅଞ୍ଚଳରେ ଆଜି ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅବକାରୀ ଟିମ୍କୁ ୩୮.୬୧୦ ଲିଟର ନକଲି/ଅପମିଶ୍ରିତ ବିଦେଶୀ ମଦ ମିଳିଥିଲା। ବିଭାଗ ପକ୍ଷରୁ ଏହି ମଦକୁ ଜବତ କରାଯିବା ସହ ଘଟଣାସ୍ଥଳରୁ ଭାସ୍କର ଧଳଙ୍କୁ କାବୁ କରାଯାଇଥିଲା। ପରେ ତାଙ୍କୁ ଗିରଫ କରି ଆଇନାନୁଯାୟୀ ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତରେ ଅବକାରୀ ଆଇନର ସମ୍ପୃକ୍ତ ଧାରାରେ ମାମଲା ରୁଜୁ ହୋଇଛି। ଜବତ ହୋଇଥିବା ମଦ କେଉଁଠାରୁ ଆସିଥିଲା, ଏହାର ପ୍ରସ୍ତୁତି କିମ୍ବା ଯୋଗାଣ ପଛରେ କାହାର ହାତ ରହିଛି ଓ ଏହି କାରବାର ସହ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି, ସେନେଇ ଅବକାରୀ ବିଭାଗ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ନକଲି ଓ ଅପମିଶ୍ରିତ ମଦ କାରବାର ଉପରେ ଅବକାରୀ ବିଭାଗର ଏହି ଚଢ଼ାଉକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଧରାଯାଉଛି। ତଦନ୍ତ ଆଗକୁ ବଢ଼ିବା ସହ ଏହି କାରବାରର ଚେର କେତେ ଦୂର ପର୍ଯ୍ୟନ୍ତ ଲମ୍ବିଛି ଏବଂ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି, ତାହା ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ରାସଗୋବିନ୍ଦପୁର, ୮।୯(ସମିସ): ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ସୋମବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଝାଟିଅଡା ପଞ୍ଚାୟତ ଅନ୍ତର୍ଗତ ମିର୍ଜାପୁର ଗ୍ରାମର ମଙ୍ଗଲ ବାସ୍କେଙ୍କ ସ୍ତ୍ରୀ ବାସନ୍ତୀ ବାସ୍କେ (୩୬)। ବାସନ୍ତୀ ସୋମବାର ପ୍ରାୟ ଦିନ ୨ଟା ସମୟରେ ବିଲରୁ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ଭାବେ ଆହତ ହୋଇ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ରାସଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ବାସନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। ରାସଗୋବିନ୍ଦପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## 'ଶିକ୍ଷିତ ଜନ, ବିକଶିତ ୱତନ' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ବାରିପଦା, ୮।୯(ସମିସ): ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ଅଧୀନରେ 'ଶିକ୍ଷିତ ଜନ, ବିକଶିତ ୱତନ' ବିଷୟବସ୍ତୁକୁ ନେଇ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ବାରିପଦାସ୍ଥ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ



ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏକାଡେମିକ) ବିନୋଦ ସିଂହ, ବାରିପଦା ବିଇଓ ଅନୁଜା ମାଧୁରୀ ଦାସ ଓ ପୁଲିସ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ସେମିନାରରେ ଜିଲ୍ଲାସ୍ତରୀୟ ବିଚାରକ ଭାବେ ବିଏଡ୍ କଲେଜ୍, ତକତପୁରର ଟିଚର ଏଜୁ୍ୟକେସନ୍ ବିଭାଗର ସହକାରୀ ପ୍ରାଧ୍ୟାପକ ଡ ନାରାୟଣ ପ୍ରସାଦ ବେହେରା, ଡାଏଟ ମୟୂରଭଞ୍ଜର ଶିକ୍ଷକ ପ୍ରଶିକ୍ଷକ କଳ୍ପନା ଚମ୍ପିଆ ଓ ରୂପାଲି ରୋଚନା ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉପସ୍ଥାପନକୁ ମାର୍ଗଦର୍ଶନ କରାଇଥିଲେ। ସେମିନାରର ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବର୍ଗରେ ଛାତ୍ରଛାତ୍ରୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରାଥମିକ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟ-୨, ବାରିପଦାର ରିଷା ଦାସ ପ୍ରଥମ, ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟର ଦେବାଶିଷ ବାରିକ ଦ୍ୱିତୀୟ ଓ କେନ୍ଦ୍ରୀୟ ବିଦ୍ୟାଳୟ-୨ର ଅନନ୍ୟା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମାଧ୍ୟମିକ ବର୍ଗରେ ପୁଲିସ ଉଚ୍ଚବିଦ୍ୟାଳୟ, ଭଞ୍ଜପୁରର ଅଂଶୁମାନ ପଣ୍ଡା ପ୍ରଥମ, ଓଏଭି ରାଣୀଭୋଳର ଭାଗ୍ୟଶ୍ରୀ ଦାସ ଦ୍ୱିତୀୟ ଓ ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଉଷା ଗୋରାଇ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଚ୍ଚମାଧ୍ୟମିକ ବର୍ଗରେ ଏମପିସି ଜୁନିୟର କଲେଜ, ବାରିପଦାର ଆଶିଷ ବେହେରା ପ୍ରଥମ, ଅର୍କଜ୍ୟୋତି ପ୍ରଧାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ବିଜେତା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ସ୍ମାରକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

### ମା' ଅମ୍ବିକା ମହିଳା ମହାମଣ୍ଡଳ ପକ୍ଷରୁ ବିଶ୍ୱ ସାକ୍ଷରତା ଦିବସ

## 'ଶିକ୍ଷା ହିଁ ସମାଜର ପ୍ରଗତିର ମୂଳଦୁଆ'

ବାରିପଦା, ୮।୯(ସମିସ):ମା' ଅମ୍ବିକା ମହିଳା ମହାମଣ୍ଡଳ ଫେଡେରେସନ ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦିକା ସାବିତ୍ରୀ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସାକ୍ଷରତା ଅଭିଯାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ଗ୍ରାମାଞ୍ଚଳ ତଥା ଶିକ୍ଷାରୁ ବଞ୍ଚିତ ବର୍ଗଙ୍କ ନିକଟରେ ଶିକ୍ଷାର ଆଲୋକ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ଜ୍ୟୋତିର୍ମୟୀ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବରେ ରାଜ୍ୟ ମହିଳା ଫୋରମର ସଭାପତି ମମତା ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସାମ୍ବାଦିକ କବି ବିଷ୍ଣୁ ଶତପଥି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଂଗଠକ ବଳାଙ୍ଗୀ ମହୋତ୍ସବ କମିଟି ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ପ୍ରଫେସର କ୍ରିଷ୍ଣା ସାହୁ, ଜନନୀ ପରିବାର ଟ୍ରଷ୍ଟର ଜ୍ୟୋସ୍ନା ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷା ହିଁ ସମାଜର ପ୍ରଗତିର ମୂଳଦୁଆ। ମହିଳାମାନେ ସ୍ୱାକ୍ଷର ଓ ସଶକ୍ତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସଂଗଠନର ଉପସଭାନେତ୍ରୀ ଜୟନ୍ତୀ ମଣି ସି, କୋଷାଧ୍ୟକ୍ଷ ସୋନାଲୀ ରାଉତ, ଜିଲ୍ଲା ସଂଯୋଜିକା ଗୋଲାପୀ ମହାନ୍ତି ପ୍ରମୁଖ ଯୋଗଦେଇ ସାକ୍ଷରତା ଅଭିଯାନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ଉପରେ



ମତ ରଖିଥିଲେ। ଏ ଅବସରରେ ସାମ୍ବାଦିକ ଦୀପକ କୁମାର ନାୟକ, ତରୁଣ କୁମାର ଦାଶ, ସୁଶାନ୍ତ ନାୟକଙ୍କୁ ତାଙ୍କର ସାମ୍ବାଦିକତା ଓ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହ ଫେଡେରେସନର ବିଭିନ୍ନ ବ୍ଲକ ଓ ଗ୍ରାମପଞ୍ଚାୟତ ସଂଯୋଜକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଗଣେଶ ପୂଜା ପାଇଁ ମହୁଲଡିହା ମନ୍ଦିର କମିଟି ପ୍ରସ୍ତୁତି ଜୋରଦାର୍

ମହୁଲଡିହା, ୮।୯ (ସମିସ): ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ପାଇଁ ସ୍କୁଲ, କଲେଜ ଓ କ୍ଲବ ପକ୍ଷରୁ ମୂର୍ତ୍ତି ତିଆରି କାମ ଆରମ୍ଭ ହୋଇଯାଇଛି। ଏ ଅବସରରେ ମହୁଲଡିହାର ବାବା ବିଶ୍ୱେଶ୍ୱର ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଶିବ ମନ୍ଦିର ସମ୍ମୁଖରେ ଶିଳ୍ପୀ ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି। ଏଥିପାଇଁ ମନ୍ଦିର କମିଟିର ୩୦ ଜଣ ସଦସ୍ୟଙ୍କ ପକ୍ଷରୁ ବଜେଟ ଓ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୪ ବର୍ଷ ଧରି ହେବାକୁ ଥିବା ବିଘ୍ନରାଜଙ୍କ ପୂଜା ଚଳିତ ବର୍ଷ ନିଆରା ଢଙ୍ଗରେ ପାଳନ କରିବ କମିଟି। ୨୦୧୨ରୁ ଅଦ୍ୟାବଧି ପୂଜା ପାଇଆସୁଛନ୍ତି ଗିରିଜାନନ୍ଦନ। ଏ ବର୍ଷ ୧୦ ଫୁଟର ମୂର୍ତ୍ତି ଶିଳ୍ପୀ ମାୟାଧର ନାୟକଙ୍କ ଦ୍ୱାରା ନୂଆ ଶୈଳୀରେ ନିର୍ମିତ ହେଉଛି। ପୂଜାର ମୁଖ୍ୟ ଆକର୍ଷଣ ହେବ ସାଜସଜ୍ଜା ଓ ଆଲୋକମାଳା। ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ପୂଜା ଆୟୋଜିତ ହେଉଛି। ବିଗତ ବର୍ଷମାନଙ୍କରେ ଶାନ୍ତିଶୃଙ୍ଖଳାରେ ପୂଜା ହୋଇଥିବାବେଳେ ଚଳିତ ବର୍ଷ ମଧ୍ୟ ଏହା ବଜାୟ ରହିବ ବୋଲି ସଭାପତି ସୂଚନା ଦେଇଛନ୍ତି। ୧୫ ତାରିଖ ସନ୍ଧ୍ୟାରେ ପ୍ରବଚକ ପ୍ରହ୍ଲାଦ ପଣ୍ଡାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରହିଛି। ୧୬ ଓ ୧୭ ତାରିଖ ଗଣେଶ ପୂଜା ଉପଲକ୍ଷେ ମୟୂରୀ ଗଣନାଟ୍ୟ ହାଟ ପଡ଼ିଆରେ ଯାତ୍ରା ପରିବେଷଣ କରିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ରାଘବପୁର ଉପ୍ରା ବିଦ୍ୟାଳୟରେ ଅବ୍ୟବସ୍ଥା

## ନିଶା ଖାଇ ରୋଷେୟା ଚେତାଶୂନ୍ୟ, ବିପଦରେ ଛାତ୍ରଛାତ୍ରୀଙ୍କ ଜୀବନ

ରାସଗୋବିନ୍ଦପୁର, ୮।୯(ସମିସ): ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ସୁସ୍ଥ ପରିବେଶରେ ଶିକ୍ଷାଦାନ ସହ ମଧ୍ୟାହ୍ନଭୋଜନ ଯୋଗାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ତେବେ ରାଘବପୁର ସରକାରୀ ଉପ୍ରା ବିଦ୍ୟାଳୟରେ ବିପରୀତ ଚିତ୍ର ସାମ୍ନାକୁ ଆସିଛି। ବିଦ୍ୟାଳୟରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ଦେବିଲାଲ ହେମ୍ବ୍ରମ ନିୟମିତ ସଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିବା ଅଭିଯୋଗ ରହିଛି। ଏପରିକି ସେ ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟ ପରିସରରେ ଚେତା ହରାଇ ପଡ଼ିରହୁଥିବା ଅଭିଯୋଗ ମଧ୍ୟ ହୋଇଛି। ଛାତ୍ରଛାତ୍ରୀ ଡାକି ଡାକି ଉଠାଇ ପାରୁ ନ ଥିବା ଓ ଶେଷରେ ନିଜେ ରୋଷେଇ କରି ଖାଉଥିବା ଭଳି ଅଭିଯୋଗ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ପାଢ଼ୀ ଏ ନେଇ ରୋଷେୟାଙ୍କୁ ବାରମ୍ବାର ତାଗିଦ କରିବା ଓ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି। ତଥାପି ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦମନ ଟୁଡୁ ବାରମ୍ବାର ତାଗିଦ



କରିବା ସତ୍ତ୍ୱେ ରୋଷେୟା ଏହାକୁ ବେଖାତିର କରି ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି, ଏଭଳି ପରିସ୍ଥିତିରେ କାକବନ୍ଧ ଆଶ୍ରମ ସ୍କୁଲ ଘଟଣାର ପୁନରାବୃତ୍ତି ନ ହେବ, ତାହାକୁ ଏଡାଇ ଦିଆଯାଇନପାରେ। ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ମଧ୍ୟାହ୍ନଭୋଜନ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଏ ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୃଢ଼ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ରହିଛି। ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ବଢୁଥିବାବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦାୟିତ୍ୱହୀନ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଆଇନସମ୍ମତ ଓ ପ୍ରଶାସନିକ ପଦକ୍ଷେପ ନେବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ କୌଣସି ଅଘଟଣ ଘଟିଲେ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି। ଏବେ ନିଜ ଭାଗ୍ୟକୁ ଆଦରି ଭଗବାନଙ୍କ ଉପରେ ଭରସା ରଖି ପିଲାମାନେ ପଢୁଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ମହଲରେ ଅଭିଯୋଗ ହୋଇଛି।

# ରକ୍ତ ପରୀକ୍ଷା ରିପୋର୍ଟରେ ଅସଙ୍ଗତି: ଦାୟିତ୍ୱ ନେବ କିଏ?

ଚମ୍ପୁଆ:, ୮।୯ (ସମିସ)




ରୋଗ ନିରୂପଣରେ ରକ୍ତ ପରୀକ୍ଷା ରିପୋର୍ଟର ଗୁରୁତ୍ୱ ଅତ୍ୟଧିକ। ଡାକ୍ତରଙ୍କ ଚିକିତ୍ସା ଓ ପରବର୍ତ୍ତୀ ନିଷ୍ପତ୍ତି ଅନେକ ସମୟରେ ଏହି ରିପୋର୍ଟ ଉପରେ ନିର୍ଭର କରେ। ତେବେ ଏକେ ରୋଗୀଙ୍କ ପରୀକ୍ଷା ରିପୋର୍ଟରେ ସରକାରୀ ଚିକିତ୍ସାଳୟ ଓ ଘରୋଇ ଲ୍ୟାବ୍ ମଧ୍ୟରେ ତାରତମ୍ୟ ଥିବା ଅଭିଯୋଗ ଏବେ ଚମ୍ପୁଆରେ ସ୍ୱାସ୍ଥ୍ୟ ବିଭାଗର ଗୁଣବତ୍ତା ଓ ନିରୀକ୍ଷଣ ବ୍ୟବସ୍ଥାକୁ ପ୍ରଶ୍ନରେ ପକାଇଛି। ଚମ୍ପୁଆ ଏନ୍ଏସିର ୧୦ ନମ୍ବର ୱାର୍ଡର ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ କିଡ୍‌ନୀ ସମ୍ବନ୍ଧୀୟ ପରୀକ୍ଷା ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ୟୁରିଆ ଓ କ୍ରିଏଟିନିନ୍ ପରୀକ୍ଷା କରାଇଥିଲେ। ତାଙ୍କୁ ମିଳିଥିବା ରିପୋର୍ଟରେ ୟୁରିଆ ୬୯ ଏବଂ କ୍ରିଏଟିନିନ୍ ୪.୦ ଆସିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପରିବାର ଚିନ୍ତିତ ହୋଇପଡ଼ିଥିଲା। ସନ୍ଦେହ ଦୂର କରିବା ପାଇଁ ସେ ୪ଦିନ ପରେ ଦୁଇଟି ଘରୋଇ ଲ୍ୟାବ୍‌ରେ ପୁନର୍ବାର ସମାନ ପରୀକ୍ଷା କରାଇଥିଲେ।

**ତଦନ୍ତ ଦାବି**

ତାଙ୍କ କହିବାନୁସାରେ, ଘରୋଇ ଲ୍ୟାବ୍‌ର ରିପୋର୍ଟରେ ଫଳାଫଳ ସ୍ୱାଭାବିକ ଆସିଥିଲା। ଏହି ଦୁଇ ପ୍ରକାର ରିପୋର୍ଟ ମଧ୍ୟରେ ତାରତମ୍ୟ ଦେଖାଯିବା ପରେ ପରିବାର ଲୋକେ କେଉଁ ରିପୋର୍ଟକୁ ଭରସା କରିବେ, ତାହା ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଘଟଣାଟି କେବଳ ଜଣେ ରୋଗୀଙ୍କ ଅଭିଯୋଗ ଭାବେ ଏଡ଼ାଇ ଦେବା ଉଚିତ ନୁହେଁ। ଯଦି ପରୀକ୍ଷା ରିପୋର୍ଟରେ ପ୍ରକୃତରେ ତ୍ରୁଟି ଥାଏ, ତେବେ ଏହାର କାରଣ ଖୋଜିବା ଓ ଦାୟିତ୍ୱ ନିର୍ଦ୍ଧାରଣ କରିବା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ। ନମୁନା ସଂଗ୍ରହଠାରୁ ଆରମ୍ଭ କରି ଲ୍ୟାବ୍‌ର ଯନ୍ତ୍ରପାତି, ପରୀକ୍ଷା ପ୍ରକ୍ରିୟା ଓ ରିପୋର୍ଟ ପ୍ରସ୍ତୁତି ପର୍ଯ୍ୟନ୍ତ ସବୁକିଛି ଯାଞ୍ଚ ହେବା ଆବଶ୍ୟକ। ଅନ୍ୟପକ୍ଷରେ ଅଭିଯୋଗକାରୀ ଘଟଣାଟିକୁ ଚମ୍ପୁଆ ଏସ୍‌ଡିଏମ୍‌ଓଙ୍କ ନଜରକୁ ଆଣିଥିବା ଜଣାପଡ଼ିଛି। ରୋଗୀଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ରିପୋର୍ଟରେ ସାମାନ୍ୟ ଅବହେଳା ମଧ୍ୟ ଗୁରୁତର ପରିଣାମ ଆଣିପାରେ। ତେଣୁ ଘଟଣାର ନିରପେକ୍ଷ ଯାଞ୍ଚ କରି ରିପୋର୍ଟରେ କାହିଁକି ଏଭଳି ଅସଙ୍ଗତି ଦେଖାଦେଲା, ତାହା ସ୍ପଷ୍ଟ କରିବା ସହ ଭବିଷ୍ୟତରେ ଏଭଳି ଅଭିଯୋଗ ଯେପରି ନ ଆସେ, ସେଥିପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଅଧୀକ୍ଷକ ଡାକ୍ତର ବି.କେ.ଦାସ କହିଥିଲେ କି ଯେ ପାଥୋଲାବ ଡାକ୍ତର କାଲି ଆସିଲେ ଏକ ତଦନ୍ତ କରାଯିବ।

## ୬୯ ଜଣଙ୍କୁ ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ

ମହୁଲଡିହା,୮।୯(ସମିସ): ଠାକୁରମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବ୍ଲକ ଅଧୀନସ୍ଥ ସାଲେଇବେଡା ପଞ୍ଚାୟତର ଖପରାଖାଇ ଗ୍ରାମର ୩୫ ଓ କାଶୀବେଡା ଗ୍ରାମର ୩୪ ଜଣଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଶିରୋନାମା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ସୁମିତ କର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟେଶ୍ୱର ବେହେରା, ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଓ ପ୍ରଫୁଲ୍ଲ କୁମାର ମହାନ୍ତ ଯୋଗ ଦେଇଥିଲେ। ମହେନ୍ଦ୍ର ମହାନ୍ତ ଓ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଓ ଜୀବନରକ୍ଷା ପ୍ରଶିକ୍ଷଣ

କେନ୍ଦୁଝର, ୮।୯(ସମିସ): ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ଜରୁରିକାଳୀନ ପରିସ୍ଥିତିର ସଫଳ ମୁକାବିଲା ଦିଗରେ ସ୍ଥାନୀୟ ଲୋକଙ୍କ କ୍ଷମତା ବୃଦ୍ଧି କରିବା ନିମନ୍ତେ ମଙ୍ଗଳବାର ହାଟଡିହି ବ୍ଲକର ହାବଲେଶ୍ୱର ବନ୍ୟା ଆଶ୍ରୟସ୍ଥଳୀଠାରେ ଏକ ବିପର୍ଯ୍ୟୟ ସୁରକ୍ଷା ଓ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ ୩ୟ ବାହିନୀ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଡେପୁଟି କମାଣ୍ଡାଣ୍ଟ ଲିଟନ ବିଶ୍ୱାସ ଏବଂ ଟିମ୍ କମାଣ୍ଡର ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏନଡିଆରଏଫର ୧୧ ଜଣ ପ୍ରଶିକ୍ଷିତ ଉଦ୍ଧାରକାରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏହି ଅଞ୍ଚଳ ବନ୍ୟା ଏବଂ ପ୍ରତିକୂଳ ପାଣିପାଗ ଯୋଗୁଁ ବିପଦସଙ୍କୁଳ ଥିବାରୁ, ଜଳ ଉଦ୍ଧାର କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

**CUTTACK CLUB**

Regd.Office: At-Barabati Fort, Near Barabati Stadium, Cuttack-753001, Odisha
Phone:0671-2301041, 7978267650; CIN-U91990OR1949NPL000181
Website- www.cuttackclub.com, Email: info@cuttackclub.com

**Information to Members of the Cuttack Club**
**Pursuant to Rule 20(4)(v) of Companies (Management and Administration) Amendment Rules, 2015 for the 77th Annual General Meeting of Cuttack Club on Sunday, 27th Day of September, 2026 at 10.00 A.M.**

Notice is hereby given that 77th ANNUAL GENERAL MEETING ('AGM") will be convened at the Centenary Hall (Annexe-1) of Cuttack Club, Barabati Fort, Near Barabati Stadium, Cuttack-753001, Odisha on Sunday, 27th Day of September, 2026 at 10.00 A.M. Members are requested to note the following:

1) Notice, Agenda and eligibility criteria & Rules for Resolutions of the AGM which have been sent through email to the registered e-mail id including whatsapp of the Members of the Club and also posted on the Notice Board of the Club and also uploaded on the website of the Club: www.cuttackclub.com
2) In accordance with the applicable provisions of the Companies Act, 2013, read with Companies (Management and Administration) Rules, 2014 (the Rules) including any amendments thereto, the Company is pleased to provide facility to its Members, to cast their vote electronically for all the Resolutions proposed at the 76th Annual General Meeting of the Company.
3) The Company has appointed National Securities Depository Limited (NSDL) to provide E-Voting facility to the Members.
4) Business shall be transacted through Remote Voting by Electronic Means (E-voting) under the Bipartite Agreement with National Securities Depository Limited (NSDL) and Physical voting also.
5) The remote e-voting period commences at 09:00 Hrs (IST) on 26.09.2026 (Saturday) and closes at 17:00 Hrs (IST) on 26.09.2026 (Saturday). NSDL will send User Id and password at your registered email Id.
6) Remote e-voting shall not be allowed beyond the said date and time.
7) Physical Voting will be on 27.09.2026(Sunday) at Club Premises from 12.00 Noon to 03.00PM. The Members who have cast their vote by remote evoting prior to the meeting may also attend the meeting but shall not be entitled to cast their vote again.
8) Remote e-voting User Id and Password with Instructions shall be received by the Members directly by an email/SMS from NSDL provided the Member has registered with updated email id and mobile number up to the notified cut off date of 31st August, 2026(for contesting candidates) and 31st July,2026(for Members-Voters), failing which, if any inconvenience is caused by Members in e-voting process of AGM, the Club shall not be held responsible.
9) Once you receive email from NSDL, please visit NSDL website and open the web browser by typing the following URL- https://www.evoting.nsdl.com. Then go to home page and click on "login" which is available under Shareholder/Member section. The system will prompt you enter your user id. Insert the User ID received in E-mail/SMS and proceed as follows with Password option only as provided by NSDL to your registered email ID.
10) After successful login, at the home page of e-voting you will be able to see EVEN. Select "EVEN" to cast the vote. Now you are ready for e-Voting as the Voting page opens. Cast your vote by selecting appropriate options for which you wish to cast your vote and click on "Submit and also "confirm" when prompted. Upon confirmation, the message "Vote cast successfully" will be displayed.
11) Once you confirm your vote on the resolution, you will not be allowed to modify your vote.
12) In case you face any problems/experience any difficulty please feel free to contact 022 - 4886 7000 and 022 - 2499 7000 or contact on email id - evoting@nsdl.co.in

For and on behalf of Cuttack Club
Suvendu Mohan Patnaik
Honorary Secretary cum Director
DIN: 02407792

## ଏମକେସିଜିରୁ ନିଖୋଜ ଡାକ୍ତରୀ ଛାତ୍ର ତିରିଂରୁ ଉଦ୍ଧାର



ବାରିପଦା/ରାଇରଙ୍ଗପୁର,୮।୯(ସମିସ): ବ୍ରହ୍ମପୁର ଏମକେସିଜି ମେଡିକାଲରୁ ନିଖୋଜ ଥିବା ଛାତ୍ରକୁ ତିରିଂ ପୁଲିସ ଉଦ୍ଧାର କରିଛି। ଛାତ୍ର ଜଣକ ହେଲେ ଯାଜପୁର ଜିଲ୍ଲା କୁଆଁଖିଆ ଥାନା ଅଞ୍ଚଳର ସାଗର ସାହୁ। ଏ ନେଇ କୁଆଖିଆ ପୁଲିସକୁ ଜଣାଇବା ପରେ ଏକ ଟିମ ତିରିଂ ଅଭିମୁଖେ ଆସିଥିବା ଜଣାପଡିଛି। ତେବେ ଛାତ୍ର ଜଣକ ୩୧ ତାରିଖରୁ ନିଖୋଜ ଥିଲେ। ମଙ୍ଗଳବାର ଝାଡଖଣ୍ଡ ରାଜ୍ୟରୁ ଆସୁଥିବା ଏକ ବସ୍‌ରେ ଛାତ୍ର ଜଣକ କଣ୍ଡକ୍ଟର ମୋବାଇଲରୁ ଘର ଲୋକଙ୍କୁ ଫୋନ କରିଥିଲେ। ଘର ଲୋକେ କୁଆଖିଆ ପୁଲିସକୁ ସୂଚନା ଦେବା ପରେ ତିରିଂ ପୁଲିସ ପହଞ୍ଚି ବସ୍‌ରୁ ଛାତ୍ରଙ୍କୁ ଉଦ୍ଧାର କରିଛି। ତେବେ ଛାତ୍ର ଜଣକ ଦୀର୍ଘ ୮ଦିନ ଧରି କେଉଁଠାରେ ଥିଲେ ଓ ସେ କିପରି ଏଠାରେ ପହଞ୍ଚିଲେ, ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

■ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଘଟଣା

## ଲୁଇପା କଲେଜରେ ତଦନ୍ତକାରୀ ଟିମ୍

ଉଦଳା, ୮।୯ (ସମିସ): ଲୁଇପା କଲେଜ ଅଧ୍ୟକ୍ଷ କଲେଜରେ ବିଭିନ୍ନ ଗୃହ ନିର୍ମାଣ ସହିତ ଅନ୍ୟ ଉନ୍ନୟନ ପାଇଁ ଆସିଥିବା ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଛନ୍ତି। କଲେଜ ଆକାଉଣ୍ଟକୁ ଆସିଥିବା ଟଙ୍କା ବେଆଇନ ଭାବେ ଉଠାଇ ତାହାକୁ ଖର୍ଚ୍ଚ କରାଯାଇଥିବାବେଳେ କଲେଜ ଉନ୍ନୟନ କ୍ଷେତ୍ରରେ କୌଣସି ଅର୍ଥ ବିନିଯୋଗ କରାଯାଇନାହିଁ। ଏହାବ୍ୟତୀତ କଲେଜ ଅର୍ଥ ଆତ୍ମସାତ କରି ଅଧ୍ୟକ୍ଷ ଗୌରାଙ୍ଗ ମହାପାତ୍ର ନିଜର ସ୍ଥାବର ଅସ୍ଥାବର ସମ୍ପତ୍ତି ବୃଦ୍ଧି କରିଥିବା ନେଇ କଲେଜର ଅନ୍ୟ ଅଧ୍ୟାପକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ। ଯାହାକୁ ନେଇ ଆଜି ଆଞ୍ଚଳିକ ଶିକ୍ଷା ଉପନିର୍ଦ୍ଦେଶକ କଲେଜରେ ପହଞ୍ଚି ସମସ୍ତ ଅଭିଯୋଗ ଉପରେ ତଦନ୍ତ କରିଥିବାବେଳେ ଦସ୍ତାବିଜ ଯାଞ୍ଚ କରିଛନ୍ତି। ଏଥିସହିତ ଅଭିଯୋଗ ଆସିଥିବା ସମସ୍ତ ଦସ୍ତାବିଜ ଏଜି ଅଡିଟ ପାଇଁ ଦାଖଲ ହୋଇଥିବା ଓ ଉକ୍ତ ଦସ୍ତାବିଜ ଆସିବା ପରେ ଦୁର୍ନୀତି ଜଣାପଡିବ ବୋଲି ଆଞ୍ଚଳିକ ଶିକ୍ଷା ଉପନିର୍ଦ୍ଦେଶକ କହିଛନ୍ତି। ଅନ୍ୟପକ୍ଷରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କଲେଜର କେତେଜଣ ଅଧ୍ୟାପକ ତାଙ୍କୁ ବ୍ଲାକମେଲ କରୁଥିବା ଅଧ୍ୟାପକ କହିଛନ୍ତି।

## ବଜ୍ରପାତରେ ଜଣେ ମୃତ

କୁଳିଅଣା, ୮।୯(ସମିସ): କୁଳିଅଣା ଥାନା ଅନ୍ତର୍ଗତ ଭାଲୁକି ପେଟ୍ରୋଲ ପମ୍ପ ନିକଟରେ ଆଜି ଅପରାହ୍ଣରେ ବଜ୍ରପାତରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଆଜି ଦିନ ୨.୩୦ ମିନିଟ ସମୟରେ ସନ୍ତୋଷ ମହାନ୍ତ (୫୩) ଓ ହିମାଂଶୁ ମହାନ୍ତ (୫୦) ପେଟ୍ରୋଲ ପମ୍ପ ନିକଟରେ ଗୋରୁ ଚରାଉଥିବାବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ସନ୍ତୋଷଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ହିମାଂଶୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଯାଇଥିଲା। କୁଳିଅଣା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ନିଖୋଜ ନାବାଳିକା ଉଦ୍ଧାର; ଯୁବକ ଗିରଫ

ଯୋଡ଼ା, ୮।୯(ସମିସ): ଯୋଡ଼ା ଥାନା ପୁଲିସ ପୋକ୍‌ସୋ ଆଇନ ଅଧୀନରେ ଏକ ମାମଲା ରୁଜୁ କରି ନିଖୋଜ ଥିବା ଜଣେ ନାବାଳିକାକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ନାବାଳିକାକୁ ଯୋଡ଼ା ନିକଟବର୍ତ୍ତୀ ଝାରଖଣ୍ଡ ରାଜ୍ୟର ନୂଆମୁଣ୍ଡିଠାରୁ ଉଦ୍ଧାର କରାଯାଇ ବୟାନ ରେକର୍ଡ କରାଯାଇଛି। ସେ ଜଣେ ଯୁବକଙ୍କ ସହ ଚାଲିଯାଇଥିବା ଏବଂ ବର୍ତ୍ତମାନ ସେ ଗର୍ଭବତୀ ଥିବା ନେଇ ପ୍ରକାଶ କରିଥିବା ପୁଲିସ ସୂଚନା ଦେଇଛି। ତଦନ୍ତ ଆଧାରରେ ପୁଲିସ ଅଭିଯୁକ୍ତ ଯୁବକ ବାବାଜୀ ଗୋପକୁ ଗିରଫ କରିଛି।

## ତ୍ରିପୁରା ଜାଇକା ଟିମ୍‌ଙ୍କ କରଞ୍ଜିଆ ବନଖଣ୍ଡ ଓଏଫଏସଡିପି ପରିଦର୍ଶନ



ମହୁଲଡିହା,୮।୯(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ କେନ୍ଦୁମୁଣ୍ଡିସ୍ଥ ପାଞ୍ଚପୀଢ ମଲ୍ଟି ପ୍ରଡକ୍ଟସ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡକୁ ତ୍ରିପୁରାରୁ ଆସିଥିବା ଜାଇକା ଟିମ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ କ୍ଷେତ୍ର ପରିଦର୍ଶନ ସମୟରେ ତ୍ରିପୁରା ଜାଇକା ଟିମ୍ କମ୍ପାନୀର ବୋର୍ଡ ମେମ୍ବର ଓ ଏସଏଚଜି ମହିଳାଙ୍କ ସହିତ ଆଲୋଚନା କରିଥିଲେ। କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା ବିଭିନ୍ନ ବନଜାତ ସାମଗ୍ରୀ ବିଷୟରେ ବୁଝିବା ସହ କିଛି ପ୍ରଡକ୍ଟ ମଧ୍ୟ କ୍ରୟ କରିଥିଲେ। ସେହିପରି ବନଖଣ୍ଡ ଅନ୍ତର୍ଗତ ଦୁଧିଆଣି ରେଞ୍ଜ ସଲରାପଦା ବନ ସୁରକ୍ଷା ସମିତି, କରଞ୍ଜିଆ ରେଞ୍ଜ ଅନ୍ତର୍ଗତ କେନ୍ଦୁଝରେ ବନ ସୁରକ୍ଷା ସମିତିରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରି ବେଶ ସନ୍ତୋଷ ପ୍ରକାଶ କରିଥିଲେ। ଟିମରେ ଆଇଏଫଏସ ଅଧିକାରୀ ଅତନୁ ଚକ୍ରବର୍ତ୍ତୀ, ସଂଗୀତା ଆବା ଖଟାଲ, ତ୍ରିପୁରା ଫୋରେଷ୍ଟ ସର୍ଭିସ ଅଧିକାରୀ ଅବିନାଶ ଭୀଲ, ଡିରେନ କଲାଇ, ରାକେଶ ଦାସ ଓ ୯ ଜଣ ରେଞ୍ଜ ଅଫିସର ସାମିଲ ଥିଲେ। ଏ ଅବସରରେ କରଞ୍ଜିଆ ଡିଏଫଓ ଅଜୟ ସାହୁ, ଏସିଏଫ୍ ଓଁକାର ଦାସ, ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା, ଏସଏମଏସ ନିଶିକାନ୍ତ ଜେନା, ସରୋଜ ସାହୁ, ଫରେଷ୍ଟର ଓ ବନ ବିଭାଗ କର୍ମଚାରୀ ଟିମ ସଦସ୍ୟଙ୍କୁ ପ୍ରକଳ୍ପର ସଫଳତା ସମ୍ପର୍କରେ ଅବଗତ କରିଥିଲେ। ଓଡିଶା ଫରେଷ୍ଟ୍ରି ସେକ୍ଟର ଡେଭଲପମେଣ୍ଟ ପ୍ରୋଜେକ୍ଟ ଅଧୀନରେ କେନ୍ଦୁମୁଣ୍ଡି କ୍ଲଷ୍ଟର ସଫଳତାର ସହ କାର୍ଯ୍ୟ କରୁଥିବାରୁ ଟିମ୍ ସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କୁ ବହୁକିଛି ଶିଖିବାକୁ ମିଳିଛି, ଯାହା ସେମାନେ ତ୍ରିପୁରାରେ ପ୍ରକଳ୍ପ ପରିଚାଳନାରେ ଉପଯୋଗ କରିବେ ବୋଲି ମତ ରଖିଥିଲେ।

## ଭୁଶୁଡ଼ିଲା ବିଦ୍ୟାଳୟ ଛାତ, ଅନ୍ୟଟି ବିପଦସଙ୍କୁଳ





କୁଆମରା ୮।୯(ସମିସ): ଗୋପବନ୍ଧୁନଗର ବ୍ଲକର ୧୫/୨୦ ବର୍ଷ ତଳେ ନିର୍ମିତ ବିଦ୍ୟାଳୟ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ପୁରୁଣା ବିଦ୍ୟାଳୟର କେଉଁଠି କାନ୍ଥ ଫାଟିଛି ତ କେଉଁଠି ଛାତ ଦୁର୍ବଳ ଅବସ୍ଥାରେ ରହିଛି। ଆଉ କେତେକ ସ୍ଥାନରେ ଛାତରୁ କଂକ୍ରିଟ ଖଣ୍ଡ ଖସିବାରେ ଲାଗିଛି। ତିନିଦିନ ତଳେ ମୁଖ୍ୟ ରାସ୍ତା ପାଶ୍ୱର୍ ଚିଲିମା ଛକରେ ନିର୍ମିତ ବିଦ୍ୟାଳୟର ଛାତ ରାତିରେ ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ସେହିପରି କୁଆମରା ଡାକବଙ୍ଗଳା ଛକରେ ଥିବା ବିଦ୍ୟାଳୟ ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଛାତ ତଳେ ରଡ୍ ଦେଖାଯାଉଥିବାବେଳେ ସ୍ଥାନେ ସ୍ଥାନେ ଦବିଯାଇଛି। କେତେବେଳେ ଭୁଶୁଡି ପଡିବ ତାହା କିଏ କହିବ। ତେବେ ଏହି ବିଦ୍ୟାଳୟରେ ସକାଳରୁ ରାତି ପର୍ଯ୍ୟନ୍ତ ଲୋକେ ଜମା ହୋଇଥିବା ଦେଖିବାକୁ ମିଳିଥାଏ। ବସ୍‌ରେ ଯିବାକୁ ଏଠାରେ କୁଆମରା, ଚିଲିମା, ଆଗରପଡା, ସିକିଡିଆ ପ୍ରଭୃତି ଗ୍ରାମର ଲୋକେ ଅପେକ୍ଷା କରିଥା'ନ୍ତି। ବର୍ଷା ସମୟରେ ମଧ୍ୟ ପଥଚାରୀ ଆଶ୍ରୟ ନେଇଥା'ନ୍ତି। ଏଣୁ ଏହି ବିଦ୍ୟାଳୟ ସାଧାରଣ ଲୋକଙ୍କ ପାଇଁ ବିପଦ ସାଜିଛି। ତେବେ କିଛି ଅଘଟଣ ଘଟିବା ପୂର୍ବରୁ ବିପଦପୂର୍ଣ୍ଣ ବିଦ୍ୟାଳୟକୁ ଭାଙ୍ଗି ନୂତନ ବିଦ୍ୟାଳୟ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ତାଲାବନ୍ଦ ଘରରୁ ଚୋରି

ବୈଶିଙ୍ଗା, ୮।୯ (ସମିସ): ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମରେ ଘରେ କେହି ନ ଥିବା ସୁଯୋଗ ନେଇ ତାଲାବନ୍ଦ ଘରେ ପଶି ଚୋରି କରିଛନ୍ତି ଦୁର୍ବୃତ୍ତ। କଳମା ଗ୍ରାମର କୌଶିକ ବ୍ରହ୍ମପୁରରେ ଚାକିରି କରି ପରିବାର ସହ ସେଠାରେ ରହୁଛନ୍ତି। ଫଳରେ ଗାଁରେ ଥିବା ତାଙ୍କ ଘରେ ନିୟମିତ ତାଲା ପଡ଼ି ରହୁଥିଲା। ଏହାର ସୁଯୋଗ ନେଇ ଚୋରମାନେ ଘରକୁ ଟାର୍ଗେଟ କରିଥିବା ଅଭିଯୋଗ ହୋଇଛି। ଗତକାଲି ଅପରାହ୍ଣରେ ପଡ଼ୋଶୀ ଶଶୀଧର ସାମନ୍ତ ଘରର ଗେଟ୍ ଖୋଲାଥିବା ଦେଖି କୌଶିକଙ୍କୁ ଫୋନ୍ କରି ଜଣାଇଥିଲେ। କୌଶିକଙ୍କ ଅନୁରୋଧରେ ଶଶୀଧର ଘର ଭିତରକୁ ଯାଇ ଯାଞ୍ଚ କରିବାରୁ ମୁଖ୍ୟ ଦ୍ୱାର ସମେତ ଭିତର ଘର ଓ ଗଡ଼ରେଜ୍‌ର ତାଲା ଭଙ୍ଗାଥିବା ଦେଖିଥିଲେ। ଘରେ ଥିବା ବିଭିନ୍ନ ସାମଗ୍ରୀ ଏଣେତେଣେ ପଡ଼ିଥିବା ଜଣାପଡ଼ିଥିଲା। ପରେ ଭିଡିଓ କଲ୍ ମାଧ୍ୟମରେ ଘରର ଅବସ୍ଥା ଦେଖି କୌଶିକ ବ୍ରହ୍ମପୁରରୁ ବାହାରି ରାତି ପ୍ରାୟ ୧ଟାରେ କଳମାରେ ପହଞ୍ଚିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଘରୁ ଆସବାବପତ୍ର ସହ ସୁନାରୂପା ଅଳଙ୍କାର ଓ ପ୍ରାୟ ୨୦ ହଜାର ଟଙ୍କା ଚୋରି ହୋଇଛି। ଏନେଇ କୌଶିକ ଆଜି ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ନୂତନ ଥାନାଧିକାରୀଙ୍କ ଯୋଗଦାନ





ତେଲକୋଇ, ୮।୯(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାରେ ନୂତନ ଥାନାଧିକାରୀ ଭାବେ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଲାକ୍ରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ ଲାକ୍ରା ଆଜି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ତେଲକୋଇ ଥାନାକୁ ଆସି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାସ୍ଥିତ ଉଦିତ ନଗର ଥାନାରେ କାର୍ଯ୍ୟରତ ଥିଲେ। ତେଲକୋଇ ଥାନାଞ୍ଚଳରେ ବେଆଇନ ମଦ କାରବାର ବହୁଳ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ସଚେତନତା ଅଭାବ ରୁ ଅନେକ ସମୟରେ ବିଭିନ୍ନ ହିଂସାତ୍ମକ କାଣ୍ଡ ଘଟିଥାଏ। ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା ମଧ୍ୟ ଦେଖାଦେଇଥାଏ। ଏ ଦିଗରେ ଦୃଷ୍ଟି ଦେବା ସହିତ ଆଇନଶୃଙ୍ଖଳା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ତେଲକୋଇ ପ୍ରେସ କ୍ଲବ୍ ପକ୍ଷରୁ ଦାବି ହୋଇଛି।

## ଦୁର୍ଘଟଣାଗ୍ରସ୍ତ ଗାଈର ମୃତଦେହ ପୋତିଲେ ଆର୍‌ଟିଓ

ବଡ଼ବିଲ, ୮।୯ (ସମିସ): ସେରେଣ୍ଡା ତାରିଣୀ ମନ୍ଦିର ନିକଟରେ ଦୁର୍ଘଟଣାରେ ଏକ ଗାଈର ମୃତ୍ୟୁ ଘଟିଥିଲା। ଘଟଣାଟି ବଡ଼ବିଲ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରଂଜନ ସାହୁଙ୍କ ନଜରକୁ ଆସିବା ପରେ ସେ ତୁରନ୍ତ ତାଙ୍କ ଟିମ୍‌କୁ ଫୋନ୍ ଯୋଗେ ସୂଚନା ଦେଇ ଘଟଣାସ୍ଥଳକୁ ପଠାଇଥିଲେ। ଆରଟିଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗାଈଟିର ମୃତଦେହକୁ ରାସ୍ତାରୁ ଉଦ୍ଧାର କରିଥିଲେ। ପରେ ମୃତଦେହକୁ ଏକ ଉପଯୁକ୍ତ ସ୍ଥାନକୁ ନେଇ ଯଥାବିଧି ପୋତି ଦିଆଯାଇଥିଲା।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପଞ୍ଚାନନ ଦାସ**
(ପୂର୍ବତନ ପ୍ରଧାନଶିକ୍ଷକ)
ମୁସ୍ତାଫାପୁର, ଦୋବଲ, ଧାମନଗର, ଭଦ୍ରକ

ଆବିର୍ଭାବ-୨୮/୧୦/୧୯୩୪
ତିରୋଧାନ-୩୦/୦୮/୨୦୨୬

ବାପା ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହେଲା ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ

ଆପଣଙ୍କର ହତଭାଗ୍ୟ ପୁତ୍ର
ପ୍ରସନ୍ନ କୁମାର ଦାସ, ପ୍ରଶାନ୍ତ କୁମାର ଦାସ
ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ
ଦାସ ପରିବାର ବର୍ଗ।

● ଯୁବକର ଉନ୍ମତ୍ତ କାଣ୍ଡ

## ୧୦ ବର୍ଷ ନାବାଳିକାକୁ ତେଲେଙ୍ଗା କଟୁରିରେ ହାଣିଲା

ଉଦଳା,୮।୯ (ସମିସ): ଗ୍ରାମରେ ଯୁବକର ଉନ୍ମତ୍ତକାଣ୍ଡ। ହାତରେ ତେଲେଙ୍ଗା କଟୁରୀ ଧରି ଗ୍ରାମରେ ବୁଲିଲା ଓ ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କ ୧୦ ବର୍ଷର ନାବାଳିକା ଝିଅକୁ ହାଣିଛି। ଆକ୍ରମଣରେ ନାବାଳିକା ଗୁରୁତର ହୋଇଛି। ଏଭଳି ଘଟଣା ଘଟିଛି ଉଦଳା ଥାନା ଅନ୍ତର୍ଗତ ଚଡଦା ଗ୍ରାମରେ। ଗ୍ରାମର ଯୁବକ ଲକ୍ଷ୍ମଣ ମାରାଣ୍ଡି ଆଜି ସନ୍ଧ୍ୟାରେ ଏକ ତେଲେଙ୍ଗା କଟୁରୀ ହାତରେ ଧରି ଗ୍ରାମ ରାସ୍ତାରେ ବୁଲିଲା। ପରେ କଟୁରୀ ଧରି ଲୋକଙ୍କ ଘର ଭିତରକୁ ପଶିଲା। ଗ୍ରାମର ଥଳ ମାରାଣ୍ଡିଙ୍କ ଘର ଭିତରକୁ ପଶିଥିବାବେଳେ ଘରେ ବସି ଖାଉଥିବା ଥଳ ମାରାଣ୍ଡିଙ୍କ ୧୦ ବର୍ଷର ଝିଅ ସୁହାଗି ମାରାଣ୍ଡିକୁ ତେଲେଙ୍ଗା କଟୁରୀରେ ଆକ୍ରମଣ କରିଥିଲା। ସୁହାଗିର ବେକ ପାଖକୁ ହାଣି ଦେଇ ସେଠାରୁ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ସୁହାଗିକୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଯୁବକ ଲକ୍ଷ୍ମଣ ମାରାଣ୍ଡିକୁ ପୁଲିସ ଥାନାକୁ ନେଇଛି।

## ଅଧ୍ୟାପକ ନିଯୁକ୍ତି ଓ ବିଭିନ୍ନ ଦାବିନେଇ ଆଜି ଆନ୍ଦୋଳନ

ଡୁରୁମୁଙ୍ଗା, ୮।୯ (ସମିସ): କେନ୍ଦୁଝର ଜିଲ୍ଲା ସ୍ୱାମପାଟଣାସ୍ଥିତ ଅଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପକ ଅଭାବକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଧ୍ୟାପକଅଧ୍ୟାପିକାଙ୍କ ନିଯୁକ୍ତି, ନିୟମିତ ପାଠପଢ଼ା ସହ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଛାତ୍ରଛାତ୍ରୀ ଆନ୍‌ଦୋଳନକୁ ଓହ୍ଲାଇବା ସହ ବୁଧବାର ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ମଙ୍ଗଳବାର ଛାତ୍ରଛାତ୍ରୀମାନେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ବିଡିଓ ମାନସ କୁମାର ଦଣ୍ଡପାଟ ଏବଂ ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଓ ଇତିହାସ ବିଭାଗରେ ଅଧ୍ୟାପକ ନାହାନ୍ତି। ସେହିପରି ଇଂରାଜୀ ବିଭାଗରେ ମାତ୍ର ଜଣେ ଅଧ୍ୟାପକ ରହିଛନ୍ତି। ଫଳରେ ଖରାଛୁଟି ପରଠାରୁ ନିୟମିତ ପାଠପଢ଼ା ହେଉ ନଥିବା ଅଭିଯୋଗ କରିଛନ୍ତି। ଅଧ୍ୟାପକ ନିଯୁକ୍ତି ସହ ଗତ ୫ ବର୍ଷର ଆୟବ୍ୟୟର ଭିଜିଲାନ୍ସ ତଦନ୍ତ, ଛାତ୍ରୀ କମନ୍‌ରୁମ୍? ନିର୍ମାଣ, ଶ୍ରେଣୀଗୃହରେ ଫ୍ୟାନ୍ ଲଗାଇବା ଏବଂ ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ନୂଆ ଗେଟ୍? ନିର୍ମାଣ ଭଳି ବିଭିନ୍ନ ଦାବି ଉଲ୍ଲେଖ କରିଥିଲେ। ଛାତ୍ରଛାତ୍ରୀଙ୍କ ଦାବି ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗନ୍ନାଥ ମହାନ୍ତ କହିଛନ୍ତି ଯେ, ହିମ୍ବ ଜରିଆରେ ୯ ଜଣ ଠିକା ଅଧ୍ୟାପକ ନିଯୁକ୍ତି ପାଇଁ ଇତିମଧ୍ୟରେ ବିଜ୍ଞାପନ ପ୍ରକାଶ କରାଯାଇଛି। ଅଧ୍ୟାପକ ନିଯୁକ୍ତି ସହ ମହାବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

यूनियन बैंक ऑफ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍
ନୟାପଲ୍ଲୀ ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ଆମ୍ଭର ସେସ୍କୋ ପାୱାର ହାଉସ୍ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସେସ୍କୋ ପାୱାର ହାଉସ୍ ଶାଖାର ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ସେସ୍କୋ ପାୱାର ହାଉସ୍ ଶାଖା / ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ଶ୍ରୀ ବିଚିତ୍ର କୁମାର ବେହେରା,** ପିତା: ଶ୍ରୀ ଧ୍ରୁବ ଚରଣ ବେହେରା, **ଠିକଣା-୧:** ଏଚ୍‌ଆଇଜି-୯, ଫେଜ୍ ନଂ. ୧, ହାଉସିଂ ବୋର୍ଡ କଲୋନୀ, ଖଣ୍ଡଗିରି, ଭୁବନେଶ୍ୱର,-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଭାରତ, **ଠିକଣା-୨:** ଫ୍ଲାଟ୍ ନଂ.: ୪୧୦, ୪ର୍ଥ ମହଲା, ଶ୍ରୀ ଭେଙ୍କଟେଶ୍ୱର ପ୍ଲାଜା, ପ୍ଲଟ୍ ନଂ.: ୫୨ ଏବଂ ୫୪, ଖାତା ନଂ.: ୭୪୪, ଝାରପଡା, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୬, **ଠିକଣା-୩:** ସା/ପୋ: ଡେରା, ଥାନା: ରାଜନଗର, ଜିଲ୍ଲା: କେନ୍ଦ୍ରାପଡ଼ା / **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ରୀତା ବେହେରା,** ସ୍ୱାମୀ: ବିଚିତ୍ର କୁମାର ବେହେରା, ଏଚ୍‌ଆଇଜି-୯, ଫେଜ୍ ନଂ. ୧, ହାଉସିଂ ବୋର୍ଡ କଲୋନୀ, ଖଣ୍ଡଗିରି, ଭୁବନେଶ୍ୱର,-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ: ଶ୍ରୀ ସତ୍ୟ ନାରାୟଣ ଉପାଧ୍ୟାୟ,** ପିତା: ଚକ୍ରଧର ଉପାଧ୍ୟାୟ, ଇବି-୭୭୦, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା, ଭାରତ | ୟୁନିୟନ୍ ହୋମ୍- ୧୨୭୫୩୦୧୦୦୦୧୦୬୫୧ / ୦୧.୦୮.୨୦୨୬ | ୦୩.୦୯.୨୦୨୬ / ୦୧.୦୮.୨୦୨୬ ସୁଦ୍ଧା ଟ.୩୩,୮୩,୮୭୦.୦୦ ଯୁକ୍ତ ସେବାବଦ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | ଶ୍ରୀ ବିଚିତ୍ର କୁମାର ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୧୦, ଆପାର୍ଟମେଣ୍ଟର ନାମ: ଶ୍ରୀ ଭେଙ୍କଟେଶ୍ୱର ପ୍ଲାଜା, ୪ର୍ଥ ମହଲା, ପ୍ଲଟ୍ ନଂ.: ୫୨ ଏବଂ ୫୪, ଖାତା ନଂ.: ୭୪୪, ଅବିଭକ୍ତ ନିରପେକ୍ଷ ବିକ୍ରୟ ଅଂଶର ପରିମିତ କ୍ଷେତ୍ର: ଏକର୦.୪୮୩ଡିସିମିଲିରୁ ଏକର୦.୦୧୦ ଡିସିମିଲି, ବିଲ୍ଟ ଅପ୍ ଏରିଆ: ୮୩୪ ବର୍ଗଫୁଟ, ମୌଜା: ଝାରପଡା, ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୦୬, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଫ୍ଲାଟ୍ ନଂ. ୪୧୧, ଦକ୍ଷିଣ: ଫ୍ଲାଟ୍ ନଂ. ୪୦୯, ପୂର୍ବ: ଆପାର୍ଟମେଣ୍ଟର କରିଡର, ପଶ୍ଚିମ: ଖୋଲା ସ୍ଥାନ |

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୮.୦୯.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ରଖି ଚାଲନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

## ଆଜିର ଇତିହାସ

- ୧୮୫୦- କାଲିଫର୍ଣ୍ଣିଆ ଆମେରିକାର ୩୧ତମ ରାଜ୍ୟ ହେଲା।
- ୧୯୪୯ - ଭାରତୀୟ ସମ୍ବିଧାନ ସଭା ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସ୍ୱୀକାର କଲା।
- ୧୯୬୭ - ଉଗାଣ୍ଡା ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୯୧- ତାଜିକିସ୍ତାନ ସୋଭିଏତ ସଂଘରୁ ସ୍ୱାଧୀନ ହେଲା।
- ୨୦୧୨: ଇରାକ ହୋଇଥିବା ବୋମା ବିସ୍ଫୋରଣରେ ଶହରୁ ଅଧିକ ଲୋକ ମୃତ, ୩୫୦ ଆହତ।

# ପ୍ଲାଷ୍ଟିକ୍ ଠୁ ବିପଜ୍ଜନକ କାଗଜ ଷ୍ଟ୍ର

ଆଜିକାଲି ପରିବେଶକୁ ନେଇ ଲୋକେ ବେଶ୍ ସଚେତନ। ସେଥିପାଇଁ ଲୋକେ ଏବେ ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ କରୁଛନ୍ତି। ଅନେକ କାଫେ, ରେଷ୍ଟୁରାଣ୍ଟ ଏବଂ ଘରଗୁଡ଼ିକରେ ପ୍ଲାଷ୍ଟିକ୍ ଷ୍ଟ୍ର ବଦଳରେ କାଗଜ ଷ୍ଟ୍ର ବ୍ୟବହାର କରାଯାଉଥିବା ଦେଖାଯାଉଛି। ନିକଟରେ ବେଲଜିୟମ୍‌ର ଏକ ଗବେଷଣା ଏଭଳି ଚିନ୍ତାଧାରାକୁ ଏକ ବଡ଼ ଝଟ୍‌କା ଦେଇଛି। ବେଲଜିୟମ୍‌ରେ କରାଯାଇଥିବା ଏହି ଗବେଷଣା ଅନୁଯାୟୀ, କାଗଜ ଷ୍ଟ୍ର ପରିବେଶ ଏବଂ ସ୍ୱାସ୍ଥ୍ୟ ପାଇଁ ଆଦୌ ସୁରକ୍ଷିତ ନୁହେଁ। କାଗଜ ଷ୍ଟ୍ରଗୁଡ଼ିକୁ ପାଣିରେ ମିଳେଇ ନ ଯିବା ପାଇଁ ସେଥିରେ 'ପଲି ଆଣ୍ଡ ପରଫ୍ଲୁରୋଆଲ୍‌କିଲ୍ ସବ୍‌ଷ୍ଟାନ୍ସେସ୍' ନାମକ ରସାୟନ ବ୍ୟବହାର କରାଯାଏ। ଏହାକୁ 'ଫରେଭର୍ କେମିକାଲ୍ସ' ମଧ୍ୟ କୁହାଯାଏ କାରଣ ଏହା ପରିବେଶ କିମ୍ବା ଶରୀରରେ ସହଜରେ ନଷ୍ଟ ହୁଏନାହିଁ। ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରାୟ ୯୦% କାଗଜ ଷ୍ଟ୍ରରେ ଏହି ରସାୟନ ଥାଏ, ଯେଉଁଠି ପ୍ଲାଷ୍ଟିକ୍ ଷ୍ଟ୍ରରେ ଏହା ୭୫% ମିଳିଥାଏ। ଏହି କେମିକାଲ୍ ଶରୀରକୁ ଗଲେ ଥାଇରଏଡ୍, ଲିଭର ସମସ୍ୟା, କୋଲେଷ୍ଟ୍ରଲ୍ ବୃଦ୍ଧି ଏବଂ କ୍ୟାନ୍ସର ଭଳି ରୋଗର ଆଶଙ୍କା ବଢ଼ିଥାଏ। ଗବେଷଣା ପାଇଁ ବୈଜ୍ଞାନିକମାନେ ବଜାରରେ ଉପଲବ୍ଧ ପ୍ରାୟ ୩୯ଟି ଭିନ୍ନ ଭିନ୍ନ ବ୍ରାଣ୍ଡର ଷ୍ଟ୍ର ସଂଗ୍ରହ କରିଥିଲେ। ଏହି ଷ୍ଟ୍ରଗୁଡ଼ିକ ବିଭିନ୍ନ ଦୋକାନ, ସୁପରମାର୍କେଟ୍ ଏବଂ ରେଷ୍ଟୁରାଣ୍ଟରୁ ଅଣାଯାଇଥିଲା। ଏହାକୁ ମୁଖ୍ୟତଃ ୫ଟି ଶ୍ରେଣୀରେ ଭାଗ କରାଯାଇଥିଲା: କାଗଜ, ବାଉଁଶ, ପ୍ଲାଷ୍ଟିକ୍, କାଚ ଏବଂ ଷ୍ଟେନଲେସ୍ ଷ୍ଟିଲ୍। ପ୍ରଥମେ ପ୍ରତ୍ୟେକ ଷ୍ଟ୍ରକୁ ଗ୍ରାଇଣ୍ଡିଂ କରାଯାଇ ସେଥିରେ ଫରେଭର୍ କେମିକାଲ୍ସ ଅଛି କି ନାହିଁ ତାହା ପରୀକ୍ଷା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ, ଷ୍ଟ୍ରଗୁଡ଼ିକୁ କିଛି ସମୟ ପାଇଁ ପାଣିରେ ବୁଡ଼ାଇ ରଖାଯାଇଥିଲା। ପାଣି ବା କୋଲ୍ଡ ଡ୍ରିଙ୍କସ୍ ପିଇବା ସମୟରେ ଏହି କେମିକାଲ୍ ତରଳ ପଦାର୍ଥରେ ମିଶୁଛି କି ନାହିଁ ତାହା ଜାଣିବାକୁ ଚେଷ୍ଟା କରାଯାଇଥିଲା। ପରୀକ୍ଷା କରାଯାଇଥିବା ୯୦% କାଗଜ ଷ୍ଟ୍ରରେ ଫରେଭର କେମିକାଲ୍ ମିଳିଥିଲା, ଯାହା ଅନ୍ୟ ସମସ୍ତ ଷ୍ଟ୍ର ତୁଳନାରେ ସବୁଠାରୁ ଅଧିକ। ବାଉଁଶ ଷ୍ଟ୍ରରେ ୮୦%, ପ୍ଲାଷ୍ଟିକ୍ ଷ୍ଟ୍ରରେ ୭୫% ଏବଂ କାଚ ଷ୍ଟ୍ରରେ ୪୦% ଏହି କେମିକାଲ୍ ମିଳିଥିଲା। ପରୀକ୍ଷା କରାଯାଇଥିବା କୌଣସି ବି ଷ୍ଟେନଲେସ୍ ଷ୍ଟିଲ୍ ଷ୍ଟ୍ରରେ ଏହି ରସାୟନ ମିଳିନଥିଲା। ତେବେ କାଗଜ ଷ୍ଟ୍ରକୁ ପାଣିରେ ମିଳେଇ ଯିବାରୁ ରକ୍ଷା କରିବା ପାଇଁ ପ୍ରାୟତଃ ୱାଟରପ୍ରୁଫ୍ କୋଟିଂ ଦିଆଯାଇଥାଏ। ଏହି କୋଟିଂ କିମ୍ବା ନିର୍ମାଣ ପ୍ରକ୍ରିୟାରେ ଏହି କେମିକାଲ ସାମିଲ ହୋଇଥାଇପାରେ। କେତେକ କ୍ଷେତ୍ରରେ ଏହା କଞ୍ଚାମାଲ କିମ୍ବା ଉତ୍ପାଦନ ପ୍ରକ୍ରିୟାରୁ ମଧ୍ୟ ଆସିପାରେ। ତେବେ ଏହି ରସାୟନକୁ ୨୦୨୦ ମସିହାରୁ ବିଶ୍ୱସ୍ତରରେ ବ୍ୟାନ୍ କରାଯାଇ ସାରିଛି। ଗବେଷକମାନେ ସ୍ପଷ୍ଟ କରିଥିଲେ ଯେ, କାଗଜ ଷ୍ଟ୍ରରେ ଏହି ରସାୟନର ମାତ୍ରା ବହୁତ କମ୍ ଥାଏ, ତେଣୁ ଥରେ ଦୁଇଥର ବ୍ୟବହାର କଲେ ସଙ୍ଗେ ସଙ୍ଗେ କୌଣସି ବଡ଼ ରୋଗ ହେବାର ଭୟ ନାହିଁ। ହେଲେ ଯେଉଁମାନେ ପ୍ରତିଦିନ କାଗଜ ଷ୍ଟ୍ର ବ୍ୟବହାର କରନ୍ତି, ସେମାନଙ୍କ ଶରୀରରେ ଧୀରେ ଧୀରେ ଏହି ରସାୟନ ଜମା ହୋଇ କ୍ଷତି ପହଞ୍ଚାଇଥାଏ।




# କୁଣ୍ଡେଇବା ପାଇଁ ୧୪ ଲକ୍ଷ



ଚୀନ୍‌ର ଶେନଜେନ୍ ସହରରେ ଝାଙ୍ଗ୍ ଶିଆଓଚିଆଓ ନାମକ ଜଣେ ୩୨ ବର୍ଷୀୟ ଯୁବକ ଏକ ଅଭିନବ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ଏହାର ସେଟ୍‌ଅପ୍ ଏକ ମସାଜ୍ ସେଣ୍ଟର ଭଳି। ଏଠାରେ ଗ୍ରାହକମାନେ ଏକ ମସାଜ୍ ପାର୍ଲର ଭଳି ବେଡ୍ ଉପରେ ଶୁଅନ୍ତି। ସେଠାରେ ଥିବା ତାଲିମପ୍ରାପ୍ତ କର୍ମଚାରୀମାନେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ମୁନିଆ ନଖ ସାହାଯ୍ୟରେ ଗ୍ରାହକଙ୍କ ପିଠି ଓ କୁଣ୍ଡେଇ ହେଉଥିବା ସ୍ଥାନଗୁଡ଼ିକୁ ଧୀରେ ଧୀରେ କୁଣ୍ଡାଇ ଦିଅନ୍ତି। ଏହି ସେବା ପାଇଁ ଗ୍ରାହକଙ୍କୁ ଘଣ୍ଟା ପ୍ରତି ପ୍ରାୟ ୪୨୦୦ ଟଙ୍କା ଦେବାକୁ ପଡ଼ିଥାଏ। ଶେନଜେନ୍ ସହରରେ ଥିବା ତାଙ୍କର ଦୁଇଟି ଆଉଟ୍‌ଲେଟ୍‌ରୁ ସେ ମାସକୁ ପ୍ରାୟ ୧୪ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସୋସିଆଲ ମିଡିଆରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ପିଠି କୁଣ୍ଡାଉଥିବାର ଭିଡିଓ ଦେଖି ଝାଙ୍ଗ୍‌ଙ୍କୁ ଏହି ଆଇଡିଆ ଆସିଥିଲା, ଯେଉଁଥିରେ ଲୋକେ କମେଣ୍ଟ କରିଥିଲେ କି ଏଭଳି ସେବା ପାଇଁ ସେମାନେ ଟଙ୍କା ଦେବାକୁ ପ୍ରସ୍ତୁତ। ଏହାସହ ପିଲାଦିନେ ତାଙ୍କ ବାପା ପିଠି କୁଣ୍ଡାଇ ଶୁଆଇ ଦେଉଥିବା ସ୍ମୃତି ମଧ୍ୟ ତାଙ୍କୁ ପ୍ରେରିତ କରିଥିଲା। ଏହି ସେବା ମାନସିକ ଚାପ କମାଇବା ଏବଂ ଭଲ ନିଦ ହେବାରେ ସାହାଯ୍ୟ କରୁଥିବାରୁ ବହୁ ସଂଖ୍ୟାରେ ଆଇଟି ଏବଂ ଅନ୍ୟ କର୍ମଚାରୀମାନେ ଏଠାକୁ ଆସୁଛନ୍ତି। ତେବେ ଝାଙ୍ଗ୍‌ଙ୍କ ଗ୍ରାହକଙ୍କ ମଧ୍ୟରେ ୭୦% ପୁରୁଷ ଅଛନ୍ତି। ସେ ଏବେ ଚୀନ୍‌ରେ ଏଭଳି ୧୦୦ଟି ଆଉଟ୍‌ଲେଟ୍ ଖୋଲିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ପୂର୍ବରୁ ଝାଙ୍ଗ୍ ଅନେକ ଥର ଚାକିରି ବଦଳାଇବା ସହ ଦୁଇଟି ଇ-କମର୍ସ ବ୍ୟବସାୟରେ ବିଫଳ ହୋଇଥିଲେ, କିନ୍ତୁ ଏହି ନିଆରା ଆଇଡିଆ ତାଙ୍କୁ ଆଜି ସଫଳ କରିଛି।

# 'ଡ୍ରାଗନ୍'ରେ ନାହାନ୍ତି ଆଲିଆ-ଶାହିଦ୍

'ଡ୍ରାଗନ୍' ଫିଲ୍ମକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଥିରେ ଜୁନିୟର୍ ଏନ୍‌ଟିଆର୍ ଲିଡ୍ ରୋଲରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ପ୍ରଶାନ୍ତ ନୀଲ୍ ଅଛନ୍ତି। କନ୍ନଡ଼ ଅଭିନେତ୍ରୀ ରୁକ୍ମଣୀ ବସନ୍ତଙ୍କୁ ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। କିଛି ଦିନ ଧରି ଗଣମାଧ୍ୟମ ଏବଂ ସିନେପ୍ରେମୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିଲା ଯେ, ପ୍ରଶାନ୍ତ ନୀଲ ନିଜର ଆଗାମୀ ଆକ୍ସନ ଡ୍ରାମା 'ଡ୍ରାଗନ୍'ର କାଷ୍ଟିଂକୁ ଆହୁରି ବଡ଼ କରିବା ପାଇଁ ବଲିଉଡ୍‌ର ଦୁଇ ବଡ଼ ଚେହେରାଙ୍କୁ ସାମିଲ କରିଛନ୍ତି। ଶାହିଦ୍ କପୁର ଏଥିରେ ଜୁନିଅର ଏନ୍‌ଟିଆର୍‌ଙ୍କ ବିପକ୍ଷରେ ଜଣେ ଖଳନାୟକ ଭୂମିକାରେ ନଜର ଆସିବେ ବୋଲି କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ସେହିପରି 'ଆର୍‌ଆର୍‌ଆର୍' ପରେ ଆଲିଆ ଭଟ୍ଟ ପୁଣିଥରେ ଜୁନିଅର ଏନ୍‌ଟିଆର୍‌ଙ୍କ ସହ ଏହି ଫିଲ୍ମରେ କାମ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଏଥିରେ ସେ ଏକ ନେଗେଟିଭ୍ ସିଣ୍ଡିକେଟ୍ ଲିଡର ଭୂମିକାରେ ନଜର ଆସିବେ ବୋଲି ଦାବି କରାଯାଉଥିଲା। ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଥିଲା। 'ଡ୍ରାଗନ୍' ଚଳଚ୍ଚିତ୍ରର ପ୍ରଯୋଜନା ସଂସ୍ଥା 'ମୈତ୍ରୀ ମୁଭି' କିନ୍ତୁ ଏହି ଖବରକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛି। ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, "ଏହି ଗୁଜବରେ କୌଣସି ସତ୍ୟତା ନାହିଁ। ଆମେ ଆଲିଆ କିମ୍ବା ଶାହିଦ୍‌ଙ୍କୁ ଏହି ଫିଲ୍ମ ପାଇଁ ସାଇନ୍ କରିନାହୁଁ।" ଏହି ସ୍ପଷ୍ଟୀକରଣ ଆସିବା ପରେ ଆଲିଆ ଓ ଶାହିଦ୍‌ଙ୍କ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ବର୍ତ୍ତମାନ ଜୁନିୟର୍ ଏନ୍‌ଟିଆର୍ ନିଜ କାନ୍ଧ ଅପରେସନ ଯୋଗୁଁ ବିଶ୍ରାମ ନେଉଥିବା ବେଳେ ପ୍ରଶାନ୍ତନୀଲ ଅନ୍ୟ କଳାକାରମାନଙ୍କୁ ନେଇ ଏହାର ସୁଟିଂ ଜାରି ରଖିଛନ୍ତି। ଏହି ମେଗା ଚଳଚ୍ଚିତ୍ରଟି ଜୁନ୍ ୧୧, ୨୦୨୭ରେ ୫ଟି ଭାଷାରେ ମୁକ୍ତିଲାଭ କରିବ।



# ସମ୍ଭାବନା



## ଅନଲାଇନ୍ ଡିଗ୍ରୀ ଚୟନ ପୂର୍ବରୁ

**ଆଜିକାଲି ଚାକିରି ସହିତ ଯୁବପିଢ଼ି ଅନଲାଇନ ଡିଗ୍ରୀର ଲାଭ ଉଠାଉଛନ୍ତି। ତେବେ ଏହାକୁ ଚୟନ କରିବା ପୂର୍ବରୁ କିଛି ବିଶେଷ ଦିଗ ଉପରେ ଧ୍ୟାନ ଦେବା ଜରୁରି।**



- ଅନଲାଇନ ଡିଗ୍ରୀ ଚୟନ କରିବା ପୂର୍ବରୁ ପ୍ରଥମେ କେଉଁ କ୍ଷେତ୍ରରେ କାମ କରିବାକୁ ଚାହୁଁଛନ୍ତି, ସେ କଥା ଚିନ୍ତା କରନ୍ତୁ।
- ଅନଲାଇନ ଡିଗ୍ରୀ ଚୟନ କରିବା ବେଳେ ବିଶ୍ୱବିଦ୍ୟାଳୟ ମାନ୍ୟତା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ମଧ୍ୟରୁ ଅନ୍ୟତମ। ମାନ୍ୟତା ପ୍ରାପ୍ତ ସଂସ୍ଥାନରୁ ପ୍ରାପ୍ତ ଡିଗ୍ରୀ ଚାକିରି ଏବଂ ଉଚ୍ଚ ଶିକ୍ଷାରେ ଅଧିକ ଉପଯୋଗୀ ହୋଇପାରିବ।
- ଡିଗ୍ରୀର ନାଁ ଦେଖି ନାମଲେଖାଇବା ଅନୁଚିତ। ପାଠ୍ୟକ୍ରମରେ କେଉଁ ବିଷୟ ପଢ଼ାଯିବ, ସେ ସମ୍ପର୍କରେ ଜାଣନ୍ତୁ।
- ଅନଲାଇନ ଡିଗ୍ରୀର ବଡ଼ ଲାଭ ହେଉଛି ଛାତ୍ର ନିଜ ସୁବିଧା ଅନୁସାରେ ପଢ଼ିପାରିବ।
- ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ଫି' ଓ ପାଠପଢ଼ା ତରିକା ଅଲଗା ଅଲଗା ହୋଇପାରେ। ତେଣୁ ନାମଲେଖାଇବା ପୂର୍ବରୁ ସମୁଦାୟ ଫି ଓ ଅଧ୍ୟୟନ ସାମଗ୍ରୀ ଉପଲବ୍ଧତା ବାବଦରେ ଜାଣିବା ଜରୁରି।

## ପାଠରେ ଏଆଇ



ଗୁଗଲ ଭାରତୀୟ ଛାତ୍ରମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛି। କମ୍ପାନି ନିଜ ଏଆଇ ପ୍ଲସ୍ ସବ୍‌ସ୍କ୍ରିପସନ୍‌କୁ ଛାତ୍ରଛାତ୍ରୀଙ୍କ ପାଇଁ ୧୨ ମାସ ପାଇଁ ମାଗଣା କରିଛି। ଏହି ପଦକ୍ଷେପ ପଢ଼ାରେ ଏଆଇ ଟେକ୍ନିକ୍‌ର ସାହାଯ୍ୟ ନେବା ଉଦ୍ଦେଶ୍ୟରେ କରାଯାଇଛି। ଗୁଗଲର ପ୍ରିମିୟମ୍ ଏଆଇ ଟୁଲ୍‌ର ଲାଭ ଉଠାଇ ହେବ। ଏହି ଅଫର୍ ବିଶେଷକରି ଭାରତୀୟ ଛାତ୍ରଙ୍କୁ ଦୃଷ୍ଟିରେ ରଖି କରାଯାଇଛି।

ବର୍ଷକର ମାଗଣା ସବସ୍କ୍ରିପସନ୍‌ରେ ଅନେକ ଉନ୍ନତମାନର ଫିଚର୍‌କୁ ସାମିଲ କରାଯାଇଛି। ଏଥିରେ ଷ୍ଟୁଡେଣ୍ଟ ହବ୍ ଏବଂ ଷ୍ଟଡି ନୋଟ୍‌ବୁକ୍ ଭଳି ଫିଚର ସାମିଲ ଅଛି। ଏହି ଟୁଲ୍ ଛାତ୍ରଛାତ୍ରୀଙ୍କୁ ନିଜ ପଢ଼ାକୁ ବ୍ୟବସ୍ଥିତ କରିବା, ନୋଟ୍‌କୁ ଉନ୍ନତ ଭାବେ ପରିଚାଳନା କରିବାରେ ସାହାଯ୍ୟ କରିବ। ଗୁଗଲ ଅନୁସାରେ, ଏହି ପ୍ୟାକ୍‌ରେ ପଢ଼ା ସହିତ ଜଡ଼ିତ ନୂଆ ଏଆଇ ଫିଚର ଯୋଡ଼ାଯାଇଛି। ଏହି ଫିଚର୍‌ର ଉଦ୍ଦେଶ୍ୟ ଶିଖିବା ପ୍ରକ୍ରିୟାକୁ ଅଧିକ ଇଣ୍ଟରଆକ୍ଟିଭ୍ ଏବଂ ସହଜ କରିବା।

## ଘୋଷ୍ଟ ଜବ୍




**ଅନେକ ସମୟରେ ଚାକିରି ପାଇଁ ଆବେଦନ କରାଯାଇଥିଲେ ବି ମାସ ମାସ ଧରି କମ୍ପାନି ପକ୍ଷରୁ କୌଣସି ଉତ୍ତର ଆସି ନ ଥାଏ। ହେଲେ ସେହି ଚାକିରି ବା ପଦବିର ବିଜ୍ଞାପନ ବାରମ୍ବାର ଦେଖିବାକୁ ମିଳିଥାଏ। ଏହାକୁ ଘୋଷ୍ଟ ଜବ୍ କୁହାଯାଏ।**

ଘୋଷ୍ଟ ଜବ୍‌ର ଅର୍ଥ ହେଉଛି କୌଣସି ଏକ ଚାକିରି ପାଇଁ ପଦବିର ବିଜ୍ଞାପନ ବାହାରେ, କିନ୍ତୁ ଏଥିରେ କାହାକୁ ନିଯୁକ୍ତି ଦିଆଯାଏ ନାହିଁ। ଅନେକ ସମୟରେ ଏହି ପଦ ପାଇଁ ପୂର୍ବରୁ ହିଁ ନିଯୁକ୍ତି ମିଳିଯାଇଥାଏ। ହେଲେ କମ୍ପାନି ଏହାର ବିଜ୍ଞାପନ ହଟାଇବାକୁ ଭୁଲିଯାଏ। ଏହା ଯୋଗୁଁ ଚାକିରି ଖୋଜୁଥିବା ଲୋକଙ୍କଠାରେ ହତାଶ ମନୋଭାବ ଦେଖିବାକୁ ମିଳିଥାଏ। କାରଣ ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଚାକିରି ପାଇଁ ଆବେଦନ କରନ୍ତି ଓ ଭାବନ୍ତି ଅଭାବ ସେମାନଙ୍କ ଭିତରେ ଅଛି। ଏବେ ପ୍ରଶ୍ନ ଉଠୁଛି କମ୍ପାନି ଏଭଳି କରେ କାହିଁକି?

ତେବେ ଏହା ପଛରେ ଗୋଟିଏ ନୁହେଁ, ଏକାଧିକ କାରଣ ଥିବା କୁହାଯାଏ। କିଛି କମ୍ପାନି ବାହାରୁ ଏହା ଦେଖାଇବାକୁ ଚାହାନ୍ତି ଯେ, ସେହି କମ୍ପାନି ଲଗାତାର ଉନ୍ନତି କରୁଛି ଏବଂ ଲୋକଙ୍କୁ କାମରେ ରଖୁଛି। ଯାହାକି ବାସ୍ତବରେ ସତ ହୋଇ ନ ଥାଏ। ସେହିପରି ଆଉ ଏକ ବଡ଼ କାରଣ ହେଉଛି କ୍ୟାଣ୍ଡିଡେଟ୍ ପାଇପ୍‌ଲାଇନ୍ ପ୍ରସ୍ତୁତ କରିବା। ଏହାର ଅର୍ଥ କମ୍ପାନି ସବୁବେଳେ ନିଜ ପାଖରେ ଭଲ ନିଯୁକ୍ତିକର୍ତ୍ତାଙ୍କ ତାଲିକ ରଖେ। କାରଣ ଯଦି କୌଣସି କର୍ମଚାରୀ ଅଚାନକ ଚାକିରି ଛାଡ଼ି ଦିଅନ୍ତି, ତୁରନ୍ତ ସେହି ପଦରେ ଅନ୍ୟ କାହାକୁ ରଖାଯାଇପାରିବ। ଅନେକ ସୟମରେ ଏଚଆର୍ ବିଭାଗ ଏକଥା ଦେଖାଇବାକୁ ଚାହାନ୍ତି ଯେ, ବଜାରରେ କିଭଳି ପ୍ରକାର ଦକ୍ଷତା ଅଛି ଏବଂ ଲୋକେ କେତେ ପାରିଶ୍ରମିକ ଚାହୁଁଛନ୍ତି।

ବଢ଼ୁଥିବା ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଘୋଷ୍ଟ ଜବ୍ ଉପରେ ଅଙ୍କୁଶ ଆଣିବା ପାଇଁ ଏକ ନୂଆ ଆଇନର ପ୍ରସ୍ତାବ ରଖାଯାଇଛି। ଏହି ଆଇନ ଅନୁସାରେ, କମ୍ପାନିରେ ନିଯୁକ୍ତି ପୂରଣ ହୋଇଯିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଜ୍ଞାପନ ହଟାଇବା ଅନିବାର୍ଯ୍ୟ ହେବ। ଫଳରେ ପୁରୁଣା ଓ ମିଛ ବିଜ୍ଞାପନରୁ ଲୋକେ ବଞ୍ଚିତ ହେବେ।

## ଜେନ୍ ଜେଡ୍‌ଙ୍କ ଭଡ଼ା ଅଫିସ୍



**ଚାକିରିକୁ ନେଇ ଏବେ ଏକ ନୂଆ ଟ୍ରେଣ୍ଡ ଜେନ୍ ଯୁବପିଢ଼ିଙ୍କଠାରେ ଦେଖିବାକୁ ମିଳିଛି। ଯୁବପିଢ଼ି ଚାକିରି କରିବା ପାଇଁ ନୁହେଁ, ବରଂ ଚାକିରି ପରିବେଶ ପାଇବା ପାଇଁ ହାତରୁ ଟଙ୍କା ଖର୍ଚ୍ଚ କରି ଅଫିସ୍ ଆସୁଛନ୍ତି। ଏହାକୁ ପ୍ରିଟେଣ୍ଡ ଟୁ ୱାର୍କ ଟ୍ରେଣ୍ଡ ବୋଲି କୁହାଯାଉଛି।**

ଚୀନ୍‌ରେ ବେରୋଜଗାରୀ ସମସ୍ୟା ମଧ୍ୟରେ ଏହି ଅଲଗା ଟ୍ରେଣ୍ଡ ସାମ୍ନାକୁ ଆସିଛି। ପ୍ରିଟେଣ୍ଡ ଟୁ ୱାର୍କ ଟ୍ରେଣ୍ଡ ମାଧ୍ୟମରେ ଜେନ୍ ଜେଡ୍ ଯୁବପିଢ଼ି ନିଜେ ଟଙ୍କା ଖର୍ଚ୍ଚ କରି କାମ କରିବା ଦେଖେଇ ହେବା ଏବଂ ଅଫିସ୍ ପରିବେଶ ପାଇବା ଲାଗି ଭଡ଼ାରେ ଅଫିସ୍ ନେଉଛନ୍ତି। ଏହି ଟ୍ରେଣ୍ଡ ମାଧ୍ୟମରେ ବେରୋଜଗାରୀ ଯୁବପିଢ଼ି ଲାପଟପ୍ ଧରି ଘଣ୍ଟା ଘଣ୍ଟା ଡେସ୍କରେ ବସନ୍ତି, ଚାକିରି ପାଇଁ ଆବେଦନ କରନ୍ତି, ବାୟୋଡାଟା ପ୍ରସ୍ତୁତ କରନ୍ତି, ନିଜ ଷ୍ଟାର୍ଟଅପ୍ ଏବଂ ଅନ୍ୟ ପ୍ରୋଜେକ୍ଟ ଉପରେ କାମ କରନ୍ତି। ଚାକିରି ଖୋଜୁଥିବା ଲୋକଙ୍କ ସହିତ କଥାବାର୍ତ୍ତା କରନ୍ତି। ଏହା ବଦଳରେ ସେମାନଙ୍କୁ କମ୍ପ୍ୟୁଟର, ଇଣ୍ଟରନେଟ୍, ସ୍ନାକ୍ସ, ଲଞ୍ଚ, ଡ୍ରିଙ୍କ ଭଳି ସୁବିଧା ମିଳେ। ଯଦିଓ ଏହା ଯୁବପିଢ଼ିଙ୍କ ପାଇଁ ବାସ୍ତବ ଚାକିରି ନୁହେଁ, ତଥାପି ଏହାଦ୍ୱାରା ଅଫିସ୍ ପରିବେଶ ସେମାନଙ୍କୁ ମିଳିଥାଏ।

ଏଭଳି ସ୍ଥାନରେ ବସିବା ଲାଗି ସେମାନଙ୍କୁ ପ୍ରତିଦିନ ପାଖାପାଖି ୪୦୦ରୁ ୬୭୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ପ୍ରଥମେ ସେମାନଙ୍କୁ ଏହା ଏକ ସାଧାରଣ ଖର୍ଚ୍ଚ ଲାଗେ। ଦୀର୍ଘ ଦିନ ବିତିବା ପରେ ଏହି ଟଙ୍କା ସେମାନଙ୍କ ପାଇଁ ଗୁରୁତ୍ୱ ବହନ କରେ। ସେହିପରି ଟଙ୍କା ଦେଇ ଯୁବପିଢ଼ି ଦିନେ ଅଧେ ନୁହେଁ, ବରଂ ଶନିବାର ଏବଂ ରବିବାର ଛାଡ଼ି ସୋମବାରରୁ ଶୁକ୍ରବାର ନିୟମିତ ଅଫିସ୍ ଯାଆନ୍ତି। ସେମାନଙ୍କ କହିବା କଥା ଘରେ ଏକୁଟିଆ ବସି ଚାକିରି ଖୋଜିବା ପରିବର୍ତ୍ତେ ଏହା ସେମାନଙ୍କୁ ଅଧିକ ଅନୁଶାସିତ ଲାଗୁଛି ଓ ସକ୍ରିୟ ପରିବେଶ ମିଳିପାରୁଛି।

ଏଭଳି ଅଫିସ୍ ଚୀନ୍‌ରେ ନାନଜିଂ, ସଂଘାଇ, ହୁହାନ, ଶେନଝେନ, ଚେଙ୍ଗଡୁ, କୁନମିଂ ଭଳି ସହରରେ ଦେଖିବାକୁ ମିଳୁଛି। ଏହି ଟ୍ରେଣ୍ଡ ପଛରେ ଅଫିସ ଯିବାର ଇଚ୍ଛା ନ ଥାଏ। ବେରୋଜଗାରୀ ସମୟରେ ଘରେ ଦୀର୍ଘ ସମୟ ଏକୁଟିଆ ରହିବା ଦ୍ୱାରା ଯୁବିପିଢ଼ିଙ୍କୁ ନିତିଦିନ ଏବଂ ସାମାଜିକ ଜୀବନ ପ୍ରଭାବିତ ହୁଏ। ଏଭଳି ସ୍ଥିତିରେ କିଛି ଯୁବପିଢ଼ି ଅଫିସ୍ ଭଳି ପରିବେଶ ବାଛୁଛନ୍ତି ଏବଂ ଚାପରେ ନ ରହିବା ପାଇଁ ଏଭଳି ଏକ ଡେଲି ରୁଟିନ ନିଜର ନିର୍ଦ୍ଧାରିତ କରୁଛନ୍ତି।

● ମହିଳା ଏସିଆ କପ୍ କ୍ରିକେଟ

## ଶ୍ରୀଲଙ୍କା-ପାକିସ୍ତାନ ସେମିଫାଇନାଲ




ଦୁବାଇ,୮।୯ (ଏଜେନ୍ସି): ଏଠାରେ ଚାଲିଥିବା ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ସେପ୍ଟେମ୍ବର ୧୦ ବା ଗୁରୁବାର ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତ ସହ ବାଂଲାଦେଶ ଓ ୧୧ ତାରିଖ ଶୁକ୍ରବାର ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଶ୍ରୀଲଙ୍କା ସହ ପାକିସ୍ତାନର ମୁକାବିଲା ହେବ। ଦୁଇ ସେମିଫାଇନାଲର ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ୧୩ରେ ଖେଳାଯିବ। ଲିଗ୍ ମ୍ୟାଚ୍ ଶେଷ ହେବା ପରେ ଗ୍ରୁପ୍-ଏ'ରୁ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଭାରତ ଓ ପାକିସ୍ତାନ ଏବଂ ଗ୍ରୁପ୍-ବି'ରୁ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଶ୍ରୀଲଙ୍କା ଓ ବାଂଲାଦେଶ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛନ୍ତି। ଗ୍ରୁପ୍-ଏ'ରେ ଭାରତ ଓ ବି'ରେ ଶ୍ରୀଲଙ୍କା ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଶୀର୍ଷସ୍ଥାନରେ ରହି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଆଇସିସି ମହିଳା ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଦୀପ୍ତିଙ୍କ ଉନ୍ନତି

ଦୁବାଇ, ୮।୯ (ଏଜେନ୍ସି): ଭାରତୀୟ ସ୍ପିନ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଆଇସିସି ମହିଳା ଟି-୨୦ ର୍‍ୟାଙ୍କିଙ୍ଗରେ ବଡ଼ ଉନ୍ନତି କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ବୋଲିଂ ମାନ୍ୟତାରେ ଦୀପ୍ତି ୨ଟି ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନରେ ପହଞ୍ଚିଛନ୍ତି। ୟୁଏଇରେ ଚାଲିଥିବା ଏସିଆ କପ୍ ମହିଳା ଟି-୨୦ କ୍ରିକେଟରେ ଦୀପ୍ତି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଥାଇଲାଣ୍ଡ ବିପକ୍ଷରେ ସେ କୌଣସି ରନ୍ ନ ଦେଇ ୩ଟି ୱିକେଟ ନେଇଥିଲେ। ଅନ୍ୟତମ ଭାରତୀୟ ସ୍ପିନର ଶ୍ରୀଚରଣି ବୋଲିଂ ମାନ୍ୟତାରେ ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ତେବେ ଟପ୍-୨୦ରେ ସ୍ଥାନ ପାଇଥିବା ଅନ୍ୟତମ ଭାରତୀୟ ମହିଳା କ୍ରିକେଟର୍ ରେଣୁକା ସିଂଙ୍କୁ ଦୁଇଟି ସ୍ଥାନ ହରାଇବାକୁ ପଡ଼ିଛି। ରେଣୁକା ୧୮ରୁ ୨୦ତମ ସ୍ଥାନକୁ ଖସି ଯାଇଛନ୍ତି। ସେହିଭଳି ବାମହାତୀ ସ୍ପିନର ରାଧା ଯାଦବ ମଧ୍ୟ ୪ଟି ପାହାଚ ହରାଇ ୩୧ତମ ସ୍ଥାନରେ ପହଞ୍ଚିଛନ୍ତି।

■ ମହଙ୍ଗା ପଡ଼ିଲା ବୟସ ଜାଲିଆତି

## ଭାରତୀୟ ଯୁବ ଦଳରୁ ବିଦା ହେଲେ ରୋହିତ୍

ମୁମ୍ବଇ, ୮।୯ (ଏଜେନ୍ସି): ବୟସ ଜାଲିଆତି କରିବା ଭାରତୀୟ ଯୁବ କ୍ରିକେଟର୍ ରୋହିତ୍ ଯାଦବଙ୍କୁ ମହଙ୍ଗା ପଡ଼ିଛି। ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ୧୯ ବର୍ଷରୁ କମ୍ ଦିନିକିଆ ସିରିଜ ଲାଗି ଘୋଷିତ ଭାରତୀୟ ଯୁବ ଦଳରୁ ବେଙ୍ଗଲର ରୋହିତଙ୍କୁ ବାଦ୍ ଦିଆଯାଇଛି। ଜୁନିଅର କ୍ରିକେଟ କମିଟି ରୋହିତଙ୍କ ସ୍ଥାନରେ ସୌରାଷ୍ଟ୍ରର ଆର୍ଯ୍ୟନ ସାଭସାନି ଓ ହରିୟାଣାର ତନ୍ମୟ ବାଲୋଡାଙ୍କୁ ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ସାମିଲ କରିଛି। ବିସିସିଆଇ ପକ୍ଷରୁ ଖେଳାଳି ଅଦଳବଦଳକୁ ନେଇ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଲେଗ୍-ସ୍ପିନର ରୋହିତ ନିକଟରେ ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ନାମରେ ବୟସ ଜାଲିଆତି ଅଭିଯୋଗ ଉଠିଥିଲା। ତିନୋଟି ଭିନ୍ନ ଭିନ୍ନ ସାର୍ଟିଫିକେଟରେ ରୋହିତଙ୍କ ଜନ୍ମ ବର୍ଷ ତିନିଥର ପରିବର୍ତ୍ତନ କରାଯାଇଥିବା ନେଇ କ୍ରିକେଟ ଆସୋସିଏସନ ଅଫ୍ ବଙ୍ଗଳା (ସିଏବି) ଜାଣିବାକୁ ପାଇଥିଲା। ଏହାପରେ ତାଙ୍କୁ ବିସିସିଆଇ ମଧ୍ୟ ୨ ବର୍ଷ ଲାଗି ବାସନ୍ଦ କରିଛି। ଉଲ୍ଲେଖଯୋଗ୍ୟ, ଭାରତ ଓ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ମଧ୍ୟରେ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜ ସେପ୍ଟେମ୍ବର ୧୮ ରୁ ରାଜକୋଟରେ ଆରମ୍ଭ ହେବ। ଏହି ସିରିଜ ଲାଗି ବୀରେନ୍ଦ୍ର ସେହ୍ୱାଗ ଓ ରାହୁଲ ଦ୍ରାବିଡଙ୍କ ପୁଅଙ୍କୁ ସୁଯୋଗ ମିଳିଛି।

## ମହମ୍ମଦ୍ ସାମି ଓ ମୁକେଶ କୁମାରଙ୍କ ସୁନ୍ଦର ବୋଲିଂ

# ପୂର୍ବାଞ୍ଚଳ କବ୍‌ଜାରେ ଦୁଲୀପ୍ ଟ୍ରଫି ଫାଇନାଲ

ଚେନ୍ନଇ,୮।୯ (ଏଜେନ୍ସି)

ଦୁଇ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ମୁକେଶ କୁମାରଙ୍କ ନିୟନ୍ତ୍ରିତ ଓ ସୁନ୍ଦର ବୋଲିଂ ବଳରେ ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫି ଫାଇନାଲ ପୂର୍ବାଞ୍ଚଳ କବ୍‌ଜାରେ ରହିଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ପୂର୍ବାଞ୍ଚଳର ୭୦୮ ରନ୍ ଜବାବରେ ଦକ୍ଷିଣାଞ୍ଚଳ ୬ ୱିକେଟରେ ୨୪୨ ରନ୍ ସଂଗ୍ରହ କରିଛି। ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ତିଳକ ବର୍ମା ୫୬ ଓ ଚାମା ମିଲିନ୍ଦ ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟ ପ୍ରମୁଖ ବ୍ୟାଟର ଦେବଦତ୍ତ ପାଡିକଲ ୬୨, ନାରାୟଣ ଜଗଦୀଶନ ୩୨ ଓ ସ୍ମରଣ ରବିଚନ୍ଦ୍ରନ ୨୩ ରନ୍ କରି ଆଉଟ ହେବା ଫଳରେ ଏହି ମ୍ୟାଚ୍‌ରେ ପୂର୍ବାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ନେବା ସ୍ପଷ୍ଟ ହୋଇଛି। ଖେଳ ଆଉ ଦୁଇ ଦିନ ବାକି ରହିଥିଲାବେଳେ ପୂର୍ବାଞ୍ଚଳ ୪୬୬ ରନ୍‌ରେ ଆଗୁଆ ରହି ତୃତୀୟ ଟାଇଟଲ ଜିତିବା ରାସ୍ତା ସ୍ପଷ୍ଟ କରିଛି। ପୂର୍ବାଞ୍ଚଳ ପକ୍ଷରୁ ପ୍ରମୁଖ ସ୍ପିନର ବ୍ୟାଟିଂ କଲାବେଳେ ଆହତ ହୋଇଥିବାରୁ ଗୋଟିଏ ହେଲେ ବଲ ପକାଇପାରି ନାହାନ୍ତି। କିନ୍ତୁ ଦଳରେ ସ୍ଥାନ ପାଇଥିବା ଦୁଇ ଅନ୍ତର୍ଜାତୀୟ ଅଭିଜ୍ଞ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ମୁକେଶ କୁମାର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରି ମ୍ୟାଚ୍‌କୁ ନିଜ ସପକ୍ଷରେ ନେବାରେ ସଫଳ ହୋଇଛନ୍ତି।



ପ୍ରଥମ ଇନିଂସରେ ସୁନ୍ଦର ୮୫ ରନ୍ କରିଥିବା ଯୁବ ଖେଳାଳି ଶିଖର ମୋହନ ପ୍ରତିପକ୍ଷ ଦଳର ଓପନର ତଥା ସ୍ଥାନୀୟ ଖେଳାଳି ଏନ୍ ଜଗଦୀଶନଙ୍କର ଗୁରୁତ୍ୱପୂର୍ଣ୍ଣ ୱିକେଟ ଅକ୍ତିଆର କରିଛନ୍ତି। ଶେଷ ଭାଗରେ ପ୍ରତିରୋଧ କରୁଥିବା ଶ୍ରେୟସ ଗୋପାଳଙ୍କୁ ଆଉଟ କରି ଅଫ୍ ସ୍ପିନର କୌନେନ୍ କ୍ୟୁରେଶୀ ଏକମାତ୍ର ସଫଳତା ପାଇଥିଲେ ମଧ୍ୟ ପୂର୍ବାଞ୍ଚଳକୁ ପ୍ରଥମ ଇନିଂସ ଅଗ୍ରଣୀ ଦେବା ସ୍ପଷ୍ଟ କରିଛନ୍ତି।

ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳର ଶେଷ ବଲ୍‌ରେ ମୁକେଶ କୁମାର ଆଉଟ ହେବା ପରେ ପୂର୍ବାଞ୍ଚଳର ପ୍ରଥମ ଇନିଂସ ୭୦୮ ରନ୍‌ରେ ଶେଷ ହୋଇଥିଲା। ଦଳ ପକ୍ଷରୁ ଇଶାନ କିଶାନ ସର୍ବାଧିକ ୨୭୦, କୁମାର କୁଶାଗ୍ର ୧୦୧, ଶିଖର ମୋହନ ୮୫, ଅଭିମନ୍ୟୁ ଈଶ୍ୱରନ ୭୨ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ଦଳ ଆଜି ପ୍ରଥମ ଇନିଂସ ଖେଳ ଆରମ୍ଭ କରି ୧୦ରନ୍‌ରେ କାମଚଲା ଓପନର ରିକି ଭୁଇ (୧) ଓ ୭୦ ରନ୍‌ରେ ଜଗଦୀଶନ (୩୨)ଙ୍କ ୱିକେଟ ହରାଇଥିଲା। ଶ୍ରୀଲଙ୍କାରେ କ୍ରମାଗତ ୩ଟି ଶତକ ହାସଲ କରି ଜବରଦସ୍ତ ଫର୍ମରେ ଫେରିଥିବା ଦେବଦତ୍ତ ପାଡିକଲ ଏଠାରେ ଆରାମରେ ଖେଳୁଥିଲେ। ତାଙ୍କଠାରୁ ଦଳ ଏକ ବଡ଼ ଇନିଂସ ଆଶା କରୁଥିଲା। ଲଞ୍ଚ ପରେ ସେ ୬୨ ରନ୍ କରି ମୁକେଶ କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଦକ୍ଷିଣାଞ୍ଚଳ ଦଳରେ ବଡ଼ ଇନିଂସ ଖେଳିବାର ଦକ୍ଷତା ରଖିଥିବା ସ୍ମରଣ ରବିଚନ୍ଦ୍ରନ ୨୩, ଯୁବ ଖେଳାଳି ସେକ୍ ରଶିଦ୍ ୨୭ ଓ ସଂକଟମୋଚନକାରୀ ଶ୍ରେୟସ ଗୋପାଳ ୨୬ରନ୍‌ରେ ଆଉଟ ହେବା ଫଳରେ ପୂର୍ବାଞ୍ଚଳକୁ ଫାଇଦା ମିଳିଥିଲା। ଏବେ କେବଳ ଅଧିନାୟକ ତିଳକ ବର୍ମା ୧୩୩ ବଲ୍‌ରୁ ଧୈର୍ଯ୍ୟପୂର୍ଣ୍ଣ ୫୬ ରନ୍ କରି ଅପରାଜିତ ଅଛନ୍ତି। ତାଙ୍କ ବ୍ୟାଟିଂ ଉପରେ ଦକ୍ଷିଣାଞ୍ଚଳ ହୁଏତ କିଛି ରନ୍ ସଂଗ୍ରହ କରିପାରେ, କିନ୍ତୁ ୭୦୮ ରନ୍‌ର ପ୍ରଥମ ଇନିଂସ ସ୍କୋରକୁ ଅତିକ୍ରମ କରିବା ସମ୍ଭବ ହେବ ନାହିଁ। ଏହା ଫଳରେ ପୂର୍ବାଞ୍ଚଳ ତୃତୀୟଥର ଦୁଲୀପ୍ ଟ୍ରଫି ଚାମ୍ପିଅନ ହେବାର ରାସ୍ତାରେ କେବଳ ତିଳକ ପ୍ରତିବନ୍ଧକ ହୋଇ ଛିଡା ହୋଇଛନ୍ତି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

## ୩ବର୍ଷ ପରେ କ୍ୱାର୍ଟରରେ ଗଫ୍



ନ୍ୟୁୟର୍କ,୮।୯ (ଏଜେନ୍ସି): ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ଆମେରିକାର ଉଦୀୟମାନ ଖେଳାଳି ତଥା ୨୦୨୩ର ଚାମ୍ପିଅନ କୋକୋ ଗଫ୍ ୨୦୨୬ର ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିଲାଗି ସେ ନିଜ ଦେଶର ୧୪ ନମ୍ବର ସିଡ୍ ତଥା ନିଜ ଦେଶର ଇଭା ଜୋଭିଚ୍‌ଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଏହି ସଫଳତା ପାଇଥିଲେ। ନଂ-୪ ସିଡ୍ ଗଫ୍ କ୍ୱାର୍ଟର ଫାଇନାଲରେ ୫ ନମ୍ବର ସିଡ୍ ତଥା ଚଳିତ ବର୍ଷର ଫ୍ରେଞ୍ଚ ଓପନ ଚାମ୍ପିଅନ ରୁଷର ମୀରା ଆନ୍ଦ୍ରୀଭାଙ୍କୁ ଭେଟିବେ। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ନଂ-୨ ସିଡ୍ କାଜାଖସ୍ତାନର ଏଲିନା ରିବାକିନାଙ୍କ ସହ ଅଣସିଡେଡ ଖେଳାଳି ଚୀନ୍‌ର ଝେଙ୍ଗ କ୍ୱିନେନ୍‌ଙ୍କୁ ଭେଟିବେ। ଚତୁର୍ଥ ରାଉଣ୍ଡ ଖେଳରେ ଜାପାନର ତାରକା ଖେଳାଳି ତଥା ନଂ-୧୩ ସିଡ୍ ନାଓମି ଓସାକାଙ୍କୁ ୬-୧, ୬-୧ ସିଧାସଳଖ ସେଟ୍‌ରେ ହରାଇଥିଲେ। ସେହିପରି ଝେଙ୍ଗ୍ ନଂ-୮ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍‌ଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ଆଜି ରାତିରେ ଖେଳାଯିବାକୁ ଥିବା ଅନ୍ୟ ଦୁଇ କ୍ୱାର୍ଟର ଫାଇନାଲରେ ନଂ-୧ ସିଡ ଆରିନା ସାବାଲେଙ୍କାଙ୍କ ସହ ୱିମ୍ବଲଡନ ଚାମ୍ପିଅନ ତଥେ ୬ଷ୍ଠ ସିଡ୍ ଲିଣ୍ଡା ନୋସ୍କୋଭା ଏବଂ ନଂ-୩ ସିଡ୍ ଜେସିକା ପେଗୁଲାଙ୍କ ସହ ଏମ୍ମା ନାଭାରୋଙ୍କର ମୁକାବିଲା ହେବ।

### ନଂ-୧ ଜ୍ୱେରେଭ୍ କ୍ୱାର୍ଟରରେ

ପୁରୁଷ ବିଭାଗରେ ନଂ-୧ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କ ବିଜୟ ସହ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟରରେ ଆମେରିକାର ଦୁଇ ଖେଳାଳି ଫ୍ରାନ୍‌ସେସ୍ ତିଆଫୋଏଙ୍କ ସହ ଆଲେକ୍ସ ମିଚେଲସେନଙ୍କର ଓ ନଂ-୨ ସିଡ୍ କାର୍ଲୋସ ଆଲକାରାଜଙ୍କ ସହ ବେନ୍ ଶେଲଟନଙ୍କର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ସେହିପରି ଆସନ୍ତାକାଲି ରାତିରେ ନଂ-୧ ଜ୍ୱେରେଭଙ୍କ ସହ ଅଣ ସିଡେଡ ଖେଳାଳି ବୋଟିକ୍ ଭାନ୍ ଡି ଜାଣ୍ଡସ୍କଲପ୍‌ଙ୍କର ଏବଂ ନଂ-୨୮ ସିଡ୍ ଆଲେକଜାଣ୍ଡର ବ୍ଲୁକ୍ସଙ୍କ ସହ ଅଣସିଡେଡ ଖେଳାଳି କାରେନ ଖାଚାନୋଭାଙ୍କ ସହ ଲଢ଼େଇ ହେବ। ଗତକାଲି ରାତିରେ ନଂ-୧୪ ସିଡ ଲର୍ଣ୍ଣ ଟିଏନ୍‌ଙ୍କୁ ୫ ମ୍ୟାଚ୍ ବିଶିଷ୍ଟ ମୁକାବିଲାରେ ହରାଇ ଖାଚାନୋଭ୍ ଶେଷ କ୍ୱାର୍ଟର ଫାଇନାଲ ସ୍ଥାନ ସୁରକ୍ଷିତ କରିଥିଲେ।

### ୟୁଏସ୍ ଓପନ କ୍ୱାର୍ଟରଫାଇନାଲ

**ମହିଳା ସିଙ୍ଗଲ୍ସ**

| | |
|---|---|
| ଆରିନା ସାବାଲେଙ୍କା (୧) | - ଲିଣ୍ଡା ନୋସ୍କୋଭା (୬) |
| ଜେସିକା ପେଗୁଲା (୩) | - ଏମ୍ମା ନାଭାରୋ (୨୬) |
| କୋକୋ ଗଫ୍ (୪) | - ମୀରା ଆନ୍ଦ୍ରୀଭା (୫) |
| ଏଲିନା ରିବାକିନା (୨) | - କ୍ୱିନ୍‌ନେନ୍ ଝେଙ୍ଗ୍ (ନାହିଁ) |

**ପୁରୁଷ ସିଙ୍ଗଲ୍ସ**

| | |
|---|---|
| ଫ୍ରାନସେସ୍ ତିଆଫୋଏ (୧୧) | - ଆଲେକ୍ସ ମିଚେଲସେନ୍ |
| କାର୍ଲୋସ ଆଲକାରାଜ୍ (୨) | - ବେନ୍ ଶେଲଟନ (୮) |
| ଆଲେକଜାଣ୍ଡର ଜ୍ୱେରେଭ୍ (୧) | - ବି. ଭାନ୍ ଡି ଜାଣ୍ଡସ୍କଲପ୍ |
| ଆଲେକ୍‌ଜାଣ୍ଡର ବ୍ଲୁକ୍ସ (୨୮) | - କାରେନ୍ ଖାଚାନୋଭ୍ |

## ଭାରତ-ଜାପାନ ଟି-୨୦ ଫ୍ୟାନ୍‌କୋଡ୍‌ରେ ଲାଇଭ୍ ଷ୍ଟ୍ରିମିଂ

ନୂଆଦିଲ୍ଲୀ,୮।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ସେପ୍ଟେମ୍ବର ୨୨ ତାରିଖରେ ହେବାକୁ ଥିବା ଐତିହାସିକ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଅଧିକାର ପାଇଛି ଫ୍ୟାନ୍‌କୋଡ୍। ଗ୍ଲୋବାଲ ଡିଜିଟାଲ ପ୍ରସାରଣ ଅଧିକାର ଲାଗି ମଧ୍ୟ ଫ୍ୟାନ୍‌କୋଡ୍ ଦୌଡ଼ରେ ରହିଛି। ଏହି ମ୍ୟାଚ୍‌ର ଟେଲିଭିଜନ ପ୍ରସାରଣ ଲାଗି ବିଡ୍ ଦାଖଲ କରିବାକୁ ପ୍ରସାରଣକାରୀ ସଂସ୍ଥାଗୁଡିକୁ କୁହାଯାଇଛି। ଖୁବ୍ ଶୀଘ୍ର ପ୍ରସାରଣ ଅଧିକାର କାହାକୁ ମିଳିବ ତାହା ସ୍ପଷ୍ଟ ହେବ। ଜାପାନର ସାନୋ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ସୋନି, ଷ୍ଟାର କିମ୍ବା ଜୀ ଟିଭି ନେଟ୍‌ୱର୍କ ମଧ୍ୟରୁ ଗୋଟିଏ ସଂସ୍ଥା ଏହି ମ୍ୟାଚ୍‌ର ପ୍ରସାରଣ ଅଧିକାର ପାଇବେ ବୋଲି ଆଶା କରାଯାଉଛି।

## ପାରା ତୀରନ୍ଦାଜଙ୍କୁ ୨ ସ୍ୱର୍ଣ୍ଣ

ଅହମ୍ମଦାବାଦ୍,୮।୯ (ଏଜେନ୍ସି): ଭାରତର ପୁରୁଷ ରିକର୍ଭ ଓ କମ୍ପାଉଣ୍ଡ ଟିମ୍ ୱାର୍ଲ୍ଡ ତୀରନ୍ଦାଜୀ ପାରା ସିରିଜ୍‌ରେ ୨ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ତୋମାନ କୁମାର ଓ ଶ୍ୟାମସୁନ୍ଦର ସ୍ୱାମୀ ପୁରୁଷ କମ୍ପାଉଣ୍ଡ ପେୟାରରେ, ହରବିନ୍ଦର ସିଂହ ଓ ବିଜୟ ସୁନ୍ଦି ରିକର୍ଭରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗ ରିକର୍ଭ ଟିମ୍ ଭାବନା ଓ ପୂଜା ଭଲ ପ୍ରଦର୍ଶନ କରି ନ ପାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମହିଳା କମ୍ପାଉଣ୍ଡ ଯୋଡି ମଧ୍ୟ କାଂସ୍ୟ ପଦକ ହରାଇଛି। ଓଡ଼ିଶାର ପାୟଲ ନାଗ ଓ ଶିତଲ ଦେବୀଙ୍କ ଯୋଡି କାଂସ୍ୟ ପଦକ ମୁକାବିଲାରେ ପରାଜିତ ହୋଇଥିଲେ।

## ଏଆଇଟିଏ ସଭାପତି ପଦ ପାଇଁ ଲଢ଼ିବେ ଲିଆଣ୍ଡର



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ସର୍ବଭାରତୀୟ ଟେନିସ୍ ଆସୋସିଏସନ୍ (ଏ ଆ ଇ ଟି ଏ) ର ସଭାପତି ପଦ ପାଇଁ ନିର୍ବାଚନରେ ଲଢ଼ିବେ। ୫୩ ବର୍ଷୀୟ ଲିଆଣ୍ଡର ବର୍ତ୍ତମାନ ବେଙ୍ଗଲ୍ ଟେନିସ୍ ଆସୋସିଏସନ୍ (ବିଟିଏ)ର ସଭାପତି ରହିଛନ୍ତି। ଏଆଇଟିଏ'ର ସଭାପତି ପଦ ପାଇଁ ପ୍ରାର୍ଥୀ ଭାବରେ ବିଟିଏ ପକ୍ଷରୁ ଲିଆଣ୍ଡରଙ୍କୁ ସମର୍ଥନ କରାଯାଇଛି। ସୋମବାର ଅନୁଷ୍ଠିତ ବିଟିଏ'ର କାଉନସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରୋଜର ଫେଡେରରଙ୍କ ଟେନିସ୍ ହଲ୍ ଅଫ୍ ଫେମରେ ସାମିଲ ହେବା ଲାଗି ଲିଆଣ୍ଡର ବର୍ତ୍ତମାନ ଆମେରିକା ଗସ୍ତରେ ରହିଛନ୍ତି। ବିଟିଏ'ର ପ୍ରସ୍ତାବକୁ ପେସ୍ ଗ୍ରହଣ କରିଥିବା ଜଣାପଡ଼ିଛି। ପେସଙ୍କ ସମ୍ମତି ପରେ ବିଟିଏ ତାଙ୍କର ନାମାଙ୍କନ ଦାଖଲ କରିବ ବୋଲି ଆଶା କରାଯାଉଛି। ପେସ୍ ଏହି ମାସ ଶେଷରେ ଫେରିବା ପରେ ଏ ସମ୍ପର୍କରେ ଏକ ଆନୁଷ୍ଠାନିକ ଘୋଷଣା କରାଯିବାର ସମ୍ଭାବନା ରହିଛି। ଜାତୀୟ କ୍ରୀଡ଼ା ମହାସଂଘର ନୂତନ ସଂଶୋଧିତ ସମ୍ବିଧାନ ଅନୁଯାୟୀ ପେସ୍'ଙ୍କ ପ୍ରସ୍ତାବିତ ପ୍ରାର୍ଥୀତ୍ୱ ପାଇଁ ଏହି ଆବେଦନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନଭେମ୍ବର ୨୦୨୫ରେ ପେସ ବେଙ୍ଗଲ ସଂଘର ସଭାପତି ନିର୍ବାଚିତ ହେବା ପରେ ତାଙ୍କର ଟେନିସ୍ ପ୍ରଶାସନରେ ପ୍ରବେଶ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା।

ଓଡିଶା ହ୍ୟାଣ୍ଡବଲ ସଂଘ ନିର୍ବାଚନ

## ବିପ୍ଳବ ସଭାପତି, ମାନସ ସମ୍ପାଦକ




ଭୁବନେଶ୍ୱର, ୮।୯ (ସମିସ): ପୁରୀର ଝଡ଼େଶ୍ୱରୀ କ୍ଲବଠାରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରିତ୍ୱିକ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ କୁମାର ନାୟକ ଏବଂ ହ୍ୟାଣ୍ଡବଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଚଏଆଇ)ରୁ ପର୍ଯ୍ୟବେକ୍ଷକ ଭାବେ ଝାଡ଼ଖଣ୍ଡ ସଂଘର କୋଷାଧ୍ୟକ୍ଷ ସୟଦ ସମିମି ଅହମଦ୍ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ଚାରି ବର୍ଷ ପାଇଁ କାର୍ଯ୍ୟକାରୀ ସମିତିର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ନୂତନ କାର୍ଯ୍ୟକାରୀ ସମିତିରେ ସଭାପତି ଭାବେ ବିପ୍ଳବ ଚୌଧୁରୀ ଓ ସମ୍ପାଦକ ଭାବରେ ଙ୍ଗ ମାନସ କୁମାର ସିଂ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପ ସଭାପତି ରତ୍ୱିକ ଅଧିକାରୀ, ସୁରେଶ ଚନ୍ଦ୍ର ପାଢ଼ୀ, ରମେଶ ପୃଷ୍ଟି, ପାର୍ଥସାରଥୀ ମହାପାତ୍ର, ଯୁଗ୍ମ ସମ୍ପାଦକ ଗୌରୀ ଶଙ୍କର ମିଶ୍ର, ଗୀତାଞ୍ଜଳି ଦାଶ, କୋଷାଧ୍ୟକ୍ଷ ଭାବରେ ଶୀତେନ୍ଦ୍ରନାଥ ଦାସ ଏବଂ କାର୍ଯ୍ୟକାରୀ ସଦସ୍ୟମାନେ ହେଲେ ସାରଦା ପ୍ରସାଦ ଦାସ, ପ୍ରଶାନ୍ତ ରଥ, ଶୁଭେନ୍ଦୁ ନାରାୟଣ ଚୌଧୁରୀ, ପ୍ରତାପ କୁମାର ମହାନ୍ତି, ପ୍ରଣୟ କୁମାର ପାଣି ଓ ବିଷ୍ଣୁପ୍ରସାଦ ପଟ୍ଟନାୟକ ଆଗାମୀ ୪ବର୍ଷ ଲାଗି ନିର୍ବାଚିତ ହୋଇଛନ୍ତି।

# 'ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ ଆମର ଲକ୍ଷ୍ୟ'




ବେଙ୍ଗାଲୁରୁ,୮।୯ (ଏଜେନ୍ସି)

ଅଧିନାୟିକା ସଲିମା ଟେଟେଙ୍କ ନେତୃତ୍ୱ ଓ ହେଡ୍ କୋଚ୍ ଜୋଏର୍ଡ ମାରିନଙ୍କ ପ୍ରଶିକ୍ଷଣରେ ଭାରତୀୟ ମହିଳା ହକି ଦଳ ଏବେ ସଫଳତାର ଶୀର୍ଷରେ ରହିଛି। ମାରିନ୍ ଚଳିତବର୍ଷ ହେଡ କୋଚ୍ ଦାୟିତ୍ୱ ନେବା ପରେ ୱାର୍ଲ୍ଡକପ୍ କ୍ୱାଲିଫାୟର୍ସରେ ରନର୍ସ ଅପ୍, ଭାରତ ନେସନ୍ସ କପ ଚାମ୍ପିଅନ ହୋଇ ମହିଳା ପ୍ରୋ-ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଏହା ପରେ ବେଲଜିୟମ ଓ ନେଦରଲ୍ୟାଣ୍ଡସରେ ଅନୁଷ୍ଠିତ ବିଶ୍ୱକପ୍‌ରେ ୫ମ ସ୍ଥାନ ଅଧିକାର କରି ଐତିହାସିକ ସଫଳତା ପାଇବା ପରେ ମହିଳା ଦଳ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସରେ ଚାମ୍ପିଅନ ହେବା ଲକ୍ଷ୍ୟ ରଖିଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବା ସହ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ଆମର ଲକ୍ଷ୍ୟ ବୋଲି ଭାରତ ଛାଡିବା ପୂର୍ବରୁ ଅଧିନାୟିକା ସଲିମା ଟେଟେ କହିଛନ୍ତି। ଏହି ଲକ୍ଷ୍ୟରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି ଚୀନ। ଉଭୟ ଦେଶ ମଧ୍ୟରେ ହୋଇଥିବା ବିଶ୍ୱକପ୍ ମୁକାବିଲା ୨-୨ ଗୋଲରେ ଡ୍ର ରହିଥିଲା। ଏସିଆନ ଗେମ୍ସରେ ଚାମ୍ପିଅନ ହେବା ଅର୍ଥ ଚୀନ୍, ଦକ୍ଷିଣ କୋରିଆ ଓ ଜାପାନ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ବିଜୟୀ ହେବା। ଏଣୁ ଭାରତକୁ ଏହି ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବିଜୟୀ ହେବାକୁ ହେଲେ ଅଧିକ ଉନ୍ନତ ପ୍ରଦର୍ଶନ ଦେବାକୁ ହେବ। ସୁନେଲିତା ଟପ୍ପୋ ଏହି ଭାରତୀୟ ମହିଳା ହକି ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ସ୍ଥାନ ପାଇଛନ୍ତି।

ଅନ୍‌ମୋଲ ଏକ୍କାଙ୍କ ଡବଲ ଗୋଲ୍

## ଭାରତଠୁ ୭-୩ ଗୋଲ୍‌ରେ ହାରିଲା ଦକ୍ଷିଣ କୋରିଆ



ମୋକି/ଚୀନ୍,୮।୯ (ଏଜେନ୍ସି): ଅଧିନାୟକ ତଥା ଓଡ଼ିଆ ଡ୍ରାଗ୍ ଫ୍ଲିକର ଅନ୍‌ମୋଲ ଏକ୍କାଙ୍କ ଡବଲ ଗୋଲ ବଳରେ ଏଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଏସିଆ କପ୍ ହକିର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତ ୭-୩ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏହା ଫଳରେ ୩ଟି ମ୍ୟାଚ୍‌ରୁ ୭ ପଏଣ୍ଟ ପାଇ ପୁଲ-ଏ'ରେ ପ୍ରଥମ ସ୍ଥାନରେ ରହିବା ସହ ସେମିଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିଛି।

ବିଶେଷକରି ଆସନ୍ତାକାଲି ଶେଷ ଲିଗ୍ ମ୍ୟାଚ୍‌ରେ ଚାଇନିଜ୍ ତାଇପେ ସହ ଖେଳିବାକୁ ଥିବା ଭାରତ ନିଜ ଗ୍ରୁପ୍‌ରେ ପ୍ରଥମ ସ୍ଥାନରେ ରହିବା ସ୍ପଷ୍ଟ ହୋଇଛି। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇଥିବା ଅନ୍‌ମୋଲ ଏହାକୁ ମିଶାଇ ଚଳିତ ଟୁର୍ଣ୍ଣାମେଣ୍ଟରେ ୮ଟି ଗୋଲ ଦେବାର ରେକର୍ଡ କରିଛନ୍ତି। ଆଜିର ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଭାରତ ଗୋଟିଏ ଗୋଲ ଦେବା ପରେ ଦକ୍ଷିଣ କୋରିଆ ତାହାକୁ ଶୁଝାଇଦେଇଥିଲେ। ତୃତୀୟ କ୍ୱାର୍ଟରରେ ୪-୩ରେ ଅଗ୍ରଣୀ ରହିଥିବା ଭାରତ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଭାରତ ୩ଟି ଗୋଲ ଦେବା ଫଳରେ ଏହି ମୁକାବିଲାକୁ ୭-୩ରେ ଜିତିନେଇଥିଲା। ଏହା ମଧ୍ୟରୁ ଆର୍ଯ୍ୟନ ଖେସ୍ ମଧ୍ୟ ଗୋଟିଏ ଗୋଲ ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS